R.N.I. REGN. No. 65000/96 POSTAL REGN. No. OR/BN-32/12-14

03 November 2025, Monday

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯
ତିଥି : ତ୍ରୟୋଦଶୀ
୦୩ ନଭେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

## ବିଶ୍ୱକୁ ମିଳିଲା ନୂଆ ବିଜେତା

# ଭାରତ ମହିଳା ବିଶ୍ୱ କପ୍ ଚାମ୍ପିଅନ

ମୁମ୍ବାଇ, ୨।୧୧(ଏଜେନ୍ସି) : ମହିଳା ଦିନିକିଆ ବିଶ୍ୱ କପ୍‌ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜଲାଣ୍ଡର ପ୍ରାଧାନ୍ୟ ଶେଷ ହୋଇଛି । ଦୀର୍ଘ ୨୫ ବର୍ଷ ପରେ ମହିଳା ବିଶ୍ୱ କପକୁ ମିଳିଛି ନୂଆ ବିଜେତା । ଦୁଇଥର ଉପବିଜେତା ହେବାର ଦୁଃଖ ପରେ ଭାରତ ୨୦୨୫ରେ ଟ୍ରଫି ତୋଳି ଧରିବାର ସୁଖଦଃ ଅନୁଭୂତି ପାଇଛି । ହରମନପ୍ରିତ କୌରଙ୍କ ନେତୃତ୍ୱାଧୀନ ଭାରତ ଇତିହାସ ରଚିଛି । ପ୍ରତି ମ୍ୟାଚରେ ଜଣେ ଦୁଇଜଣ ଖେଳାଳିଙ୍କ ବିଶ୍ୱାସନୀୟ ପ୍ରଦର୍ଶନ ଭାରତକୁ ବିଶ୍ୱ ବିଜେତା ବନାଇଛି । କିନ୍ତୁ ବିଶ୍ୱ କପ୍ ଫାଇନାଲରେ ଭାରତୀୟ ମହିଳା ଦଳର ପ୍ରତିଟି ସଦସ୍ୟ ଦୃଢ ଆତ୍ମ ବିଶ୍ୱାସର ସହ ଦକ୍ଷିଣ ଆଫ୍ରିକା ଦଳକୁ ଧୂଳି ଚଟାଇବାରେ ସକ୍ଷମ ହୋଇଛନ୍ତି । ବର୍ଷା ବାଧକ ସତ୍ତ୍ୱେ ଭାରତୀୟ ଦଳର ପ୍ରଦର୍ଶନ ଆଗରେ ସବୁ ବାଧାବିଘ୍ନ ପାଣି ଫୋଟକା ପରି ମିଳାଇଯାଇଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୮ ରନ୍ କରିଥିଲା । ୨୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ୍ କରି ଅଲଆଉଟ୍ ହୋଇଥିଲା । ୫୨ ରନ୍‌ର ବଡ ବ୍ୟବଧାନ ସହ ଭାରତର ବିଜୟ ମହିଳା ଦିନିକିଆ ବିଶ୍ୱ କପ୍ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ଫାଇନାଲରେ ଶେଫାଳି ବର୍ମାଙ୍କ ୮୭ ଓ ଦିପ୍ତୀ ଶର୍ମାଙ୍କ ୫୮ ରନ୍‌ର ଇନିଂସ ସହ ବୋଲିଂରେ ଦିପ୍ତୀଙ୍କ ୫ ୱିକେଟ୍ ଭାରତ ବିଜୟର ପ୍ରମୁଖ ଶିରନାମା ସାଜିଛି ।

ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ବିଜୟ ପରଠୁ ଭାରତୀୟ ଦଳ ଭଲ ଲୟରେ ରହିଛି । ଏହା ମଧ୍ୟ ପ୍ରଥମ ୱିକେଟ୍ ପାଇଁ ଶତକୀୟ ପାର୍ଟନରସିପ୍‌ରୁ ପ୍ରତିତ ହୋଇଥିଲା । ସ୍ମୃତି ମନ୍ଧାନାଙ୍କ ସହ ଶେଫାଳି ବର୍ମା ୧୭.୪ ଓଭରରେ ୧୦୪ ରନ୍ ସଂଗ୍ରହ କରି ଭାରତର ମୂଳଦୁଆକୁ ସୁଦୃଢ କରିଥିଲେ । ମନ୍ଧାନା ୫୮ ବଲରୁ ୪୫ ରନ୍ କରି ପାଭିଲିୟନ ଫେରିଥିଲେ । ଶେଫାଳି ୭୮ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ଦୁଇ ଛକା ସହାୟତାରେ ୮୭ ରନ୍ କରିଥିଲେ । ମଧ୍ୟମ କ୍ରମରେ ସମସ୍ତ ବ୍ୟାଟରଙ୍କ ଯୋଗଦାନ ଅତୁଳନୀୟ ଥିଲା ।




ଜେମିମା ରୋଡ୍ରିଗ୍ସ ୨୪ ରନ୍ କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୧୨୭ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଜେମିମା ଫାଇନାଲରେ ବଡ ଯୋଗଦାନ ଦେଇପାରିନାହାଁନ୍ତି । ତଥାପି ଫିଲ୍ଡିଂରେ ଉଚ୍ଚକୋଟିର ପ୍ରଦର୍ଶନ ସହ କ୍ୟାଚ୍ ଧରିବା ପ୍ରତିପକ୍ଷ ଦ. ଆଫ୍ରିକାକୁ ଅଣ୍ଟା ସଳଖିବାର ସୁଯୋଗ ଦେଇନଥିଲା । ଅଧିନାୟକ ହରମନପ୍ରିତ କୌର ୨୦, ଦିପ୍ତୀ ଶର୍ମା ୫୮, ଅମନଜୋତ କୌର ୧୨, ରିଚା ଘୋଷ ୩୪ ରନ୍‌ର ଇନିଂସ ଖେଳି ଦଳୀୟ ସ୍କୋରକୁ ୫୦ ଓଭରରେ ୨୯୮/୭ରେ ପହଞ୍ଚାଇଥିଲେ । ବୋଲିଂରେ ଦ. ଆଫ୍ରିକାର ଆୟବୋଙ୍ଗା ଖାକା ୩ ଟି , ନୋନକୁଲ ଲେକୋ ମାଲାୱା, ନାଦିନ ଡି କ୍ଲାର୍କ ଓ ଚୋଲି ଟ୍ରାଅନ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୯୯ ରନ୍‌ର ବିଜୟ ଲକ୍ଷ୍ୟ ଦ. ଆଫ୍ରିକା ପାଇଁ ଆରମ୍ଭରୁ ହିଁ ଚାଲେଞ୍ଜପୂର୍ଣ୍ଣ ଥିଲା । ଓପନର ତଥା ଅଧିନାୟିକା ଲୌରା ଓଲଭରଡିଟ୍ ଶତକୀୟ ଇନିଂସ ଖେଳି ଦ ଆଫ୍ରିକା ଶିବିରରେ ଆଶା ଭରି ଦେଇଥିଲେ । କିନ୍ତୁ ମଧ୍ୟମ କ୍ରମରେ ଲୌରାଙ୍କୁ ଉଚିତ ସମର୍ଥନ ନମିଳିବା ଦଳ ପରାଜୟର କାରଣ ବୋଲି କୁହାଯାଉଛି । ତାଜମିନ୍ ବ୍ରିଟସ୍ ୨୩, ସୁନିଲସ୍ ୨୫, ସିନାଲୋ ଜାପଟା ୧୬, ଆନେରୀ ଡାର୍କସେନ୍ ୩୫, ନାଦିନ ଡି କ୍ଲାର୍କ ୧୮ ରନ୍ କରିଥିଲେ । ୫୮ ରନ୍‌ର ଉପଯୋଗୀ ଇନିଂସ ଖେଳିଥିବା ଦିପ୍ତୀ ଶର୍ମା ବୋଲିଂରେ ମଧ୍ୟ ଚମକ ଦେଖାଇଥିଲେ । ସେ ୯.୩ ଓଭର ବୋଲିଂ କରି ( ୯ ପୃଷ୍ଠାରେ)

## ଏସଆଇ ପରୀକ୍ଷା ଜାଲିଆତି ଘଟଣା

# ଶଙ୍କର ଓ ମୁନାକୁ ମୁହାଁମୁହିଁ ଜେରା

କଟକ,୨।୧୧(ସବ୍ୟୁ): ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ଜାଲିଆତି ଘଟଣାଟିର ସମ୍ପୂର୍ଣ୍ଣ କାହାଣୀ ପର୍ଦ୍ଦାଫାଶ ହେବାରେ ଲାଗିଛି । ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ କଟକ ସ୍ଥିତ ମୁଖ୍ୟାଳୟକୁ ଆଣି ମାରାଥନ ଜେରା କରିଛି । ଶଙ୍କର ପୃଷ୍ଟିର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କୁ ମଧ୍ୟ ଏହି ଘଟଣା ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅଧିକାରୀ



## ପୁଲିସ ଉଚ୍ଚପଦାଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି !

ପଚରାଉଚୁରା କରିଛନ୍ତି । ଏପରିକି ଶଙ୍କର ଓ ମୁନାକୁ ମୁହାଁମୁହିଁ ଜେରା କରାଯାଇଛି । ମୁନାକୁ ୫ ଦିନିଆ ରିମାଣ୍ଡରେ ଆଣି ଘଟଣାର ଖୋଳତାଡ଼ କରୁଛି କ୍ରାଇମବ୍ରାଞ୍ଚ । ଶଙ୍କର ସହ ଏସଆଇ ପରୀକ୍ଷା ଜାଲିଆତି ଘଟଣାରେ କେଉଁ କେଉଁ ମାନେ ସାମିଲ ହୋଇ ଶଙ୍କରର ସହଯୋଗୀଭାବେ କାର୍ଯ୍ୟ କରୁଥିଲେ ସେ ନେଇ କ୍ରାଇମବ୍ରାଞ୍ଚ ଟିମ ତନାଘନା ଆରମ୍ଭ କରିଛି । ବିଶେଷ କରି ଓଡ଼ିଶା ପୁଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ପ୍ରଶ୍ନପତ୍ର ଶଙ୍କର ହାତକୁ କିପରି ଆସିଥିଲା ? ପରୀକ୍ଷାର୍ଥୀମାନଙ୍କ ସହ କିଭଳି ଯୋଗାଯୋଗ କରାଯାଇଥିଲା ? ଏ ବାବଦରେ କେତେ ଟଙ୍କା ଅଗ୍ରିମ ଅଣାଯାଇଥିଲା ? ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କ୍ରାଇମବ୍ରାଞ୍ଚ ଟିମ୍ ଉଭୟଙ୍କୁ ତୁହାକୁ ତୁହା ପ୍ରଶ୍ନ କରିଥିଲେ । ଶଙ୍କର ଓ ମୁନାଙ୍କୁ ସାମ୍ନାସାମ୍ନି ଜେରା କରି କ୍ରାଇମବ୍ରାଞ୍ଚ ଟିମ୍ ବହୁ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଛି । ଏହି ଘଟଣାରେ କେତେକ ଅବସରପ୍ରାପ୍ତ ଓ କାର୍ଯ୍ୟରତ ପୁଲିସ ପଦାଧିକାରୀ ସାମିଲ ଥିବା ସନ୍ଦେହ କରାଯାଉଛି । କେବଳ ଶଙ୍କର ନୁହେଁ ବରଂ ଏହି ଜାଲିଆତି ମାମଲାରେ ଆହୁରି ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ସଂପୃକ୍ତି ରହିଥିବାର କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଜେରା ବେଳେ ଜାଣିବାକୁ ପାଇଛନ୍ତି । ସେହିଭଳି ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଥିବା ଖବର ମିଳିଛି । ପ୍ରକାଶଥାଉ କି ଏସଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କରକୁ କ୍ରାଇମବ୍ରାଞ୍ଚ ଉତ୍ତରାଖଣ୍ଡରୁ ଗିରଫ କରିଥିଲା । ( ୯ ପୃଷ୍ଠାରେ)

# କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ

ଭୁବନେଶ୍ୱର, ୨।୧୧, (ସବ୍ୟୁ) :ଶ୍ରୀକ୍ଷେତ୍ରର ବିକାଶ ପାଇଁ ସମୀକ୍ଷା ହୋଇଥିବା ବେଳେ କାମ ଆରମ୍ଭ ହୋଇଛି । ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ବସିବ । ଏନେଇ ଖୁବ ଶୀଘ୍ର ଆସିବ ମର୍ଗେଦର୍ଶିକା ବା ଏସଓପି । ଶୃଙ୍ଖଳିତ ଦର୍ଶନ ହେଲେ କୌଣସି ଅସୁବିଧା ହେବ ନାହିଁ । ଭକ୍ତଙ୍କୁ ଅନୁରୋଧ ଦର୍ଶନ ସମୟରେ ତରବର ନହୋଇ ମନ୍ଦିର ପ୍ରଶାସନ ପକ୍ଷରୁ ଯାହା

- ୧୧ରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା
- ରତ୍ନଭଣ୍ଡାର ଭିତରେ ହେବ ଗଣତି ମଣତି
- ଖୁବଶୀଘ୍ର ଆସିବ ମାର୍ଗଦର୍ଶିକା



ବ୍ୟବସ୍ଥା ହୋଇଛି ସହଯୋଗ କରନ୍ତୁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଓ ରତ୍ନଭଣ୍ଡାର ଭିତରେ ଗଣତି ମଣତି ହେବ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଗତ ସେପେଟମ୍ବର ମାସରେ ସଂରକ୍ଷଣ ତଥା ମରାମତି ପରେ ନୂଆ ରୂପ ପାଇଥିବା ଶ୍ରୀମନ୍ଦିର ( ୯ ପୃଷ୍ଠାରେ)

## ଦେଶଦ୍ରୋହ ମାମଲା ହସିନାଙ୍କ ସମେତ ୨୬୦ ଜଣ ପଳାତକ ଘୋଷିତ

ଢାକା,୨।୧୧: ବାଂଲାଦେଶର ଆପରାଧିକ ଅନୁସନ୍ଧାନ ବିଭାଗ (ସିଆଇଡି) ଏକ ନୋଟିସ୍ ଜାରି କରି ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏବଂ ଅନ୍ୟ ୨୬୦ ଜଣଙ୍କୁ "ଜୟ ବାଂଲା ବ୍ରିଗେଡ୍' ପ୍ଲାଟଫର୍ମ ସହ ଜଡିତ ଦେଶଦ୍ରୋହ ମାମଲାରେ ପଳାତକ ଘୋଷଣା କରିଛି । ଗୃହ ମନ୍ତ୍ରାଳୟର ଅନୁମୋଦନକ୍ରମେ ସିଆଇଡି ଦେଶଦ୍ରୋହ ମାମଲାର ତଦନ୍ତ ଆରମ୍ଭ କରିଥିଲା । ଢାକା ଟ୍ରିବ୍ୟୁନ୍ ରିପୋର୍ଟ ଅନୁଯାୟୀ, ଏହି ଅନୁସନ୍ଧାନରେ ଅନ୍ଲାଇନ୍ ପ୍ଲାଟଫର୍ମ "ଜୟ ବାଂଲା ବ୍ରିଗେଡ୍' ମାଧ୍ୟମରେ ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଷଡ୍ୟନ୍ତ୍ରକାରୀ କାର୍ଯ୍ୟକଳାପର ପ୍ରମାଣ ପ୍ରକାଶ ପାଇଛି, ଯାହା ବୈଧ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ହୋଇଛି । ପ୍ଲାଟଫର୍ମ ଅନୁଯାୟୀ, ଏହି ବ୍ରିଗେଡ୍ ଶେଖ୍ ହସିନା ଓ ତାଙ୍କ ପିତା ଶେଖ୍ ମୁଜିବୁର ରହମାନଙ୍କ ନେତୃତ୍ୱର ଦୃଢ଼ ସମର୍ଥକ ।ଅଭିଯୋଗ ଅନୁସାରେ, ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦୟୁନୁସ୍ ଜଣେ ଷଡ଼୍ୟନ୍ତ୍ରକାରୀ, ହତ୍ୟାକାରୀ ଓ "ଭିଡ଼ ନ୍ୟାୟର ଜନକ' ଯିଏ ବାଂଲାଦେଶରେ ଆତଙ୍କବାଦ ଓ ଉଗ୍ରବାଦକୁ ପ୍ରୋତ୍ସାହନ ଦେଇଥିଲେ । ସର୍ଭର ଓ ସୋସିଆଲ ମିଡିଆରୁ ଡିଜିଟାଲ୍ ତଥ୍ୟର ଫୋରେନସିକ୍ ବିଶ୍ଳେଷଣ ସହିତ ଅନୁସନ୍ଧାନ ଶେଷ ହେବା ପରେ ସିଆଇଡି ଶେଖ୍ ହସିନାଙ୍କ ସମେତ ୨୮୬ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା ।

# ଡିସେମ୍ବର ୩୧ ସୁଦ୍ଧା ଇ-କେୱାଇସି ଅବଧି ବଢ଼ିଲା

ଭୁବନେଶ୍ୱର,୨।୧୧,(ସବ୍ୟୁ) : ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀମାନଙ୍କ ପାଇଁ ଖୁସି ଖବର । କୌଣସି କାରଣରୁ ଏପର୍ଯ୍ୟନ୍ତ ଇ-କେୱାଇସି କରାଇନପାରିଥିବା ହିତାଧିକାରୀମାନେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ନିକଟସ୍ଥ ସରକାର ସମୟରେ ଅନେକ ଭୂତ ହିତାଧିକାରୀ ଚାଉଳ ଉଠାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଧରପଗଡ଼ ଆରମ୍ଭ ହୋଇଥିଲା । ରାଜ୍ୟର ଲକ୍ଷାଧିକ ଲୋକ ଇ-କେୱାଇସି

## ରାସନକାର୍ଡ଼ କେନ୍ଦ୍ରରେ ଇ-କେୱାଇସି କରିପାରିବେ

## ଉପାନ୍ତ ଅଞ୍ଚଳରେ ନେଟୱାର୍କ ନଥିବାରୁ ହୋଇପାରୁନି

## ଅଯୋଗ୍ୟ ହିତାଧିକାରୀ ଧରାପଡ଼ିବା ଭୟରେ କରୁନାହାନ୍ତି ଇ-କେୱାଇସି

ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନକାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ଇ-କେୱାଇସି କରିପାରିବେ । ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଗତ ସେପ୍ଟେମ୍ବର ୩୦ ତାରିଖରେ ଇ-କେୱାଇସି କରିବାର ଶେଷ ତାରିଖ ରହିଥିଲା । କେନ୍ଦ୍ର ସରକାର ଏହି ପ୍ରକ୍ରିୟାକୁ ବନ୍ଦ କରିଦେଇଛନ୍ତି । ପୂର୍ବ ନକରିବା ପଛରେ ଅନେକ କାରଣ ରହିଛି । ଅଯୋଗ୍ୟ ହିତାଧିକାରୀ ଧରାପଡ଼ିବା ଭୟରେ ଇ-କେୱାଇସି କରୁନାହାନ୍ତି । ଉପାନ୍ତ ଅଞ୍ଚଳରେ ନେଟୱାର୍କ ସମସ୍ୟା ପାଇଁ ବହୁ ହିତାଧିକାରୀ ଅପଡେଟ୍ କରିପାରିନାହାନ୍ତି । ଏହା ସହ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିନାହାନ୍ତି ।

ଜାତୀୟ ( ୯ ପୃଷ୍ଠାରେ )

## ନୂଆପଡ଼ା ଉପ ନିର୍ବାଚନ

# ଯୁବ ଭୋଟରଙ୍କ ପସନ୍ଦ ହୋଇପାରେ 'ବ୍ୟକ୍ତିତ୍ୱ'

ଭୁବନେଶ୍ୱର,୨।୧୧,(**ସତ୍ୟ ସୁନ୍ଦର ଭଞ୍ଜ**): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର ଜୋର ଧରିଥିବା ବେଳେ ଯୁବ ଓ ନବାଗତ ଭୋଟର ମାନେ ନୀରବରେ ପ୍ରାର୍ଥିଙ୍କ ଯୋଗ୍ୟତା ଓ ଦକ୍ଷତା ପରଖୁଛନ୍ତି । ନୂଆପଡ଼ା ଉପନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୨,୫୩,୬୨୪ ରହିଥିବା ବେଳେ ତନମଧ୍ୟରୁ ୧ ଲକ୍ଷ ୨୪ ହଜାର ୧୦୮ ପୁରୁଷ ଓ ୧ଲକ୍ଷ ୨୯ ହଜାର ୪୯୫ ହେଉଛନ୍ତି ମହିଳା ଭୋଟର । ପ୍ରଥମ ଥର ଭୋଟ ଦେବାକୁ ଥିବା ଯୁବ ଭୋଟର ୯୪୨୯ । ସମୁଦାୟ ଯୁବ ଭୋଟର ବର୍ଗରେ ୪୫,୪୪୧ ଭୋଟର ରହିଥିବା ବେଳେ ସେମାନଙ୍କୁ ବୟସ ବର୍ଗରେ ଭାଗ ଭାଗ କରାଯାଇଛି । ସେଥିମଧ୍ୟରୁ ୧୮ ରୁ ୧୯ ବର୍ଷ ବୟସ ବର୍ଗରେ ୨୨, ୯୭୭ ଓ ୨୦ରୁ ୨୯ ବର୍ଷ ବୟସ ବର୍ଗରେ ୧୩,୦୩୫ ଯୁବ ବର୍ଗର ଭୋଟର ରହିଛନ୍ତି । ଏହି ବର୍ଗର ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେପି, କଂଗ୍ରେସ ଓ ବିଜେଡ଼ିର ଛାତ୍ର ସଂଗଠନ ମାନେ ଭିନ୍ନ ଭିନ୍ନ କୌଶଳ ଆପାଣାଉଥିବା ଦେଖାଯାଇଛି । କିନ୍ତୁ ଏହି ବର୍ଗର ଶିକ୍ଷିତ ଯୁବକ ମାନେ ସିଧାସଳଖ ସେମାନେ କାହାକୁ ଭୋଟ ଦେବେ କହୁନଥିବା ବେଳେ ୩ ପ୍ରମୁଖ ଦଳର ପ୍ରାର୍ଥିଙ୍କ ଯୋଗ୍ୟତା, ଦକ୍ଷତା, ପାରିବାପଣିଆ ଓ ବ୍ୟକ୍ତିତ୍ୱକୁ ପରଖୁ ଥିବା ଜଣାପଡ଼ିଛି ।

ନୂଆପଡ଼ା ବ୍ଲକର ମୋଟ ପ୍ରାୟ ୧୧୩ଖଣ୍ଡ ଗାଁ ରେ ସର୍ବାଧିକ ୧ ଲକ୍ଷରୁ ଅଧିକ ଭୋଟର ରହିଥିବା ବେଳେ କୋମନା ବ୍ଲକର ୧୫୫ ଗୋଟି ଗ୍ରାମର ସର୍ବାଧିକ ୧ଲକ୍ଷ ୩୦ ହଜାର ଭୋଟର ରହିଛନ୍ତି । ଖରିଆର ରୋଡ଼




ଏନଏସି ରେ ମୋଟ ୧୭ ଗୋଟି ୱାର୍ଡ଼ରେ ପ୍ରାୟ ୨୦ ହଜାର ଭୋଟର ଏବଂ ନୂଆପଡ଼ା ଏନଏସିର ମୋଟ ୧୩ଟି ୱାର୍ଡ଼ରେ ପ୍ରାୟ ୧୪ ହଜାର ଭୋଟର ଅଛନ୍ତି ।

ଗତ ୪ଦଶନ୍ଧୀର ବିଭିନ୍ନ ନିର୍ବାଚନକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ନୂଆପଡ଼ା ଏକ ଦାଦନ ପ୍ରବଳ ଜିଲ୍ଲା ହୋଇଥିବାରୁ ଏଠାରେ ଦାଦନ ଶ୍ରମିକ ମାନେ ମଧ୍ୟ ବହୁ ମାତ୍ରାରେ ନିର୍ବାଚନକୁ ପ୍ରଭାବିତ କରିଥାନ୍ତି । ରାଜ୍ୟ ସରକାରଙ୍କ ୨୦୨୪ ସର୍ଭେ ରିପୋର୍ଟ ଅନୁସାରେ ନୂଆପଡ଼ା ସମେତ ୧୧ ଗୋଟି ଜିଲ୍ଲାରୁ ପ୍ରାୟ ୭୦ ପ୍ରତିଶତରୁ ଉର୍ଦ୍ଧ ଶ୍ରମିକ ଦକ୍ଷିଣଭାରତର ୫ ରାଜ୍ୟକୁ ବିଭିନ୍ନ ଇଟାଭାଟିରେ କାମ କରିବାକୁ ଦାଦନ ଯାଇଥାନ୍ତି । ନୂଆପଡ଼ାରେ ୨୦୦୦ରୁ ୨୦୨୪ ମସିହା ମଧ୍ୟରେ ହୋଇଥିବା ନିର୍ବାଚନ ମାନଙ୍କରେ ଭୋଟ ପ୍ରତିଶତ ୬୯ ରୁ ୭୪ ପ୍ରତିଶତ ରହିଥିବା ବେଳେ ଆଗାମୀ ଉପନିର୍ବାଚନ ସର୍ବାଧିକ ୮୦ ପ୍ରତିଶତ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଉଛି ।

ଅନ୍ୟ ପକ୍ଷରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ୬ଟି ନିର୍ବାଚନ ଫଳଫଳକୁ ଦେଖିଲେ ଜଣାପଡୁଛି ଯେ ନୂଆପଡ଼ାବାସୀ କୌଣସି ନିର୍ଦ୍ଦିଷ୍ଟ ଦଳକୁ ସେମାନଙ୍କ ମତଦାନକୁ ଏକତରଫା ଭାବେ ସାବ୍ୟସ୍ତ କରିନଥିବା ବେଳେ ନିଶ୍ଚିତ ଭାବେ ପ୍ରାର୍ଥିଙ୍କ ଯୋଗ୍ୟତା ଓ ପାରିବା ପଣିଆ ଉପରେ ମୋହର ଲଗାଇଛନ୍ତି । ୨୦୦୦ ମସିହାରେ ବିଜେପିର ବସନ୍ତ କୁମାର ପଣ୍ଡା ବିଜୟୀ ହୋଇଥିବା ବେଳେ ୨୦୦୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥି ଭାବେ ରାଜେନ୍ଦ୍ର କୁମାର ଢ଼ୋଲକିଆ ବିଜୟୀ ହୋଇଥିଲେ । ୨୦୦୯ରେ ପୁଣି ଥରେ ରାଜେନ୍ଦ୍ର ଢ଼ୋଲକିଆ ବିଜେଡ଼ି ଦଳର ପ୍ରାର୍ଥି ହୋଇ ବିଜୟୀ ହୋଇଥିବା ବେଳେ ୨୦୧୪ରେ ବସନ୍ତ କୁମାର ପଣ୍ଡା ବିଜେପିରୁ ପ୍ରାର୍ଥି ହୋଇ ନିର୍ବାଚନ ଜିଣିଥିଲେ । ୨୦୧୯ ନିର୍ବାଚନରେ ରାଜେନ୍ଦ୍ର ଢ଼ୋଲକିଆ ବିଜେଡ଼ି ପ୍ରାର୍ଥି ହୋଇ ବିଜୟୀ ହୋଇଥିବା ବେଳେ ୨୦୨୪ରେ ଶେଷ ଥର ପାଇଁ ବିଜେଡ଼ି ଦଳରୁ ବିଜୟୀ ହୋଇଥିଲେ । ତାଙ୍କ ପରଲୋକରେ ୨୦୨୫ ନଭେମ୍ବର ୧୧ରେ ଉପନିର୍ବାଚନ ହେଉଥିବା ବେଳେ ସ୍ୱର୍ଗତ ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ ଦଳ ବଦଳ କରି ବିଜେପି ଦଳରୁ ପ୍ରାର୍ଥି ହୋଇ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି । ଜୟ ଜଣେ ଯୁବକ ହୋଇଥିବାରୁ ନିଜ ଆଡ଼କୁ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥି ଘାଷିରାମ ମାଝୀଙ୍କ ନିର୍ବାଚନ ଲଢ଼ିବା ବହୁ ପୁରୁଣା । ଲଗାତର ୫ ଥର ନିର୍ବାଚନ ଲଢ଼ି ପରାଜିତ ହୋଇ ପ୍ରତି ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ାଉଥିବା ବେଳେ ୬ ଷ୍ଠ ଥର ପାଇଁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ । ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ( ୯ ପୃଷ୍ଠାରେ)

# ଯୋଗ ଜରୁରୀ

**ଆମ ଦୈନନ୍ଦିନ ଜୀବନରେ ଏଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ଯାହାକୁ ଯୋଗ କିମ୍ବା ବ୍ୟାୟାମ ଦ୍ୱାରା ଭଲ କରି ହେବ । ପ୍ରତିଦିନ କିଛି ସମୟ ଯୋଗ କରିବା ଦ୍ୱାରା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମିଳିଥାଏ ।**

ଯୋଗ ଏକ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ଅଭ୍ୟାସ । ପ୍ରାୟ ୬୦୦୦ ବର୍ଷ ପୂର୍ବେ ଏହାର ଉତ୍ପତ୍ତି ଭାରତରେ ହୋଇଥିବାର ଅନୁମାନ କରାଯାଏ । ତେବେ ମୁନୀଋଷିମାନେ ଜୀବନରେ ଯୋଗକୁ ଯେଉଁ ପ୍ରାଧାନ୍ୟ ଦେଇଆସିଥିଲେ ଆଧୁନିକ ମଣିଷ ଏହାର ମୂଲ୍ୟକୁ ଗୌଣ କରିଦେଇଥିଲା। ହେଲେ ଏବର ବ୍ୟସ୍ତବହୁଳ ଜୀବନଶୈଳୀରେ ଦେହକୁ ସୁସ୍ଥ ରଖିବାର ସହଜ ଓ ସରଳ ଉପାୟ ଭାବେ ଯୋଗ ପୁଣି ଉଭା ହୋଇଛି । ଯେଉଁମାନଙ୍କ ପାଖରେ ମର୍ଣ୍ଣିଂୱାକ୍ ଓ ବ୍ୟାୟାମ କରିବାକୁ ସମୟ ନାହିଁ ସେମାନଙ୍କ ପାଇଁ ଯୋଗ ଉପଯୋଗୀ ସାବ୍ୟସ୍ତ ହେଉଛି । ତେଣୁ ଆଜିର ଦିନରେ ସମସ୍ତଙ୍କର ଏକ ସ୍ଲୋଗାନ ହେବା ଦରକାର 'ଯୋଗ ଜରୁରୀ' । ଯୋଗର ମହତ୍ତ୍ୱକୁ ଉପଲବ୍ଧି କରି ଭାରତରେ ପ୍ରଥମେ ୨୦୧୫ରେ ଯୋଗ ଦିବସ ପାଳିତ ହୋଇଥିଲା । ଏହା ପରଠାରୁ ପ୍ରତିବର୍ଷ ବିଶ୍ୱର କୋଣ ଅନୁକୋଣରେ ଯୋଗ ଦିବସ ପାଳିତ ହୋଇଆସୁଛି ।

## ଲାଭ ହିଁ ଲାଭ



- ଯୋଗ ଆମ ଶରୀରର ଶକ୍ତି ସହିତ ସନ୍ତୁଳନ ବଢାଇଥାଏ । ଯାହାଫଳରେ ବିଭିନ୍ନ କାର୍ଯ୍ୟ କରିବାରେ ଅଧିକ ସାମର୍ଥ୍ୟ ମିଳିଥାଏ ।
- ପିଠି ଯନ୍ତ୍ରଣା ପାଇଁ ଯୋଗ ଖୁବ ଉପକାରୀ ସାବସ୍ତ୍ୟ ହୋଇଥାଏ । ଏହା କେତେକାଂଶରେ ପିଠି ଯନ୍ତ୍ରଣାକୁ କମ୍ କରିଥାଏ ।
- ଆର୍ଥରିଟିସ୍ ରୋଗ ପାଇଁ ଏହା ଖୁବ ଉପକାରୀ ହୋଇଥାଏ । ଡାକ୍ତରଙ୍କ ପରାମର୍ଶ କ୍ରମେ କିଛି ଏଭଳି ଯୋଗ ରହିଛି ଯାହାକୁ କରିବା ଦ୍ୱାରା ଆର୍ଥରିଟିସ୍ରୁ ରକ୍ଷା ମିଳିଥାଏ ।
- ଏହା ଆମର ହାର୍ଟ ହେଲ୍‌ଥ ପାଇଁ ମଧ୍ୟ ଖୁବ ଉପକାରୀ । ଯୋଗ ଆମର ଷ୍ଟ୍ରେସ ଲେବଲ କମ କରିବା ସହିତ ହାର୍ଟକୁ ସୁସ୍ଥ ରଖିଥାଏ ।
- ଯୋଗ କରିବା ଦ୍ୱାରା ଆମର ମନ ଶାନ୍ତ ରହିଥାଏ, ଯାହାର ସକରାତ୍ମକ ପ୍ରଭାବ ଆମର ନିଦ ଉପରେ ଦେଖିବାକୁ ମିଳିଥାଏ । ରାତିରେ ଭଲ ନିଦ ହୋଇଥାଏ ।

# ସୋନାକ୍ଷୀଙ୍କ ରାଗ



ନିକଟରେ ଗଣମାଧ୍ୟମ ଉପରେ ବର୍ଷିଛନ୍ତି ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା । ସୂଚନା ଅନୁସାରେ କିଛି ଦିନ ତଳେ କ୍ୟାଟ୍ରିନାଙ୍କର ବାଲକୋନିର ଫଟୋ ବିଭିନ୍ନ ସ୍ଥାନରେ ଭାଇରାଲ ହେଉଥିବାର ଦେଖିବାକୁ ମିଳିଥିଲା । ଏହି ଫଟୋଟି କ୍ୟାଟ୍ରିନାଙ୍କ ବିନା ଅନୁମତିରେ ଉଠାଯିବା ସହିତ ଭାଇରାଲ ମଧ୍ୟ କରାଯାଇଥିଲା । ତେବେ ଏହି ଘଟଣାରେ ନିଜ ରାଗ ଜାହିର କରିଛନ୍ତି ସୋନାକ୍ଷୀ । ସୋନାକ୍ଷୀ ଗଣମାଧ୍ୟମକୁ କ୍ରିମିନାଲର ଆଖ୍ୟା ଦେଇଛନ୍ତି । କୌଣସି ମହିଳାଙ୍କର ବିନା ଅନୁମତିରେ ତାଙ୍କ ଘରେ ସେ ଥିବା ସମୟରେ ଫଟୋକୁ ଉଠାଇବା ଏବଂ ଭାଇରାଲ କରିବା ଏକ ଅପରାଧ ବୋଲି ସୋନାକ୍ଷୀ ମତ ଦେଇଛନ୍ତି । ସେହିଭଳି ସୋନାକ୍ଷୀଙ୍କର ଏହି ମତକୁ ସୋସିଆଲ ମିଡିଆରେ ୟୁଜର୍ସ ସପୋର୍ଟ କରୁଥିବା ଦେଖିବାକୁ ମିଳୁଛି । ସମସ୍ତେ ସୋନାକ୍ଷୀଙ୍କୁ ସମର୍ଥନ କରି ମିଡିଆ ଉପରେ ରାଗ ଝାଡୁଛନ୍ତି । ଏହାଫଳରେ ସେଲିବ୍ରିଟିଙ୍କ ପ୍ରାଇଭେସି ଉପରେ ଏକ ଆଲୋଚନା ଆରମ୍ଭ ହୋଇଛି । ଏହାପୂର୍ବରୁ ଆଲିଆ ଭଟ୍ଟଙ୍କର ଏହିଭଳି ଫଟୋ ଭାଇରାଲ ହୋଇଥିଲା, ଯେଉଁଥିରେ ଆଲିଆ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ।

## ସୋସିଆଲ କୋଟ୍ସ



"ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

**ଅର୍ଶଦ ବର୍ସୀ, ଅଭିନେତା**



"ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗ ଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା,ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।

**ଦୀପିକା ପାଦୁକୋନ, ଅଭିନେତ୍ରୀ**



"କ୍ସ ଫିଲ୍ମ ଦେଖି ଖୁବ ଖୁସି ଲାଗିଥିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାଓଙ୍କ ଅଭିନୟ ଖୁବ ଭଲ ହୋଇଥିଲା । ମୁଁ ଖୁବ ଏଞ୍ଜୟ କରିଥିଲି ଫିଲ୍ମକୁ ।

**ପ୍ରିତି ଜିଣ୍ଟା, ଅଭିନେତ୍ରୀ**

### ହାହାଃ..ହାହାଃ..



ପପୁ – କେମିତି ଅଛନ୍ତି ବାବା,
ବାବାଜୀ – ଆମେ ତ ସାଧୁ ଅଟୁ ପୁଅ, ଆମର ରାମ ଆମକୁ ଯେପରି ରଖନ୍ତି ଆମେ ସେପରି ରହୁ, ତୁମେ ତ ସୁଖୀ ଅଛ ନା ପୁଅ?

## ସାଣ୍ଡୱିଚ୍ ଡେ



ପ୍ରତିବର୍ଷ ନଭେମ୍ବର ୩ରେ ସାରାବିଶ୍ୱରେ ପାଳିତ ହୋଇଥାଏ ବିଶ୍ୱ ସାଣ୍ଡୱିଚ୍ ଦିବସ । ଏହାକୁ ଜନ୍ ମୋଣ୍ଟାଗୁଙ୍କୁ ସମ୍ମାନ ଦେବାପାଇଁ ପାଳିତ ହୋଇଥାଏ ଯିଏ ୧୮ତମ ଶତାବ୍ଦୀରେ ସାଣ୍ଡୱିଚ୍‌କୁ ସାରା ବିଶ୍ୱରେ ପରିଚିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ପ୍ରଥମେ ଏହାକୁ ଅଧିକ ସମୟ ଧରି ଖେଳାଯାଉଥିବା ଖେଳ ସମୟରେ ଖାଇବା ପାଇଁ ପ୍ରସ୍ତୁତ କରାଯାଉଥିଲା । ହେଲେ ପରେ ଏହା ଲୋକଙ୍କ ଭିତରେ ଖୁବ ପରିଚିତ ହେବାରେ ଲାଗିଥିଲା । ଲୋକମାନେ ଏହାର ସ୍ୱାଦକୁ ପସନ୍ଦ କରିବା ଆରମ୍ଭ କରିଥିଲେ । ଏହି ଦିନ ବିଭିନ୍ନ ସ୍ଥାନରେ ସାଣ୍ଡୱିଚ ଖାଇବାକୁ ଭଲପାଉଥିବା ଲୋକମାନେ ଏହାକୁ ପାଳନ କରୁଥିବାର ଦେଖିବାକୁ ମିଳେ । ସେମାନେ ଏକାଠି ହୋଇ ବିଭିନ୍ନ ପ୍ରକାରର ସାଣ୍ଡୱିଚ ଖାଇ ଏହି ଦିନଟିକୁ ସେଲିବ୍ରେଟ କରନ୍ତି । ଧୀରେଧୀରେ ସାଣ୍ଡୱିଚ ବର୍ତ୍ତମାନ ସାରା ବିଶ୍ୱରେ ସମସ୍ତଙ୍କ ପସନ୍ଦ ପାଲଟିଛି ।


# ବିବାହ ସୁଟରେ ବିଜ୍ଞାପନ

ଫ୍ରାନ୍ସର ଡାଗୋବର୍ଟ ରେନୁଫ ନାମକ ଜଣେ ବ୍ୟବସାୟୀ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ବିବାହରେ ହେଉଥିବା ଅତ୍ୟଧୀକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବାକୁ ସେ ଏକ ଉପାୟ ବାହାର କରିଛନ୍ତି । ନିଜ ବିବାହର ଫଟୋସୁଟକୁ ସେ ବିଜ୍ଞାପନ ବୋର୍ଡ କରିଦେଇଥିଲେ । ସେ ନିଜ ବିବାହରେ ଏକ କୋର୍ଟ ପିନ୍ଧିଥିଲେ ଯେଉଁଥିରେ ସେ ୨୬ଟି କମ୍ପାନୀର ଲୋଗକୁ ସାମିଲ କରିଥିଲେ । ଏଥିରେ ଏଆଇ, ସାସ୍ ଭଳି କମ୍ପାନୀ ସାମିଲ ଥିଲେ । ନିଜ ବିବାହରେ ସେ ଏହି ବିଜ୍ଞାପନର ଫଟୋ ଲାଗିଥିବା ସୁଟ ପିନ୍ଧି ଆସିଥିଲେ । ଏଥିରେ ସେ ନିଜ କମ୍ପାନୀ ନାଁ ମଧ୍ୟ ସାମିଲ କରିଥିଲେ । ଏନେଇ ସେ ଅନେକ ଦିନରୁ ଯୋଜନା ଆରମ୍ଭ କରିଥିଲେ । ନିଜର ଏଭଳି ବୁଦ୍ଧି ପାଇଁ ସେ ସୋସିଆଲ ମିଡିଆ ଷ୍ଟାର ପାଲଟି ଯାଇଛନ୍ତି । ତାଙ୍କ କ୍ରିଏଟିଭିଟିର ସମସ୍ତେ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।





# ପୁରୁଷଙ୍କ ପାଇଁ ବ୍ରେସଲେଟ୍



**ଖାଲି ଯେ ମହିଳାଙ୍କୁ ଗହଣାର ସଉକ ରହିଛି ଏହା ନୁହେଁ । ପୁରୁଷଙ୍କର ମଧ୍ୟ କିଛି ହାଲୁକା ଫୁଲକା ଜୁଏଲାରୀ ରହିଛି, ଯାହା ସେମାନଙ୍କୁ ଫାଶନେବୁଲ୍ କରିଥାଏ । ସମସ୍ତେ ଏବେ ବ୍ରେସଲେଟ୍ ପିନ୍ଧିବାକୁ ଭଲ ପାଉଛନ୍ତି । ଏହା ସେମାନଙ୍କୁ ଷ୍ଟାଇଲିସ୍ ଓ କ୍ଲାସି ଲୁକ୍ ଦେଇଥାଏ । ଆଜିକାଲି ବଜାରରେ ଅନେକ ଡିଜାଇନ୍‌ର ବ୍ରେସ୍‌ଲେଟ୍ ମିଳୁଛି ।**

**ବେଡେଡ୍ ବ୍ରେସ୍‌ଲେଟ୍–** ଏହି ବ୍ରେସ୍‌ଲେଟ୍ ଗୁଡିକ ସିମ୍ପୁଲ୍ ହେବା ସହ କ୍ଲାସି ହୋଇଥାଆନ୍ତି । ଏହା ପିନ୍ଧିବାକୁ ବେଶ୍ ଆରାମ ଦାୟକ ହୋଇଥାଏ । ଏହା ଫର୍ମାଲ ହେଉ କିମ୍ବା କାଜୁଆଲ ଡ୍ରେସ୍ ସବୁଥିରେ ମ୍ୟାଚ୍ କରି ଆପଣ ପିନ୍ଧିପାରିବେ । ଏହାକୁ ଜଣେ ନିଜ ରାଶି ସହ ମଧ ମ୍ୟାଚକରି ପିନ୍ଧିପାରିବେ । ଏହି ବ୍ରେସ୍‌ଲେଟ୍‌ରେ ରୁଦ୍ରାକ୍ଷର ବ୍ୟବହାର ଅଧିକ ହୋଇଥାଏ ।

**ଚାର୍ମ ବ୍ରେସଲେଟ୍–** ଏହା ଯୁବପିଢିଙ୍କ ମଧ୍ୟରେ ବେଶ୍ ଫେମସ୍ । ଏହି ବ୍ରେସ୍‌ଲେଟ୍ ତାକୁ ପିନ୍ଧିଥିବା ବ୍ୟକ୍ତିଙ୍କର ଜୀବନ ସମ୍ପର୍କରେ ସୂଚାଇଥାଏ । ଏହା ବ୍ୟକ୍ତିତ୍ୱ ହିସାବରେ ପିନ୍ଧାଯାଇଥାଏ । ସେହିଭଳି ଏହି ବ୍ରେସ୍‌ଲେଟ୍‌ର ଚାର୍ମକୁ ଯେତେବେଳେ ଚାହିଁବେ ବଦଳାଇ ମଧ୍ୟ ପାରିବେ । ସହଜରେ ଏହାକୁ କାଢିବା ସହ ବ୍ରେସ୍‌ଲେଟ୍‌ର ଲୁକ୍ ଚେଞ୍ଜ କରାଯାଇପାରିବ ।

**ସିଲ୍‌ଭର୍ ବ୍ରେସ୍‌ଲେଟ୍–** ବ୍ରେସଲେଟ୍ ଅନେକ ପଦାର୍ଥରୁ ତିଆରି କରାଯାଇଥାଏ । ସେଥିମଧ୍ୟରୁ ରୁପା ସର୍ବଦା ଆଗରେ ରହିଥାଏ । ରୁପା ବ୍ରେସଲେଟ୍ ସର୍ବଦା ସମସ୍ତଙ୍କର ପସନ୍ଦ ଆସିଥାଏ । ଯେଉଁମାନଙ୍କର ପରମ୍ପରା ଏବଂ ରୀତିନୀତି ଉପରେ ଗଭୀର ବିଶ୍ୱାସଥାଏ ସେମାନେ ଏହାକୁ ବେଶି ପସନ୍ଦ କରନ୍ତି । ସେହିଭଳି ଯଦି ଜଣେ ଚାହିଁବେ ତେବେ ଠାକୁର କିମ୍ବା କୌଣସି କଥା ଲେଖିବାକୁ ଚାହିଁବେ ଏଥିରେ ଲେଖିପାରିବେ ।



## ଆଜିର ଦିନ

୧୪୯୩– କ୍ରିଷ୍ଟୋଫର୍ କଲମ୍ବସ ଡୋମିନିକା ଦ୍ୱୀପର ଠାବ କଲେ ।
୧୬୫୫– ସୈନ୍ୟ ଏବଂ ଆର୍ଥିକ ପ୍ରସଙ୍ଗରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଚୁକ୍ତି ।
୧୭୯୬– ଜନ୍ ଆଡମ୍ସ ଆମେରିକାର ରାଷ୍ଟ୍ରପତି ହେଲେ ।
୧୯୩୩– ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କ ଜନ୍ମ ।
୧୯୪୭– ପରମବୀର ଚକ୍ର ପାଇଥିବା ପ୍ରଥମ ଭାରତୀୟ ସହିଦ ସୋମନାଥ ଶର୍ମାଙ୍କ ପରଲୋକ ।
୧୯୪୮– ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜୱାହରଲାଲ୍ ନେହେରୁ ସଂଯୁକ୍ତରାଷ୍ଟ୍ର ମହାସଭାରେ ନିଜର ପ୍ରଥମ ଭାଷଣ ଦେଲେ ।
୧୯୬୨– ଚୀନ୍ ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତରେ ଗୋଲ୍ଡ ବଣ୍ଡ୍ ସ୍କିମ୍‌ର ଘୋଷଣା କରାଗଲା ।
୧୯୮୪– ଭାରତରେ ହୋଇଥିବା ଶିଖ୍ ବିରୋଧି ଆନ୍ଦୋଳନରେ ୩ ହଜାର ଲୋକଙ୍କ ମୃତ୍ୟୁ ।
୨୦୦୦– ଭାରତରେ ଡାଇରେକ୍ଟ ଟୁ ହୋମ୍ ପ୍ରସାରଣ ସେବାର ଶୁଭାରମ୍ଭ ।

### ବ୍ୟବସାୟୀ ଅପହରଣ ମାମଲା

# କିଙ୍ଗପିନ୍ ସହିତ ଅନ୍ୟ ଜଣେ ଯୁବକ କୋର୍ଟ ଚାଲାଣ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଇଲାକାରେ ଅପହରଣ କରିବାପରେ ବ୍ୟବସାୟୀଙ୍କ ମୁଣ୍ଡ ଜାମିନ ରଖି ୮୦ଲକ୍ଷ ଟଙ୍କା ଦାବି ଘଟଣାରେ ଗତକାଲି ବାଲେଶ୍ୱର ରୁପ୍ସା ଥାନା ଅଞ୍ଚଳରୁ ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ରବିବାର ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଅପହରଣ ଯୋଜନାର କିଙ୍ଗପିନ ସହିତ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ଘଟଣାର ମାଷ୍ଟର ମାଇଣ୍ଡ ବାରିପଦା ଭଞ୍ଜପୁର ଅଞ୍ଚଳର ସ୍ୱେଚ୍ଛାକୃତ ଅବସର ନେଇଥିବା ପୁଲିସ କର୍ମଚାରୀ ଦାମୋଦର ରାଉତଙ୍କୁ ଗିରଫ କରାଯାଇଥିବାବେଳେ ଓ ଅନ୍ୟ ଜଣେ ପ୍ରମୋଦ ପାତ୍ରଙ୍କୁ ଉଦଳା କେଶପୁର ଅଞ୍ଚଳରୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ଏକ ଦାମୀ କାର ମଧ୍ୟ ଜବତ କରାଯଇଛି । ଉଭୟଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ବାରିପଦା ସହରର ଷ୍ଟେସନ ବଜାର ଅଞ୍ଚଳର ସୁନୀଲ



ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ କାମଧେନୁ ରାଇସ ମିଲ ରହିଛି । ତେବେ ସେ କିଛି ଜଣକ ସହ ମିଶି ବେତନଟୀ ଥାନା ଅଞ୍ଚଳରେ ଏକ ଜମି କାରବାର କରିଥିଲେ । ଉକ୍ତ ଜମି କାରବାରରେ ଟଙ୍କା ନେଣ ଦେଣକୁ ନେଇ ଉପୁଜିଥିଲା ବିବାଦ । ଯାହାର ଫଳ ସ୍ୱରୂପ ସେଥିରେ ଜଡିତ କିଛି ଯୁବକ ବୈଶିଙ୍ଗା ଉପକଣ୍ଠ ଟୋଲଗେଟ ନିକଟରୁ ସୁନୀଲଙ୍କୁ ଯୋଜନା କରି ଅପହରଣ କରିଥିଲେ । ତେବେ ସୁନୀଲର ମୁଣ୍ଡ ଜାମିନ ରଖି ଛାଡିବା ପାଇଁ ପରିବାର ଲୋକଙ୍କୁ ୮୦ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ । ଡ଼ିଲ ମୁତାବକ ପରିବାର ଲୋକେ ଶୁକ୍ରବାର ଦୁଇଟି ବ୍ୟାଗରେ ୮୦ଲକ୍ଷ ଟଙ୍କା ନେଇ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଟୋଲଗେଟ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଯାଇଥିଲେ । ଅପହରଣକାରୀ ମାନେ ଗୋଟିଏ ବ୍ୟାଗରେ ଥିବା ମୁଣ୍ଡଜାମିନ ଟଙ୍କା ନେଇ ସୁନୀଲକୁ ଛାଡି ଦେଇଥିଲେ । କିନ୍ତୁ ଏହାପରେ ଅପହରଣକାରୀ ମାନେ ବ୍ୟାଗରେ ୪୦ଲକ୍ଷ ଥିବା ନେଇ ଜାଣିଥିଲେ । ପରେ ପୁଣି ଫୋନ ଯୋଗେ ବାକି ଟଙ୍କା ଦେବାକୁ ସୁନୀଲକୁ ଧମକ ଦେଇଥିଲେ । କିନ୍ତୁ ପରିବାର ଲୋକେ ତାହାକୁ ନଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଜଣାଇଥିଲେ । ଏସପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ରାତି ତମାମ ବେତନଟୀ, ବୈଶିଙ୍ଗା, ବଡ଼ସାହି, ମୋରଡା, ରାସଗୋବିନ୍ଦପୁର ଥାନାର ଥାନା ଅଧିକାରୀଙ୍କ ଦ୍ୱାରା ଗଠିତ ଏକାଧିକ ପୁଲିସ ଟିମ ବାଲେଶ୍ୱର ଓ ମୟୁରଭଞ୍ଜର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ଜଣ ଅପହରଣକାରୀଙ୍କୁ କାବୁ କରିଥିଲେ ଓ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ୫ଟି ମୋବାଇଲ ଫୋନ, ୨ଟି କାର, ୨ଟି ବାଇକ, ୪ଟି ତେଲେଙ୍ଗା କଟୁରୀ ସମେତ ନଗଦ ଟଙ୍କା ଜବତ କରିଥିଲେ । ତେବେ ଏହି ସମ୍ପୂର୍ଣ୍ଣ ଅପହରଣ ଯୋଜନାର କିଙ୍ଗପିନ କୁହାଯାଉଥିବା ଓଡିଶା ପୁଲିସର ଜଣେ ସ୍ୱେଚ୍ଛାକୃତ ଅବସର ନେଇଥିବା କର୍ମଚାରୀ ପୁଲିସ ହାତକୁ ଆସିନଥିଲା । ପୁଣି ସ୍ୱତନ୍ତ୍ର ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାର ମାଷ୍ଟରମାଇଣ୍ଡ ଦାମୋଦର ରାଉତକୁ ମୟୁରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳରୁ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ପ୍ରମୋଦ ପାତ୍ରଙ୍କୁ ଉଦଳା ଅଞ୍ଚଳରୁ ଉଠାଇ ଥିଲେ । ପରେ ତାଙ୍କ ନିକଟରୁ ଏକ ଓଡି୧୧ଏସି-୮୮୭୭ ନଂ ବିଶିଷ୍ଟ ଏକ ଏକ୍ସୟୁଭି-୭୦୦ କାର ଜବତ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର କାରଣରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# କାର୍ତ୍ତିକରେ ଗରମ - ଶୀତବସ୍ତ୍ର ବେପାରୀ ନିରାଶ

ଭୁବନେଶ୍ୱର,(ତଥ୍ୟ) ଆଉ ଦୁଇ ଦିନ ପରେ କାର୍ତ୍ତିକମାସ ସରିବାକୁ ଯାଉଥିବାବେଳେ ରାଜ୍ୟରୁ ଶୀତ ଏକ ପ୍ରକାର ଉଭାନ ହୋଇଯାଇଛି । ବାତ୍ୟା ମନ୍ଥା ଯିବା ପରେ ପରେ ଶୀତ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଉଥିବାବେଳେ ତାହା ବି ଲୋକେ ତାହା ଅନୁଭୂବ କରିପାରୁ ନାହାନ୍ତି । ଏଥିଯୋଗୁଁ ଏବେ ରାଜଧାନୀ ସମେତ ସାରା ରାଜ୍ୟରେ ଶୀତବସ୍ତ୍ର ବ୍ୟବସାୟୀମାନେ ଏକ ପ୍ରକାର ନିରାଶ ହେବାରେ ଲାଗିଛନ୍ତି । ଓଡିଶାରେ ସାଧାରଣତଃ କାର୍ତ୍ତିକ ମାସରେ ପ୍ରବଳ ଶୀତ ଅନୁଭୂତ ହୋଇଥାଏ । ଲୋକେ ଶୀତବସ୍ତ୍ର ବାହାର କରିବା ସହିତ ନୂଆ ଶୀତବସ୍ତ୍ର ଖରିଦ କରିଥାନ୍ତି । କିନ୍ତୁ ଚଳିତବର୍ଷ କାର୍ତ୍ତିକ ମାସ ସରିବାକୁ ଯାଉଥିବାବେଳେ ରାଜ୍ୟରେ ଶୀତ ଅନୁଭୂତ ହେଉନାହିଁ । ରାଜଧାନୀରେ ରାତ୍ରୀର ତାପମାତ୍ରା ୨୪ ଡିଗ୍ରୀ ଉପରେ ରହୁଥିବାବେଳେ ଦିନର ତାପମାତ୍ର ୩୦ଡିଗ୍ରୀ ଉପରେ ରହୁଛି । ଶୀତବସ୍ତ୍ର ବ୍ୟବହାର କରିବା ବଦଳରେ ବହୁ ସ୍ଥାନରେ ଲୋକେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରୁଛନ୍ତି । ବିନା ଫ୍ୟାନ ପବନରେ ଝାଳ ବୋହି ଯାଉଛି ।

ଏଥିଯୋଗୁଁ ଚଳିତବର୍ଷର ଶୀତବସ୍ତ୍ର ବେପାର ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇପାରି ନାହିଁ । ଯେଉଁ ବ୍ୟବସାୟୀମାନେ ଚଳିତବର୍ଷର ବେପାର ପାଇଁ ଭଳିକି ଭଳି ଶୀତ ପୋଷାକ ମଗାଇଥିଲେ ସେମାନେ ତାହାକୁ ବାହାର କରୁ ନାହାନ୍ତି । ସେହିଭଳି ରାସ୍ତାକଡରେ ମଧ୍ୟ ଶୀତପୋଷାକ ଓ କମ୍ବଳ ଆଦି ଦେଖିବାକୁ ମିଳୁନାହିଁ । ଶୀତ ପୋଷାକ ବିକ୍ରି କରୁଥିବା ବଡ ବଡ କମ୍ପାନୀମାନେ ଲୋକଙ୍କୁ ଆକର୍ଷିତ କରିବାପାଇଁ ଯେଉଁଭଳି ବିଜ୍ଞାପନ ପ୍ରକାଶ କରିଥାନ୍ତି ତାହା ବି ହେଉନାହିଁ । କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଓଡିଶାରେ ପ୍ରବଳ ଶୀତଳ ଅନୁଭୁତ ହୋଇଥାଏ । ଲୋକେ ଶୀତରେ ଥରି ଥରି ପାହାନ୍ତା ପ୍ରହରରୁ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଥାନ୍ତି । ହେଲେ ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନକ ପରେ ପଡୁଥିବାବେଳେ ଲୋକେ ଗରମରେ ଆଉଟୁ ପାଉଟୁ ହେଉଛନ୍ତି । ଜଳବାୟୁରେ ଏଭଳି ପରିବର୍ତ୍ତନ ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ନିକଟରେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମନ୍ଥା ଆନ୍ଧ୍ରପ୍ରଦେଶ ମୁହାଁ ହୋଇଥିଲେ ମଧ୍ୟ ତାହାର ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ବର୍ଷା ହୋଇଥିଲା । ବାତ୍ୟା ଯିବା ପରେ ପରେ ଶୀତ ଅନୁଭୂତ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଥିଲେ । ହେଲେ ବାତ୍ୟା ଯିବାପରେ ସେଭଳି କିଛି ଅନୁଭୂତ ହେଉନାହିଁ । ପାଣିପାଗରେ ଏଭଳି ପରିବର୍ତ୍ତନ ଯୋଗୁଁ କେବଳ ଶୀତବସ୍ତ୍ର କାରବାର ପ୍ରଭାବିତ ହୋଇନାହିଁ, ବଜାରରେ ଶୀତଦିନିଆ ପନି ପରିବାର ଦର ବି ଆକାଶଛୁଆଁ ହୋଇଛି । ବନ୍ଧାକୋବି ଏପର୍ଯ୍ୟନ୍ତ ଆବଶ୍ୟକ ଅନୁଯାୟୀ ବଜାରକୁ ଆସିନଥିବାବେଳେ ଫୁଲକୋବି ଗୋଟିକର ଦର ୪୦ ରୁ ୫୦ ଟଙ୍କା ରହିଛି । ସେଭଳି ବିନ୍ କିଲୋ ୧୦୦ ଟଙ୍କା ଉପରେ ରହୁଛି । ବ୍ୟବସାୟୀମାନେ ଏଥିପାଇଁ ଶୀତ ଉଭାନକୁ ଦାୟୀ କରୁଥିବାବେଳେ ବାତ୍ୟା ମନ୍ଥା ପ୍ରଭାବରେ ହୋଇଥିବା ବର୍ଷା ପନିପରିବା ଦରକୁ ଆହୁରି ମହଙ୍ଗା କରିବ ବୋଲି ଚେତାବନୀ ଦେଲେଣି ।

### ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସରେ ବିପୁଳ ଜନସମାଗମ

# ଦର୍ଶକଙ୍କୁ ଆକୃଷ୍ଟ କରୁଛି ଲାଇଭ୍ ଡେମୋ ଷ୍ଟଲ୍

ଭୁବନେଶ୍ୱର(ସବ୍ୟୁ): ସୁଭଦ୍ରା ଶକ୍ତି ମେଳାର ପ୍ରମୁଖ ଆକର୍ଷଣ ସାଜିଛି ଲାଇଭ ଡେମୋ ଷ୍ଟଲ । ବିଶେଷ କରି ବିୟୁଟି ଓ ୱେଲନେସ୍ ଷ୍ଟଲରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା । ଷ୍ଟଲମାନଙ୍କରେ ଗ୍ରାହକଙ୍କ ଅଭୁତପୂର୍ବ ଭିଡ଼ ସହିତ ବହୁ ପରିମାଣର ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ହାତ ତିଆରି ଉତ୍କୃଷ୍ଟ ଗୁଣବତ୍ତାର ସାମଗ୍ରୀ ପ୍ରତି ଆଗ୍ରହ ବଢୁଥିବା ଦେଖାଯାଇଛି । ଶିଶୁଙ୍କ କ୍ରୀଡ଼ାଙ୍ଗନରେ ବହୁତ ଗହଳି ସହିତ ଖାଦ୍ୟ ପ୍ରାଙ୍ଗଣର ମଜା ନେଉଛନ୍ତି ଦର୍ଶକ । ପ୍ରଥମ ଦିନରେ ମେଳାରେ ୫୦ ଲକ୍ଷରୁ ଟଙ୍କାରୁ ଅଧିକ ବ୍ୟବସାୟ ରେକର୍ଡ କରାଯାଇଛି । ଏହି ମେଳାରେ ୩୦୦ ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ । ଯାହା ମଧ୍ୟରୁ ୫୦ଟି ହେଉଛି ଖାଦ୍ୟ ଷ୍ଟଲ । ଏତଦବ୍ୟତୀତ ୧୧ଟି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦ ବିକ୍ରି କରୁଛନ୍ତି । ଦ୍ୱିତୀୟ ଦିବସ ପ୍ରାରମ୍ଭରେ ନୃତ୍ୟ ଅର୍ପଣ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ ପୁରୀଙ୍କ ଦ୍ୱାରା କୃଷ୍ଣଲୀଳା ଗୀତିନାଟ୍ୟ ପରିବେଷଣ କରାଯାଇଥିଲା । ଏହାପରେ ସ୍ୱୟମ ପାଢୀ ଏବଂ ଦଳ ସଙ୍ଗୀତ ମାଧ୍ୟମରେ ଝୁମାଇଥିଲେ ଦର୍ଶକଙ୍କୁ ।

ସ୍ୱୟଂ-ସହାୟକ ଗୋଷ୍ଠୀ ମା' ମାନଙ୍କ ଦ୍ୱାରା ପ୍ରଦର୍ଶିତ ଲାଖ ଚୂଡ଼ି ପ୍ରସ୍ତୁତି, ଧାନ ହସ୍ତଶିଳ୍ପ, ସବାଇ ଘାସ କଳା ଏବଂ ପଟ୍ଟଚିତ୍ର ଆଦି ପ୍ରଦର୍ଶନ



ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଏହି ଷ୍ଟଲ ଗୁଡିକରେ ଦର୍ଶକମାନେ ଉତ୍ପାଦ ଗୁଡିକର ପ୍ରସ୍ତୁତ ପ୍ରଣାଳୀର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ପାଇଥିଲେ । ଏହା ସହିତ ବିଶ୍ୱ ଦକ୍ଷତା କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ବିୟୁଟି ଓ ୱେଲନେସ୍ ଷ୍ଟଲରେ ମହିଳାମାନଙ୍କ ପାଇଁ ନିପୁଣ ତାଲିମାର୍ଥୀମାନଙ୍କ ଦ୍ୱାରା ମେକଅପ୍, ହେୟାର ଷ୍ଟାଇଲ, ନେଲ କେୟାରର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିଲା । ବୁଣାକାର ସେବା କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ହସ୍ତତନ୍ତ ଷ୍ଟଲରେ ପାରମ୍ପରିକ ପ୍ରଣାଳୀରେ ବୁଣା କାର୍ଯ୍ୟର ଜୀବନ୍ତ ପ୍ରଦର୍ଶନୀ ଦର୍ଶକଙ୍କ ମନ ମୋହିଥିଲା । ଦର୍ଶକମାନେ ନିଜ ମନପସନ୍ଦର ଲାଇଭ୍ ଡେମୋ ଷ୍ଟଲରେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ନିଜ ହାତ ଚାଳନର ସୁବର୍ଣ୍ଣ ସୁଯୋଗକୁ ଉପଭୋଗ କରିଥିଲେ । ଆସନ୍ତା ୧୨ ତାରିଖ ଯାଏଁ ଏହି ଉତ୍ସାହ ଚାଲିବ । ଓଡ଼ିଶାର ମହିଳାମାନଙ୍କର ପ୍ରେରଣାଦାୟୀ ଉଦ୍ୟୋଗିତା ଏବଂ ସଶକ୍ତିକରଣର ଏହି ଉତ୍ସବର ଅଂଶବିଶେଷ ହେବା ପାଇଁ ଜନସାଧାରଣଙ୍କୁ ମିଶନ ଶକ୍ତି ବିଭାଗ ପକ୍ଷରୁ ଆମନ୍ତ୍ରଣ କରାଯାଉଛି ।

# ରୁଚି ପ୍ରତିଷ୍ଠାତା ଡ. ଶରତ ସାହୁଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶୋକ

କଟକ, (ସ୍ୱପ୍ର) : ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ରବିବାର ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ରବିବାର ମଧ୍ୟାହ୍ନ ୧୨ଟାରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା । ବୟସାଧିକ କାରଣରୁ ଅସୁସ୍ଥତା ହେତୁ ଡ. ସାହୁ ଗତ ଅକ୍ଟୋବର ୩୦ ତାରିଖରେ ମୁମ୍ବାଇ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଡ. ସାହୁଙ୍କ ପରଲୋକ ଖବର ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଶିଳ୍ପୋଦ୍ୟୋଗୀ ଡ. ସାହୁଙ୍କ ପରଲୋକରେ ଗଭୀର ଶୋକପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ସାହୁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ଡ. ସାହୁଙ୍କ ବିୟୋଗରେ ମୁଁ ଗଭୀର ଭାବେ ଦୁଃଖିତ । ତାଙ୍କ ବିୟୋଗ ଓଡ଼ିଶାର ଉଦ୍ୟୋଗ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ମୁଖ୍ୟମନ୍ତ୍ରୀ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି ବୋଲି ଲେଖିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ ଓଡ଼ିଶାର ଶିଳ୍ପ ତଥା ପରିଚୟକୁ ବିଶ୍ୱପ୍ରସାରୀ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି । ଆସନ୍ତାକାଲି ସୋମବାର ତାଙ୍କ ମରଶରୀର ବିମାନଯୋଗେ ଆସି ସକାଳେ ଭୁବନେଶ୍ୱର ବିମାନବନ୍ଦର ଠାରେ ପହଂଚିବ ଏବଂ ଶୋଭାଯାତ୍ରାରେ କଟକ କାଜିଢ଼ିହ ବାସଭବନରେ ପହଂଚିବା ପରେ ମଧୁପାଟଣା ଶିଳ୍ପାଂଚଳ ସ୍ଥିତ



#### ଆଜି ହେବ ଶେଷକୃତ୍ୟ

ରୁଚି ପାସ୍ତା ଭିଲେଜଠାରେ ପୂର୍ବାହ୍ନ ୧୧ ଘଟିକାରେ ଶେଷଦର୍ଶନ ପାଇଁ ରଖାଯିବ । ୧୯୫୦ ମସିହା ଜୁଲାଇ ୨୨ ତାରିଖରେ କଟକର ରାଣୀହାଟ ତେଲିସାହିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ପାଶ୍ କରିବାପରେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ । ପାଠପଢ଼ା ଶେଷ ହେବାପରେ ସେ ନିଜ ପିତା ବନମାଳୀ ସାହୁଙ୍କ ସହିତ ମିଶି ୧୯୭୬ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳଠାରେ ଓମ୍ ଅୟେଲ୍ ଏଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ଼୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ମସଲା ଶିଳ୍ପର ଜନକ ଭାବରେ ପରିଚିତ ଡ. ସାହୁ ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ଏବଂ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାପାଇଁ ନୂଆନୂଆ ଜ୍ଞାନକୌଶଳ ଉପଯୋଗ କରୁଥିଲେ । ରାଜ୍ୟସରକାରଙ୍କ ସହଯୋଗରେ ରାମଦାସପୁର ଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ । ରାଜ୍ୟର ମାଟ୍ରିକ୍ ଟପ୍ପର, ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ପ୍ରତିଭାବାନ ଓଡ଼ିଆମାନଙ୍କୁ ସମ୍ମାନିତ କରିବା ପାଇଁ ଡ. ସାହୁ ରୁଚି ପ୍ରତିଭା ସମ୍ମାନ ସମାରୋହ ଜରିଆରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେହିଭଳି ନିଜ ଅନୁଷ୍ଠାନର କାର୍ଯ୍ୟରତ କର୍ମଚାରୀମାନଙ୍କ ପୁତ୍ରକନ୍ୟାମାନଙ୍କୁ ମଧ୍ୟ ସେ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଗ୍ରହଣ କରୁଥିଲେ । ଓଡ଼ିଶାରେ ଜନ୍ମ ଏବଂ ଭାରତର ଗର୍ବ ଥିଲା ରୁଚି ଉଦ୍ୟୋଗ ପାଇଁ ତାଙ୍କର ପ୍ରିୟ ଟ୍ୟାଗ୍‌ଲାଇନ୍ । ନିଷ୍ଠା, ସାଧୁତା ଓ କଠିନ ପରିଶ୍ରମ ଥିଲା ତାଙ୍କ ସଫଳତାର ମାଇଲଖୁଣ୍ଟ । ତାଙ୍କ ପରଲୋକ ସମୟରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଡ. ସାହୁଙ୍କୁ ତାଙ୍କ ପତ୍ନୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମୀ ସାହୁ, ପୁତ୍ରବଧୂ ସଲିନା ସାହୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ସୋମବାର ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ।

### ଉପନିର୍ବାଚନ ପାଇଁ ନୂଆଦିଲ୍ଲୀରେ ହୋଇଥିଲା ଡିଲ: କଂଗ୍ରେସ

# ନୂଆପଡ଼ା ଉପନିର୍ବାଚନ ପ୍ରକୃତରେ ଦ୍ୱିମୁଖୀ ଲଢ଼େଇ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନଠାରେ ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ଦିନ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଉଛି ଏବଂ କଂଗ୍ରେସର ବରିଷ୍ଠ ନେତାଗଣ ନିଜ ପ୍ରତିକ୍ରିୟା ପ୍ରକାଶ ଏହି ନିର୍ବାଚନ ଲାଗୁଛି ତ୍ରିମୁଖୀ ବୋଲି କିନ୍ତୁ ପ୍ରକୃତରେ ଏହା ଦ୍ୱିମୁଖୀ । ଗୋଟିଏ ପଟେ ବିଜେପି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଜେଡିର ମୁଖ୍ୟ ପାଣ୍ଡିଆନ ଏକତ୍ର ମିଶି କଂଗ୍ରେସ ବିରୁଦ୍ଧରେ ନିର୍ବାଚନ ଲଢୁଛନ୍ତି । ବୈଷ୍ଣବ ଏବଂ ପାଣ୍ଡିଆନ ଙ୍କ



କରୁଛନ୍ତି । ରବିବାର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଲେ ଯେ, ଯେଉଁ ନୂଆପଡାକୁ ନବୀନ ବାବୁ ଦୀର୍ଘ ୨୪ ବର୍ଷ ଭୁଲି ଯାଇଥିଲେ ଆଜି ନିର୍ବାଚନ ପାଇଁ ନୂଆପଡାକୁ ମନେ ପଡିଲା । ନବୀନଙ୍କ ସେଇ ରଙ୍ଗ ଆଉ ନାହିଁ । ହାତ ହଲାଇ ଦେଲେ ଭୋଟ ଝଡି ପଡୁଥିଲା । ବର୍ତ୍ତମାନ ବିଜେଡିର ଠକାମୀକୁ ଲୋକେ ବୁଝି ସାରିଲେଣି । ବୁଝାମଣା ଅନୁଯାଇ ବିଜେଡି ର ପ୍ରାର୍ଥୀଙ୍କୁ ବିଜେପି ପ୍ରାର୍ଥୀ କଲା ଏବଂ ବିଜେଡି ଜାଣିଶୁଣି ସ୍ଥାନୀୟ କର୍ମକର୍ତାଙ୍କୁ ପ୍ରାର୍ଥୀ ନ ଦେଇ ବାହାର ଜିଲ୍ଲାର ନେତ୍ରୀଙ୍କୁ ପ୍ରାର୍ଥୀ କଲା । ଉଭୟ ଦଳର ଲକ୍ଷ୍ୟ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ଏହା ସେମାନଙ୍କର ରଣନୀତି । ନିର୍ବାଚନ ଯୁଦ୍ଧରେ ଗୋଟିଏ ପଟେ ଅଶ୍ୱିନୀ ବୈଷ୍ଣବ, ପାଣ୍ଡିଆନ, ନବୀନ ପଟ୍ଟନାୟକ, ମନମୋହନ ସାମଲ ଓ ମୁଖ୍ୟ ମନ୍ତ୍ରୀ ମୋହନ ମାଝୀ ମିଳିତ ହୋଇ ଲଢୁଥିବା ବେଳେ ଅନ୍ୟ ପଟେ କଂଗ୍ରେସ ଏକାକୀ ଲଢେଇ ମଇଦାନରେ ଅବତୀର୍ଣ୍ଣ ହୋଇଛି । କଂଗ୍ରେସର ନେତୃତ୍ୱ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସର ସମସ୍ତ ବରିଷ୍ଠ ଓ କନିଷ୍ଠ ନେର୍ତ୍ତୃବୃନ୍ଦ ଲଢୁଛନ୍ତି । ଶ୍ରୀ ଜେନା ସାମ୍ବାଦିକଙ୍କୁ କହିଲେ ଯେ ପୂର୍ବରୁ ବିଜେଡି ବିଜେପି ର ମିଳିତ ସରକାର ଓ ମହାଶକ୍ତିଶାଳୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ତଳସରା ଓ ଲକ୍ଷ୍ମୀପୁର ଉପନିର୍ବାଚନ କଂଗ୍ରେସ ଜିତିଥିଲା । ଏଥର ମଧ୍ୟ ଘାସିରାମ ମାଝୀ ନୂଆପଡାରେ ଜିତିବେ । ପୂର୍ବରୁ ଆମ ସଭାପତି ଶ୍ରୀ ଦାସ କହିସାରିଛନ୍ତି ଆମ ପାଖରେ ଅର୍ଥବଳ ନାହିଁ କିନ୍ତୁ ଯଥେଷ୍ଟ ଲୋକବଳ ଅଛି ।

ସମ୍ମିଳନୀର ଅନ୍ୟତମ ବକ୍ତା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ନୂଆପଡା ନିର୍ବାଚନ ପାଇଁ ନୁଆଦିଲ୍ଲୀରେ କେବେଠୁ ଡିଲ ସରିଯାଇଛି । ବିଜେଡି ନିର୍ବାଚନ ଲଢ଼ିବାର କେବଳ ଯାହା ଅଭିନୟ କରୁଛି । ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଏବଂ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

### ୧୫୧ ଗ୍ରାମ ବ୍ରାଉନ ସୁଗାର ସହ, ନଗଦ ୬ ଲକ୍ଷ ୩୦ ହଜାର ୭ ଶହ ଟଙ୍କା ଜବତ, ୪ ଗିରଫ

ପୁରୀ/ପିପିଲି (ସବ୍ୟୁ): ଜିଲ୍ଲାରେ ନିଶା କାରବାର ଓ ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଜାରି ରହିଛି ଅପରେସନ ଚକ୍ର । ଅପରେସନ ଚକ୍ର ଅଭିଯାନରେ ପୋଲିସକୁ ମିଳିଛି ବଡ଼ ସଫଳତା । ପିପିଲି ଥାନା ୧୫ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ ସହିତ ଚାରିଜଣ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ତେବେ ଜଣେ ବ୍ୟବସାୟୀ ଫେରାର ହେବାରେ ସକ୍ଷମ ହୋଇଛି । ନିଶା ବେପାରୀଙ୍କ ଠାରୁ ୧୫୧ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ନଗଦ ୬ ଲକ୍ଷ ୩୦ ହଜାର ୭ ଶହ ଟଙ୍କା ଅଭିଯୁକ୍ତଙ୍କ ଠାରୁ ପିପିଲି ଥାନା ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ଜୟନ୍ତ କୁମାର ସ୍ୱାଇଁ, କୁଳମଣି ଖଟେଇ, ଉମେଶ କୁମାର ସ୍ୱାଇଁ ଏବଂ ଜଟଣୀ ଥାନା ଅଞ୍ଚଳର ଶଶିକାନ୍ତ ଜେନା । ଅଭିଯୁକ୍ତଙ୍କ ଠାରୁ ପୋଲିସ ୭ ଟି ମୋବାଇଲ ଫୋନ୍, ଗୋଟିଏ ମାରୁତି ସୁଜୁକି ସ୍ୱିଫ୍ଟ, ଗୋଟିଏ ବୁଲେଟ ଏବଂ ଦୁଇଟି ବାଇକ ଜବତ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ । ପୁରୀ ଏସପିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ମାନେ ନିଜିଗଡ ଠାରେ ବ୍ରାଉନ ସୁଗାର ବ୍ୟବସାୟ ପାଇଁ ଯୋଜନା କରୁଥିବା ବେଳେ ପିପିଲି ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା । ତେବେ ପୋଲିସ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା । ପୁରୀ ଜିଲ୍ଲାରେ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଅପରେସନ ଚକ୍ର ଅଭିଯାନ ରେ ନିଶା ବେପାରୀଙ୍କ ସହିତ ନିଶାଦ୍ରବ୍ୟ ପୋଲିସ ଜବତ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ପୁରୀ ଏସ୍ପି ।

### ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ, ସୁରକ୍ଷା ଦେବାକୁ ଗୁରୁତ୍ୱ

# ଭାରତ ନବଜାତ, ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସଫଳ

ଭୁବନେଶ୍ୱର(ସବ୍ୟୁ): ଭାରତ ନବଜାତ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଆହ୍ୱାନ ରହିଛି । ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ । ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ, ବରଂ ଶିକ୍ଷା, ସଶକ୍ତିକରଣ ଏବଂ ସହାନୁଭୂତି ମାଧ୍ୟମରେ ଆମର ଗୋଷ୍ଠୀ ମଧ୍ୟରେ ରହିଛି । ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି ।

ରବିବାର ଭୁବନେଶ୍ୱରଠାରେ ଇନଫାଣ୍ଟ ଆଣ୍ଡୟଙ୍ଗ ଚାଇଲଡ ଫିଡିଙ୍ଗ ଚାପଟରର ୧୫ତମ ଜାତୀୟ ସମ୍ମିଳନୀ ଏବଂ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ ସଂଘର ୧୧ତମ ଜାତୀୟ ସମ୍ମିଳନୀର ଉଦଘାଟନୀ ସମାରୋହରେ ରାଜ୍ୟପାଳ ଶ୍ରୀ କମ୍ଭମପାଟି ଉଦବୋଧନ ଦେଇ ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ, ଆସନ୍ତାକାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ ଏବଂ ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା, ଉପରେ ଆଲୋକପାତ କରି ଏହା ଏକ ମହାନ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରେ । ଗର୍ଭଧାରଣରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଅର୍ଥାତ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ।

ଶିଶୁ ସ୍ୱାସ୍ଥ୍ୟକୁ ଆଗକୁ ବଢାଇବା ପାଇଁ ରାଜ୍ୟପାଳ ଆୟୋଜକମାନଙ୍କୁ ସେମାନଙ୍କର ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିବା ସହିତ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହରେ ଏଚଏମବିର ସେକ୍ରେଟାରୀ ଡା. କନ୍ୟା ମୁଖୋପାଧ୍ୟାୟ, ଆଇଓ୍ୱାଇସିଏଫର ସେକ୍ରେଟାରୀ ଡା. ଜୟ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସାଇଣ୍ଟିଫିକ କମିଟିର ଅଧ୍ୟକ୍ଷ ଡା. ବ୍ରଜକିଶୋର ବେହେରା ସ୍ୱାଗତ




ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ କୋ-ଅର୍ଗାନାଇଜେସନ ସେକ୍ରେଟାରୀ ଡା. ପ୍ରତୀକ ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଇଓ୍ୱାଇସିଏଫ ଏବଂ ଏଚଏମବିର ଜାତୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅଶ୍ୱିନୀ ହସ୍ପିଟାଲରେ ଡା. ଜ୍ୟୋତି ପଟ୍ଟନାୟକଙ୍କ ଯୋଗଦାନ

କଟକ, (ସ୍ୱପ୍ର) : ଏସ୍‌ସିବି ମେଡିକାଲ କଲେଜ ହସପିଟାଲ ରେସପିରେଟୋରି ମେଡିସିନ ବିଭାଗର ମୁଖ୍ୟ ଡାକ୍ତର ପ୍ରଫେସର ଡାକ୍ତର ଜ୍ୟୋତି ପଟ୍ଟନାୟକ ଅବ୍ୟାହତି ନେବା ପରେ ସ୍ଥାନୀୟ ସିଡିଏ ସ୍ଥିତ ଅଶ୍ୱିନୀ ହସ୍‌ପିଟାଲରେ ଯୋଗଦାନ କରିଛନ୍ତି । ସେ ଦୀର୍ଘ ଦିନ ଧରି ଏସ୍‌ସିବିରେ ରୋଗୀ ସେବା କରି ବହୁ ସୁନାମର ଅଧିକାରୀ ହୋଇପାରିଥିଲେ । ସେ ଏବେ ଅଶ୍ୱିନୀ ହସ୍‌ପିଟାଲରେ ରୋଗୀ ସେବା କରିବେ । ସେ ଅଶ୍ୱିନୀ ହସ୍‌ପିଟାଲରେ ଯୋଗଦେବା ପରେ ଅଶ୍ୱିନୀ ଗ୍ରୁପ୍‌ର ଏମ୍‌ଡି ଡା. ମାୟା ଗନ୍ତାୟତ, ଡା. ସମ୍ପଦ ଦାସ, ଡା. ସତ୍ୟ ରଞ୍ଜନ ମହାନ୍ତି, ଡା. ପ୍ରଦୀପ ଗିରି, ନିର୍ଦ୍ଦେଶିକା ସୁମାଦେବୀ ଦାଶ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଡା. ଜ୍ୟୋତିଙ୍କ ଯୋଗଦାନ ପରେ ଏହି ବିଭାଗରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଯଥା ବ୍ରୋଙ୍କୋସ୍କୋପି, ଟ୍ୟୁମର ରିସେକ୍ସନ, ଇବସ୍, ସ୍ଲିପ୍ ଷ୍ଟଡିସ୍ ଭଳି ଅନେକ ପଦ୍ଧତି ସର୍ବସାଧାରଣ ରୋଗୀ ସେବା ପାଇଁ ଉତ୍ସର୍ଗିକୃତ ହୋଇପାରିଛି । ଖୁସିର କଥା ଯେ ଏହି ସବୁ ପରୀକ୍ଷା ଓ ନିରୀକ୍ଷା ଏବଂ ଉପଚାର ପଦ୍ଧତି ଆୟୁଷ୍ମାନ ଭାରତ ପ୍ରଧାମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ନିଶୁଳ୍କ ଭାବେ ଉପଲବ୍ଧ । ପୋଷ୍ଟ ଗ୍ରାଜୁଏଟ୍ ଓ ଉପାଧିଦ୍ୱର ରେସପିରେଟୋରୀ ମେଡିସିନ ତଥା ପଲମୋନରୀ ମେଡିସିନର ଡାକ୍ତରମାନଙ୍କ ପ୍ରଶିକ୍ଷଣ ଓ ଗବେଷଣା ପାଇଁ ଏହା ଏକ ଉତ୍କୃଷ୍ଟ ପରିବେଶ ଯୋଗାଇବ ବୋଲି ଏଥିରେ ସନ୍ଦେହ ନାହିଁ ।




# ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମ ଠାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା ଓ ସୂଚନା ମୁତାବକ କେନ୍ଦୁଆ ଗ୍ରାମର ପିତା କହ୍ନେଇ ସିଂ ଙ୍କ ପୁଅ ଦେବଲାଲ ସିଂ । ଦେବଲା ଶ୍ରମିକ ଭାବରେ କାମ କରନ୍ତି, ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ କାମ ସାରି ଗ୍ରାମ ନିକଟରେ ଥିବା ଏକ ଜଳାଶୟକୁ ଶୌଚ ପାଇଁ ଯାଇଥିଲେ ଓ ତେବେ ଶୌଚ ସମୟରେ ଜଳାଶୟ ଭିତରେ ବୁଡି ଯାଇଥିଲେ ଓ ବହୁତ ସମୟ ପରେ ଦେବଲାଲ ଘର କୁ ନ ଫେରିବାରୁ ଘର ଲୋକ ଖଜାଖୋଜି କରିଥିଲେ ଓ ବହୁ ସମୟ ପରେ ଜଳାଶୟ ରୁ ଉଦ୍ଧାର କରି ପରିବାର ଲୋକ ବୈଶିଙ୍ଗା ଡାକ୍ତରଖାନା କୁ ଆଣିଥିଲେ କାର୍ଯ୍ୟରତ ଡାକ୍ତର ମୃତ ଘଷଣା କରିବା ସହିତ ବୈଶିଙ୍ଗା ପୁଲିସ କୁ ଖବର ଦେଇଥିଲେ । ବୈଶିଙ୍ଗା ପୁଲିସ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିବା ଜଣାଯାଇଛି ।

## ଚଳିତ ବର୍ଷ କିଟ୍ ନହ୍ନିପରୀର ରୌପ୍ୟ ଜୟନ୍ତୀ

# ଡିସେମ୍ବରରେ ହେବ ଗ୍ରାଣ୍ଡ ଫିନାଲେ, ପୁରସ୍କାର ରାଶି ୫୬ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିସନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି । କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୩ ରୁ ୧୫ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଆଜି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଓଲିଉଡ୍ ତାରକା ପୁନମ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ୍ ରୋସନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, ଡ. ତ୍ରିପୁରା ମିଶ୍ର ଓ ବାଉରୀ ରାଉଳ ପ୍ରମୁଖ ଯୋଗ ଦେଇଥିବା ବେଳେ କୋର କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ। କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୫୬ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନି ପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍‌ରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍ ପାଇଁ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ। ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ୍ କିଡ୍, ମିସ୍ ସିଣ୍ଡେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କାର ଅର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନହ୍ନିପରୀ ପ୍ରତିଯୋଗିତା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତା ଓ ପରାମର୍ଶ କ୍ରମେ ଏବେ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି।




## ପୁଣି କାଠଯୋଡ଼ିରେ ୨ ଛାତ୍ର ନିଖୋଜ

# ୧୮ ଦିନରେ ଗଲାଣି ୫ ଜୀବନ: ୨ଉଦ୍ଧାର

କଟକ,(ସବ୍ୟୁ): ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗରସ୍ଥିତ ସିଏନ୍‌ବିଟି ସମ୍ମୁଖସ୍ଥ କାଠଯୋଡ଼ି ନଦୀରେ ଘଟିଛି ଆଉ ଏକ ଅଘଟଣ । ସ୍ଥାନୀୟ ଭଗତପୁର ବଗଲାଲେନ୍‌ର ୨ଜଣ ଛାତ୍ର ପାଣିରେ ଗାଧୋଉଥିବା ବେଳେ ପାଦ ଖସି ସେମାନେ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଛାତ୍ର ଦ୍ୱୟ ହେଲେ ଓମ୍ ଆୟୁଷ ବାରିକ୍(୧୬) ଏବଂ ପ୍ରକାଶ ମହାରଣା(୧୫) । ବକ୍ସିବଜାର ଦମକଳ କେନ୍ଦ୍ରର ଏକ ରେସ୍କ୍ୟୁ ଟିମ୍ ଦୀର୍ଘ ୮ଘଣ୍ଟାର ସର୍ଚ୍ଚ ଅପରେସନ୍ କରିଥିବା ବେଳେ ସେମାନଙ୍କ ପତ୍ତା ମିଳି ପାରିନାହିଁ । ରାତି ହେବାରୁ ନଦୀ ମଧ୍ୟରେ ତଲାସି ଅଭିଯାନକୁ ବନ୍ଦ ରଖାଯାଇଛି । ଆସନ୍ତା କାଲି ଏହା ଚାଲିବ ବୋଲି ଫାୟାର୍ ଅଫିସର ସଞ୍ଜିବକୁମାର ବେହେରା ସୂଚନା ଦେଇଛନ୍ତି । ରବିବାର ଅପରାହ୍ଣରେ ୪/୫ଜଣ ସ୍ଥାନୀୟ ନାବାଳକଙ୍କ ସହିତ ଓମ୍ ଏବଂ ପ୍ରକାଶ ସିଏନ୍‌ବିଟି ସମ୍ମୁଖସ୍ଥ ଗଡ଼ାରେ କାଠଯୋଡ଼ି ନଦୀ ମଧ୍ୟକୁ ପ୍ରବେଶ କରିଥିଲେ । କୂଳରୁ କିଛି ଦୂରତାରେ ସମସ୍ତେ ମିଳିମିଶି ଗାଧୋଉଥିଲେ । ଏହାର କିଛି ସମୟ ପରେ ଓମ୍ ଏବଂ ପ୍ରକାଶ ନଦୀ ଗର୍ଭକୁ ପହଁରି ପହଁରି ଯାଇଥିଲେ । ଯଦିଓ କୂଳରେ ପାଣିର ସ୍ରୋତ ସେତେ ଅଧିକ ନଥିଲା ମଝିରେ ପାଣିର ପ୍ରଖର ସ୍ରୋତ ରହିଥିଲା । ସେମାନେ ପହଁରା ଠିକ୍ ଭାବେ ଜାଣିନଥିବା ବେଳେ ଆଉ କୂଳକୁ ଫେରି ପାରିନଥିଲେ । ପାଣିର ଗଭୀରତା ଦୃଷ୍ଟିରୁ ସେମାନଙ୍କ ପାଦ ମଧ୍ୟ ତଳେ ଲାଗିନଥିଲା । ପାଣି ସୁଅରେ ଦୂରକୁ ଦୂରକୁ ଭାସି ଯାଇଥିଲେ । କିଛି ବାଟ ଭାସିବା ପରେ ସେମାନେ ନଦୀ ଗର୍ଭରେ ସମ୍ପୂର୍ଣ୍ଣ ଭାବେ ବୁଡ଼ି ଯାଇଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ସର୍ଚ୍ଚ ଅପରେସନ୍ ଜାରି ରଖିଥିଲେ ମଧ ଛାତ୍ର ଦ୍ୱୟଙ୍କ ପତ୍ତା ମିଳି ପାରିନାହିଁ । ଅନ୍ୟପଟେ ମହାନଦୀରେ ଗତ ୩୦ ତାରିଖରେ ସମାନ ଭାବେ ଏକ ଦୁଃଖଦ ଘଟଣା ଘଟିଥିଲା । ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧେଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନାବଳକ ନଦୀର ଗଭୀର ଜଳ ରାଶିରେ ଭାସି ଯାଇଥିଲା । ନଦୀରେ ଭାସିଯାଇଥିବା ନାବାଳକର ନାଁ ବାବୁ ନାୟକ(୧୬) । ଅପରାହ୍ଣ ୩ଟାରେ ବାବୁ ତା' ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହିତ ଜଳକ୍ରୀଡ଼ା କରୁଥିଲା । ହଠାତ୍ ତା'ର ପାଦ ଖସିଯିବାରୁ ସେ ନଦୀରେ ନିଖୋଜ ହୋଇଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୧୮ ଦିନ ମଧ୍ୟରେ ଉଭୟ ମହାନଦୀ ଓ କାଠଯୋଡ଼ିରେ ଭାସି ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମାତ୍ର ୨ଜଣଙ୍କୁ ଉଦ୍ଧାର କରାଯାଇ ପାରିଛି ।

## ମଞ୍ଚେଶ୍ୱର ରେଳ କାରଖାନା : ଜମି ଅଧିଗ୍ରହଣ ନିଯୁକ୍ତିରେ ଅବହେଳା

# ହଜାରେ ଥର ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ଜମି ଅଧିଗ୍ରହଣ ନିଯୁକ୍ତିରେ ସାଂଘାତିକ ଅବହେଳା ହୋଇଛି । ଜମି ଯାଇଥିବା ଦାବିଦାର ମିନା କୁମାରୀ ପାତ୍ର ଦୀର୍ଘ ଦିନ ମଧ୍ୟରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବା ସେ କହିଛନ୍ତି । ଥରେ ଦୁଇଥର ତାଙ୍କୁ ଡାକି ଇଣ୍ଟରଭ୍ୟୁ କରାଇଥିଲେ ମଧ୍ୟ କିଛି ଫଳ ହେଲାନାହିଁ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

ମିନା କୁମାରୀ ପାତ୍ରଙ୍କ ଘର ଗାଡକଣ ଗ୍ରାମରେ । ତାଙ୍କ ପରିବାର ଯେଉଁ ଜମି ହରାଇଥିଲେ ତା'ର ହୋଲ୍‌ଡିଂ ନଂ-୩୦, ଖାତା-୩୦୯ର ପ୍ଲଟ୍-୩୯୪୨, ଏରିଆ ୫ ଡେସିମିଲି । ଜମି ରେଳବାଇ ଅଧିଗ୍ରହଣ କରିବା ପରେ ତାଙ୍କୁ ପ୍ରଥମେ ୧୯୮୪ ମସିହା ଅକେଫାବର ୧୬ ତାରିଖରେ ଇଣ୍ଟରଭ୍ୟୁ ପାଇଁ ଡକାଯାଇଥିଲା । ସେ ସେହି ଇଣ୍ଟରଭ୍ୟୁରେ ଫେଲ୍ ହୋଇଥିବା ତାଙ୍କୁ ରେଳ ଅଧିକାରୀ ପରେ ଜଣାଇଥିଲେ । ଜମି ଅଧିଗ୍ରହଣରେ ଫେଲ୍ ପାସ୍ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଦୁଃଖର ବିଷୟ ଏହି କି ଯେ, ତାଙ୍କ ସହିତ ଇଣ୍ଟରଭ୍ୟୁ ଦେଇଥିବା ଫେଲ୍ ଦାବିଦାରମାନଙ୍କୁ ତୃତୀୟ ଓ ଚତୁର୍ଥଥର ପାଇଁ ଇଣ୍ଟରଭ୍ୟୁ ଦେବାକୁ ଡାକିଥିଲେ । ତେବେ ହୋଲିଂ ନଂ-୩୦ ଉପରେ ମାଲିକ ହୁଅନ୍ତୁ କିମ୍ବା ଭାଗୀଦାର ହୁଅନ୍ତୁ ତାଙ୍କୁ ଏକାଥରେ ନୋମିନେଟ୍ କରିପାରିବେ ନାହିଁ ବୋଲି ସର୍କୁଲାର ନଂ-୨୫୩ ଅନୁଯାୟୀ ୧୯୮୨ ମେ' ୨୭ ତାରିଖର ପଏଣ୍ଟ ନମ୍ବର-୩ରେ ଉଲ୍ଲେଖ ରହିଛି । କିନ୍ତୁ ମଞ୍ଚେଶ୍ୱର ରେଳ ଅଧିକାରୀ ଏହି ନିୟମକୁ ଉଲ୍ଲଙ୍ଘନ କରି ଭାଗୀଦାର ଓନର ଦିଗମ୍ବର ବେହେରାଙ୍କ ପୁଅ ରବୀନ୍ଦ୍ର ବେହେରା ଓ ଭଣଜା ଲକ୍ଷ୍ମୀଧର ବେହେରାଙ୍କୁ ୧୯୮୪ ମସିହା ଅକେଫାବର ୧୬ ଓ ୧୭ ତାରିଖରେ ହୋଲିଂ ନଂ-୩୦ ଉପରେ ଇଣ୍ଟରଭ୍ୟୁ ଡାକିଥିବା ବେଳେ ମୀନା କୁମାରୀ ପାତ୍ରଙ୍କୁ ଡକାଯାଇ ନଥିଲା । ୨୦୦୬ ମସିହା ଫେବୃଆରୀ ୨୦ ତାରିଖରେ ହୋଲିଂ ନଂ-୩୦ ଉପରେ ଦୁଇଜଣ ଇଣ୍ଟରଭ୍ୟୁ ଦେଇଥିଲେ । ସେ ହେଉଛନ୍ତି ମୀନା କୁମାର ପାତ୍ର ଓ ରବୀନ୍ଦ୍ର ଦେଇଥିଲେ । ହେଲେ ଆଶ୍ଚର୍ଯ୍ୟର ବିଷୟ ୨୦୦୭ ଅକେଫାବର ୩୦ରେ ସେହି ହୋଲିଂ ନମ୍ବର ଉପରେ ୩ଜଣ ଇଣ୍ଟରଭ୍ୟୁ ଦେଇଥିଲେ । ବଟକୃଷ୍ଣ ନନ୍ଦ ଧର୍ମଝିଅ ମନୋନୀତ କରିଥିଲେ ମୀନା କୁମାରୀ ପାତ୍ରଙ୍କୁ । ସେହିପରି ଦିଗମ୍ବର ବେହେରା ମନୋନୀତ କରିଥିଲେ ରବୀନ୍ଦ୍ର ବେହେରା ଓ ଭଣଜା ଲକ୍ଷ୍ମୀଧର ବେହେରାଙ୍କୁ ।

ଆର୍‌ଟିଆଇ ମାଧ୍ୟମରେ କେଉଁ ଚିଠି ଭୁଲ୍ ଓ କେଉଁ ଚିଠି ଠିକ୍ ଜାଣିବାକୁ ଚାହିଁବାକୁ ଚାହିଁବାରୁ ଆର୍‌ଟିଆଇ ଅଫିସ୍ ୨୦୧୦ ଜୁଲାଇ ୭ ତାରିଖରେ ଭୁଲ୍ ଠିକ୍ ଜଣାଇବା ତାଙ୍କ ପରିସରଭୁକ୍ତ ନୁହେଁ ବୋଲି କହିଥିଲେ । ଏସ୍‌ଡିଓ ଭୁବନେଶ୍ୱରଙ୍କ ସାର୍ଟିଫିକେଟ୍ ଅନୁସାରେ ପ୍ଲଟ୍ ନଂ-୩୯୪୨ ଓ ଖାତା ନଂ-୩୯୮ ଡିସିମିଲି ଜମି ମଞ୍ଚେଶ୍ୱର ରେଳଡବା ନେଇଥିଲେ ମଧ୍ୟ ଚିଠିରେ ତାଳମେଳ ରହୁନଥିବାରୁ ଦାବିଦାର ମୀନା କୁମାରୀ ଅବହେଳାର ଶିକାର ହୋଇଛନ୍ତି । ପୂର୍ବ ଇଣ୍ଟରଭ୍ୟୁକୁ ରଦ୍ଦ ନକରି ଖାଲି ଜାଲିଆତି କଥା କହୁଛନ୍ତି ରେଳ ଅଧିକାରୀ । ଆପତ୍ତି କଲେ ମଧ୍ୟ ବୟସାଧିକ ହୋଇଛି ବୋଲି କହି ଅଭିଯୋଗ ବିଚାରକୁ ନେଉନାହାନ୍ତି । ଏହି ଅବହେଳା ପାଇଁ ମଞ୍ଚେଶ୍ୱର ରେଳ ଅଧିକାରୀ ଦାୟୀ ବୋଲି ସେ କହିଛନ୍ତି । ୨୦୨୫ ମସିହା ସେପେଫମ୍ବର ୨୦ ତାରିଖରେ ରେଳ ଅଧିକାରୀ ସନ୍ତୋଷ କୁମାର ମିଶ୍ର କହିଛନ୍ତି ଯେ, ଆମ ସକ୍ୟୁଲାର ଠିକ୍ ଅଛି । ଜମି ହରାଇଥିବା ପରିବାରର ଏଲ୍‌ଏ କେସ୍ ନଂ-୭୭/୭୯ ତାଲିକା ଭୁଲ ଥିବା ମୀନା କୁମାରୀ ଅଭିଯୋଗ କରିଛନ୍ତି । ହଙ୍ଗର ଷ୍ଟ୍ରାଇକ୍ ନୋଟିସ୍ ୨୦୨୫ ମସିହା ନଭେମ୍ବର ୨୪ ତାରିଖ ପାଇଁ ରେଳବାଇ ଅଫିସ୍‌କୁ ଚିଠି ଲେଖିଥିଲେ ମଧ ସେମାନେ କୌଣସି ଉତ୍ତର ନଦେଇ ଖାଲି ମୋବାଇଲ ମେସେଜ ଦେଇ ଜଣାଇଥିଲେ ଯେ, ଚଳିତବର୍ଷ ସେପେଫମ୍ବର ୨୦ ତାରିଖରେ ଆର୍‌ଟିଆଇ ମାଧ୍ୟମରେ ଆମେ ସବୁ ଜଣାଇ ଦେଇଛୁ । ଏହିପରି ଦୀର୍ଘଦିନ ସେ ଅବହେଳା ହେବା ଦ୍ୱାରା ୧୯୮୫ରୁ ୨୦୨୫ ମଧ୍ୟରେ ମଞ୍ଚେଶ୍ୱର ରେଳଡବା କାରଖାନାର ଅଫିସରଙ୍କୁ ହଜାରେରୁ ଅଧିକଥର ଚିଠି ଲେଖି ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଛି । ରେଳବାଇ ଯଦି ନିଯୁକ୍ତି ନଦେଲା ତେବେ ଜମିର ମୂଲ୍ୟ ଆମ ପରିବାରକୁ ଫେରସ୍ତ କରୁ ବୋଲି ମୀନା କୁମାରୀ ଦାବି କରିଛନ୍ତି ।

# ସାମାଜିକ କର୍ମୀ ଦୀପକ୍ କୁମାର ଚୌଧୁରୀ ହେଲେ ଡିଜାଷ୍ଟର ଆମ୍ବାସଡର

କଟକ,(ସବ୍ୟୁ): ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ(ବିସିଟି) ଉପଦେଷ୍ଟା ତଥା କଟକ ରେଡକ୍ରସ୍ ବ୍ଲଡ଼ ବ୍ୟାଙ୍କ ଆୱାରନେସ୍ କମିଟି ସଦସ୍ୟ ରକ୍ତଦାତା ସମାଜସେବୀ ଦୀପକ୍ କୁମାର ଚୌଧୁରୀଙ୍କୁ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ୟୁଥ୍ ଡେଭେଲପ୍ ମେଣ୍ଟ ଏବଂ ବିଶ୍ୱ ଯୁବକ କେନ୍ଦ୍ର ଦିଲ୍ଲୀ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀର୍ଘ ଦିନ ଧରି ନିଜର ଜୀବନକୁ ବାଜି ଲଗେଇ ନିସ୍ୱାର୍ଥ ପର ଭାବରେ ସମାଜ ମଙ୍ଗଳ ପାଇଁ ଅନବରତ କାର୍ଯ୍ୟ କରିବା ନେଇ ଉତ୍ସାହିତ କରିବା ପୂର୍ବକ ଡିଜାଷ୍ଟର ଆମ୍ବାସଡର ଭାବରେ ଘୋଷଣା କରାଯିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସଭାରେ ଓଡ଼ିଶା ରାଜ୍ୟ ସହିତ କଲିକତା,ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ,ଛତିଶଗଡ଼,ମଧ୍ୟପ୍ରଦେଶ ରାଜ୍ୟରୁ ଶତାଧିକ ସ୍ୱେଚ୍ଛାସେବୀ ବର୍ଗ ଯୋଗଦାନ କରିଥିଲେ । ସଭାରେ ବିଶ୍ୱ ଯୁବକ କେନ୍ଦ୍ର ଦିଲ୍ଲୀ ମୁଖ୍ୟ ପରିଚାଳକ ଉଦୟ ଶଙ୍କର ସିଂହ,ଇଣ୍ଡିଆନ୍ ଇନିଷ୍ଟି ଚୁଟ ଅଫ ୟୁଥ୍ ଡେଭେଲପ୍ ମେଣ୍ଟର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ର,ଇଗ୍ନୋ ଇନୀଷ୍ଟିଚୁଟ୍ ଦିଲ୍ଲୀ ଭାଇସ୍ ଚାନ୍ସେଲର ଡାକ୍ତର ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇ ସମାଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ଦୈବୀ ଦୁର୍ବିପାକ ସମୟରେ ସ୍ୱେଚ୍ଛାକୃତ ଭାବରେ ସ୍ୱେଚ୍ଛାସେବୀ ବର୍ଗ ନିଜର ଜୀବନକୁ ବାଜି ଲଗେଇ କିପରି କାର୍ଯ୍ୟ କରୁଛନ୍ତି ସେହି ବିଷୟରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ସାମାଜିକ କର୍ମୀ ଦୀପକ ଜୀ ଦୀର୍ଘ ଦିନ ଧରି କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରରେ ସ୍ୱଚ୍ଛୋସେବୀ ଏବଂ ଇଣ୍ଡିଆନ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଭାବେ ଭାବେ କାର୍ଯ୍ୟ କରିବା ସହ ରକ୍ତଦାନ ନେଇ ଜନ ସଚେତନତା,ଦୈବୀ ଦୁର୍ବିପାକ,ରୋଡ ସେଫ୍ଟି, ଫାଷ୍ଟେଡ୍ତି ଜାଷ୍ଟର ମ୍ୟାନେଜମେଣ୍ଟ ଆଦି ବିଭିନ୍ନ ଦିଗରେ ମାଷ୍ଟର ଟ୍ରେନର ଭାବେ ନିଜର ଦାୟୀତ୍ୱ ସଂପନ୍ନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

# ଚୋରି ମୋବାଇଲ ସୁରଟରୁ ଜବତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ନୂଆ ଦୋକନ୍ଦା ଗ୍ରାମର ସୁଦର୍ଶନ ବେହେରାଙ୍କ ଗୋଟିଏ ଓପୋ ମୋବାଇଲ ଗତ ତା ୨୮.୦୩.୨୦୨୫ ରିଖରେ କଣାସ ବଜାରରେ ଚୋରି ହୋଇଯାଇଥିଲା। ଏନେଇ ସେ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କଣାସ ଥାନା ପକ୍ଷରୁ ଉକ୍ତ ମୋବାଇଲ ଫୋନକୁ ଟ୍ରାକ କରିବା ପରେ ତାହା ସୁଦୂର ଗୁଜୁରାଟର ସୁରଟରେ ବ୍ୟବହାର ହେଉଥିବା କଣାସ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ନାୟକ ଜାଣିବାକୁ ପାଇଥିଲେ। ପରେ ସୁରଟ ପୋଲିସ ସହ ଯୋଗାଯୋଗ କରି ସେଠାରୁ ମୋବାଇଲ ଆଣିବାର ବ୍ୟବସ୍ଥା କରି ଆଜି ଉକ୍ତ ମୋବାଇଲର ମାଲିକ ଦୋକନ୍ଦା ଗ୍ରାମର ସୁଦର୍ଶନ ବେହେରାଙ୍କୁ ହସ୍ତାନ୍ତର କରିଛନ୍ତି।

# ଓଡିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା

ଭୁବନେଶ୍ୱର (ସବ୍ୟୁ): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଆୟୋଜିତ ୧୩ତମ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ-୨୦୨୫ ଏକ ବର୍ଣ୍ଣାଢ୍ୟ ପରିବେଶରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବର ପୂର୍ବାହ୍ନ କାର୍ଯ୍ୟକ୍ରମ ସକାଳ ୧୦.୩୦ ରୁ ଆରମ୍ଭ ହୋଇ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଚାଲିଥିଲା । ପୂର୍ବାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ଓଡିଶୀ ଗାନ ସମାବେଶ । ସମୟର ଆବଶ୍ୟକତା ଅନୁଯାୟୀ, ଏହି ସଂଗୀତ ଅଧିବେଶନ ହେଉଛି ଏକାଡେମର କଣ୍ଠଶିଳ୍ପୀ ଏବଂ ଓଡ଼ିଶାର ବିଭିନ୍ନ ସଂସ୍ଥାଗୁଡ଼ିକୁ ଓଡ଼ିଶୀ ରାଗ ଗାୟନର କାଳଜୟୀ ପରମ୍ପରାରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସମର୍ଥନ ଏବଂ ଉତ୍ସାହିତ କରିବାର ଏକ ଉପାୟ । ପ୍ରଥମ ପ୍ରସ୍ତୁତିରେ ଥିଲା ଗୁରୁ ଉମେଶ ଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶାବରୀ କାଲ୍ଚୁରାଲ ସୋସାଇଟୀର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ସଂଗୀତ ପରିବେଷଣ ପରେ ପରେ ଗୁରୁ ରବି ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱର ତୀର୍ଥର ଶିଳ୍ପୀମାନଙ୍କ ଦ୍ୱାରା ସଂଗୀତ ପରିବେଷଣ ।




ଉଦ୍‌ଯାପନୀ ସଂଧ୍ୟାର ଅତିଥିମାନେ ଥିଲେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ଓଡିଶୀ ଗାୟକ ତଥା ଗବେଷକ ଗୁରୁ ରାମହରି ଦାସ, ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଉପ ସଭାପତି ଡକ୍ଟର ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟ ସାଧକ ତଥା ଗୀତିକାର ଶ୍ରୀଯୁକ୍ତ ଗୌର ପଟ୍ଟନାୟକ, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ, ଗବେଷକ, ସଂଗୀତକାର ଓ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ପ୍ରସିଦ୍ଧ ଓଡ଼ିଶୀ କଣ୍ଠଶିଳ୍ପୀ ଶ୍ରୀମତୀ ସଙ୍ଗୀତା ପଣ୍ଡା । ପ୍ରଦୀପ ପ୍ରଜ୍ୱୋଳନ ପରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ବଙ୍କିମ ସେଠୀଙ୍କୁ ଗୁରୁ ସିଂହରୀ ସମ୍ମାନ ୨୦୨୫, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶକ ଏବଂ ନୃତ୍ୟ ନିର୍ଦ୍ଦେଶିକା ଗୁରୁ ଡକ୍ଟର ଅରୁଣା ମହାନ୍ତି (ପଦ୍ମଶ୍ରୀ)ଙ୍କୁ ଭାଗବତୀ ସ୍ମୃତି ସମ୍ମାନ ୨୦୨୫ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ ଙ୍କୁ ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା ।

# ଇଂରାଜୀ ଔପନ୍ୟାସିକ ଡ. ଧରଣୀଧର ସାହୁଙ୍କ ସ୍ମୃତି ସଭା

ଭୁବନେଶ୍ୱର, (ସବ୍ୟୁ): ଧରଣୀଧର ସାହୁଙ୍କ ଉପନ୍ୟାସ ଓ ଗଳ୍ପ ମାନବିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଚେତନାରେ ପରିପୁଷ୍ଟ । ରହସ୍ୟମୟ ଜୀବଜଗତ ସହ ମଣିଷର ଚେତନାଗତ ସଂଘାତ ଓ ଏହାର ପରିବର୍ତ୍ତନ ଓ ଜଡ଼ତାକୁ ନେଇ ଦାର୍ଶନିକ ବିଶ୍ଳେଷଣ ଦେଖିବାକୁ ମିଳେ ତାଙ୍କ ଲେଖାମାନଙ୍କରେ" ବୋଲି ପ୍ରଥିତଯଶା କଥାକାର ଓ ଔପନ୍ୟାସିକ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ କେଶୁରା ଛକ ନିକଟସ୍ଥ ପଲ୍ଲବୀ ମଣ୍ଡପଠାରେ ସୁନାମଧନ୍ୟ କଥାକାର ଓ ଔପନ୍ୟାସିକ ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଇଂରେଜୀ ଔପନ୍ୟାସିକ ଓ କଥାକାର ସ୍ୱର୍ଗତଃ ଡକ୍ଟର ଧରଣୀଧର ସାହୁଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କଥାକାର ତରୁଣକାନ୍ତି ମିଶ୍ର କହିଲେ "ଧରଣୀଧର ସାହୁ କେବଳ ଜଣେ ଇଂରାଜୀ ଔପନ୍ୟାସିକ କି ଗାଳ୍ପିକ ନୁହଁନ୍ତି ସେ ଓଡ଼ିଆରେ ମଧ୍ୟ ବହୁ ଉଚ୍ଚକୋଟୀର କବିତା ଲେଖିଛନ୍ତି। "ସ୍ମୃତି ଓ ସଙ୍କେତ" କବିତା ସଙ୍କଳନରେ ପ୍ରାୟ ସମସ୍ତ କବିତା ମାନବ ଜୀବନ ଦର୍ଶନର ସମସ୍ତ ଦିଗକୁ ସ୍ପର୍ଶ କରିଛନ୍ତି।" ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଖ୍ୟାତନାମା ସାହିତ୍ୟିକ ତଥା ରେଭେନ୍‌ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ଧରଣୀଧର ସାହୁଙ୍କ ଉପନ୍ୟାସ ଓ କବିତା ଉପରେ ଆଲୋକପାତ କରି କହିଲେ - " ଅତ୍ୟନ୍ତ ଶାନ୍ତ, ସରଳ, ସ୍ୱଳ୍ପଭାଷୀ ଧରଣୀ ଯେ ଇଂରାଜୀ ସାହିତ୍ୟରେ ଏତେ ବ୍ୟାପ୍ତ, ପରିବ୍ୟାପ୍ତ କଳନା କରିବା କଷ୍ଟ । ତାଙ୍କର ଇଂରାଜୀ ଭାଷାର ପ୍ରୟୋଗ ଓ ଶୈଳୀ ଖୁବ୍ ଆକର୍ଷଣୀୟ । ଅନ୍ୟତମ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ହିମାଂଶୁ ଶେଖର ମହାପାତ୍ର "ସାହିତ୍ୟରେ ଦାର୍ଶନିକ ଚେତନା ଓ ମାନବିକ ସମ୍ବେଦନଶୀଳତା ଧରଣୀଧର ସାହୁଙ୍କ ଗଳ୍ପ-ଉପନ୍ୟାସରେ ପରିପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟର ପ୍ରଫେସର ତଥା ଅନୁବାଦକ ଡକ୍ଟର ଯତୀନ କୁମାର ନାୟକ, ଖ୍ୟାତନାମା ନାଟ୍ୟକାର ଡକ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ସୁନାମଧନ୍ୟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଶାସକ ପ୍ରଦୀପ କୁମାର ରଥ, ବିଶିଷ୍ଟ କଥାକାର ପ୍ରଫେସର ଡକ୍ଟର ଗୁରୁଚରଣ ବେହେରା, ପ୍ରଫେସର ଡକ୍ଟର ଦୀପ୍ତିରଞ୍ଜନ ପଟ୍ଟନାୟକ, ପ୍ରଫେସର ଡକ୍ଟର ଏ. ରାଜାରାଓ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ ମିଶ୍ର, ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ଧରଣୀଧର ସାହୁଙ୍କ ପ୍ରଥମ ପିଏଚ୍‌ଡି ସ୍କଲାର ପ୍ରଫେସର ଡକ୍ଟର ବଳଭଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ନିରଞ୍ଜନ ଶତପଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଧ୍ରୁବଚରଣ ଖୁଣ୍ଟିଆ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ଅଧ୍ୟକ୍ଷ ଭୀଷ୍ମଚରଣ ରଥ ସ୍ମୃତିସଭାରେ ଅତିଥିଭାବେ ଯୋଗଦାନ କରି ଧରଣୀଧର ସାହୁଙ୍କ ସାହିତ୍ୟ ଓ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ଏହି ସ୍ମୃତିସଭାକୁ ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଚାଳନା କରିଥିଲେ । ଶେଷରେ ସ୍ୱର୍ଗତଃ ସାହୁଙ୍କ ପୁତ୍ର ଅୟସକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତିସଭାରେ ଲେଖକ ଇ. ଦିନେଶ ମାଲି, ଖ୍ୟାତନାମ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥି, ବିଶିଷ୍ଟ ଅନୁବାଦକ ବଙ୍ଗାଳୀ ନନ୍ଦ, ବରିଷ୍ଠ କବି ବୈକୁଣ୍ଠନାଥ ସାହୁ, ପ୍ରଫେସର ଡକ୍ଟର ରାମନାରାୟଣ ପଣ୍ଡା, ସ୍ୱର୍ଗତଃ ସାହୁଙ୍କ ପତ୍ନୀ ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା କନକ ମଞ୍ଜରୀ ସାହୁ, ଦୁଇଝିଅ ଲୋପାମୁଦ୍ରା ଓ ମୋନାଲିସା, ଜ୍ୱାଇଁ ଦେବବ୍ରତ ବେହେରା ଓ ସନ୍ଦୀପ ସାହୁ, ବୋହୁ ସୁସ୍ମିତା ସାହୁ ସମେତ ବହୁ ବିଶିଷ୍ଟ କବି, କଥାକାର, ଔପନ୍ୟାସିକ, ଶିକ୍ଷାବିତ୍, ନାଟ୍ୟକାର, ପ୍ରାବନ୍ଧିକ ଏହି ସ୍ମୃତିସଭାରେ ଯୋଗଦାନ କରିଥିଲେ ।




# ସାପ କାମୁଡା ଏବଂ ବିଦ୍ୟୁତ ଆଘାତରେ ଦୁଇ ଜଣଙ୍କ ମୃତ୍ୟୁ

ଆଠଗଡ ,(ସବ୍ୟୁ) : ରବିବାର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଦୁଇ ଜଣ ମୃତ୍ୟୁ ହୋଇଥିବା ଜଣାପଡିଛି। ଆଠଗଡ ଥାନା ଅନ୍ତର୍ଗତ ରେଗେଡାପଡାର ପଠାଣୀ ଖଟୁଆଙ୍କ ପୁଅ ପ୍ରଦୀପ କୁମାର ଖଟୁଆ (୩୩) ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ବେଳେ ତରଡିଙ୍ଗ ଗ୍ରାମ ର ନରେନ୍ଦ୍ର ମଲ୍ଲିକ ଙ୍କ ର ସାପ କାମୁଡା ରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରେଗେଡାପଡା ର ପ୍ରଦୀପ ଘର ସାମ୍ନାରେ ଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତରଡିଙ୍ଗ ଗ୍ରାମ ର ନରେନ୍ଦ୍ର ଦିନ ତିନିଟା ବେଳେ ବିଲକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ସାପ କାମୁଡି ଦେଇଥିବା ଅଭିଯୋଗ ହୋଇଛି। ତାଙ୍କର ପରିବାରର ଅନ୍ୟ ଜଣଙ୍କ ର ମୃତ୍ୟୁ ହୋଇଥିବା ବେଳେ ଆଜି ତିକ୍ତ ଖାଇବାକୁ ନରେନ୍ଦ୍ର ଙ୍କୁ ଖୋଜା ପଡିଥିଲା। ବହୁ ଖୋଜାଖୋଜି ପରେ ସେ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ରୟାଲ ଫାର୍ମାସୀ କଲେଜ ନିର୍ଦ୍ଦେଶକ ପ୍ରଫେସର ପିଏନ୍ ମୂର୍ତ୍ତିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଅନ୍ଧପସରା ରୋଡ ଠାରେ ଅବସ୍ଥିତ ରୟାଲ ଫାର୍ମାସୀ କଲେଜର ନିର୍ଦ୍ଦେଶକ ପ୍ରଫେସର ପି.ଏନ୍.ମୂର୍ତ୍ତିଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଲେଜ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଡଃ. ଟି.ପ୍ରକାଶ ରାଓ, ଶାକା ଶ୍ରୀକାନ୍ତ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ଏହି ପରିପ୍ରେକ୍ଷୀରେ ରୟାଲ୍ ଫାର୍ମାସୀ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଡଃ.ଟି.ପ୍ରକାଶ ରାଓ, କଲେଜ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା, ଷ୍ଟାଫ୍ ଏବଂ ଛାତ୍ରଛାତ୍ରୀଙ୍କ ଗହଣରେ ପ୍ରଫେସର ପି.ଏନ୍. ମୂର୍ତ୍ତି ଏବଂ ତାଙ୍କ ସହ–ଧର୍ମଣି ପି.ସୁଶୀଳାଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ–ଥିଲା । ପ୍ରଫେସର ପି.ଏନ୍. ମୂର୍ତ୍ତିଙ୍କ ଜୀବନି ଉପରେ କଲେଜର ପ୍ରଫେସର ଅଞ୍ଜନ କୁମାର ମହାପାତ୍ର ଅଲୋକପାତ କରିଥିଲେ । ସେହିପରି ମହୁଡା ଫାର୍ମାସୀ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଭି.ଜଗନ୍ନାଥ ରାଓ, କଲେଜ ଉପାଧକ୍ଷ ରମେଶ ଚନ୍ଦ୍ର ଦାଶ, ଜି.ପି.ସି.ଡି.ଏ.ର ସମ୍ପାଦକ ତଥା ୟ.ସି.ଡି.ଏ.ର ସଭାପତି ପି.ସତ୍ୟନାରାୟଣା, ଅବସରପ୍ରାପ୍ତ କର୍ମଚାରୀ ମନମୋହନ ବିଷୋୟୀ, ଜୟଦେବ ପାଢୀ, ପ୍ରଶାନ୍ତ କୁମାର ଦାସ ଏବଂ ରୋଲାଣ୍ଡ ଫାର୍ମାସୀ କଲେଜର ପରିଚାଳନା କମିଟି ଅଧକ୍ଷା ଜେ.ଜୟଲକ୍ଷ୍ମୀ, ନିର୍ଦ୍ଦେଶିକା ଜେ.ଶୃତି, କେଲଜର ଅଧକ୍ଷ ଡଃ.ବି.ଭି.ଭି.ରବି କୁମାର, ଉପାଧକ୍ଷ ସି.ଏଚ୍.ନିରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଫେସର ପି.ଏନ୍.ମୂର୍ତ୍ତି ଏବଂ ତାଙ୍କ ସହ–ଧର୍ମଣି ପି. ସୁଶୀଳାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ପ୍ରଫେସର ପି.ଏନ୍.ମୂର୍ତ୍ତି ନିଜ ଜୀବନ କାଳରେ ଫାର୍ମାସୀ ଶିକ୍ଷା କ୍ଷେତ୍ରରେ ଦୀର୍ଘ ୪୭ ବର୍ଷ ଭିତରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଉଚ୍ଚ ପଦବୀରେ ରହି ନିଜ କାର୍ଯ୍ୟ ସମ୍ପାଦନା କରିଥିଲେ । ଛାତ୍ରଛାତ୍ରୀଙ୍କ ମାନଙ୍କ ଭବିଷ୍ୟତ ଗଢିବାରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ବିଭିନ୍ନ ବ୍ୟକ୍ତି ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର ଉପାଧକ୍ଷ ପ୍ରଫେସର ଉମାଶଙ୍କର ମିଶ୍ର, ମଧୂସ୍ମିତି ଖଣ୍ଡେଇ, ସୁରେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ । ପ୍ରଫେସର ପ୍ରଶାନ୍ତ କୁମାର ଚୌଧୂରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତା : ମୟୂରଭଞ୍ଜରୁ ୪୮ ସାମିଲ





ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ, ଭୁବନେଶ୍ୱର ଅନୁଷ୍ଠିତ ହେବ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୪୮ଜଣ କ୍ରୀଡାବିତ୍ତ ଯୋଗ ଦେବେ । ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ନେବଦା, ଯଶିପୁରର ପିଇଟି ପ୍ରକାଶଚନ୍ଦ୍ର ସୋଏ ଓ ବାଳିକା ଟିମ ମ୍ୟାନେଜର ଭାବେ ମାବାସନ୍ତୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଧୋବାନୀଶୋଳର ପିଇଟି ଉର୍ମିଳା ମୁଣ୍ଡାଙ୍କ ନେତୃତ୍ୱରେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦଶାନା କ୍ରିଷ୍ଟା ନାଏକ, ଦୁଲାରୀ ହାଁସଦାଃ, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦାଃ, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ । ବାଳକ ଟିମ ମ୍ୟାନେଜର ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁନ୍ଦୁର ପିଇଟି କ୍ରିଷ୍ଟା ଟୁଡୁ ଓ ବାଳିକା ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଧଳପୁରର ପିଇଟି ଆଶାଲତା ମୁର୍ମୁଙ୍କ ନେତୃତ୍ୱରେ ୧୪ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦାଃ, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗ ରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି, ରଞ୍ଜିତା ସିଂ ଯୋଗ ଦେବେକ୍ଷ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ, ଶିକ୍ଷକ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

# ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ୨୩ ତାରିଖ ଦିନ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ବିଶ୍ୱସ୍ତରୀୟ ଜନ୍ମ ଶତବାର୍ଷିକୀ ସମାରୋହ ପ୍ରଶାନ୍ତିନିଳୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡ଼ିଶା ରାଜ୍ୟ ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ନିମନ୍ତ୍ରଣ ଜଣାଇଛନ୍ତି । ଏହା ସହିତ ଆଗାମୀ ବର୍ଷ ଜାନୁଆରୀ ୧୮ ତାରିଖରେ କଟକରେ ହେବାକୁ ଥିବା ୫୦ତମ ରାଜ୍ୟ ସମ୍ମିଳନୀ ପାଇଁ ମଧ ନିମନ୍ତ୍ରଣ କରିଥିଲେ । ପୁଟ୍ଟାପର୍ତ୍ତୀଠାରେ ଥିବା ଶ୍ରୀ ସତ୍ୟସାଇ ସୁପର ସ୍ପେଶିଆଲିଟି ହାସ୍ପିଟାଲରେ ଓଡ଼ିଶାର ସହସ୍ରାଧିକ ରୋଗୀଙ୍କ ନିଶୁଳ୍କ ସ୍ୱାସ୍ଥ୍ୟସେବା କଥା ମୁଖ୍ୟମନ୍ତ୍ରୀ ମନେ ପକାଇଥିଲେ। ପ୍ରଶାନ୍ତିନିଳୟ ଠାରେ ହେବାକୁ ଥିବା ପବିତ୍ର ଜନ୍ମ ଶତବାର୍ଷିକୀ ଓ କଟକ ରାଜ୍ୟ ସମ୍ମିଳନୀରେ ଯୋଗ ଦେବାପାଇଁ ସେ ଆଗ୍ରହ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇ ସଙ୍ଗଠନର ଡ. ଅଶୋକ ହୋତା, ପ୍ରତାପ ପଣ୍ଡା ଓ ଅଞ୍ଜନି ପଟ୍ଟନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ।

# ଡ୍ରିମ୍ସରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




କଟ୍‌କ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଆଲୋଚନା ଚକ୍ରକୁ ଡ୍ରିମ୍‌ସ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଉଦଘାଟନ କରି ଦୁର୍ନୀତି ହିଁ ପ୍ରଗତିର ଗତିରୋଧକ ବୋଲି ଉଲ୍ଲେଖ କରି ଏଦିଗରେ ଜନସଚେତନା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଆଲୋଚନା ଚକ୍ରରେ ପୌରହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କର୍ତ୍ତବ୍ୟ ନିଷ୍ଠା, ସ୍ୱଚ୍ଛତା ବଜାୟ ରହିଲେ ଦୁର୍ନୀତି ଆପେ ଦୂରେଇଯିବ ବୋଲି କହିଥିଲେ । ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ତାଙ୍କ ବକ୍ତବ୍ୟରେ ନୈତିକ ଶିକ୍ଷାର ପ୍ରସାର ଦ୍ୱାରା ବ୍ୟକ୍ତି ଚରିତ୍ରରେ ପରିବର୍ତ୍ତନ ଆସିବ ଓ ଦୁର୍ନୀତି ରୋକାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ ଓଡିଶାକୁ ଦୁର୍ନୀତି ମୁକ୍ତ ରାଜ୍ୟ ଭାବରେ ଗଢିତୋଳିବା ଲାଗି ସମ୍ମିଳିତ ତଥା ସଂକଳ୍ପବଦ୍ଧ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିତବଲେ । ଏହି ଅବସରରେ ପ୍ରାଧ୍ୟାପିକା କୁଲସନ୍ ପଟ୍ଟନାୟକ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତି ନିରୋଧୀ ସଂକଳ୍ପ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଡ. ନୟନ ରଂଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଂଜନ ମହାନ୍ତି, ଡ. ବିଶ୍ୱରଂଜନ ଷଡଙ୍ଗୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍ ଓ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ପ୍ରାଧ୍ୟାପକ ରଘୁନାଥ ରାଉତ ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ମଦ୍ୟପଙ୍କ ଗୋଲିଆ ଯାତ୍ରୀ ପ୍ରତୀକ୍ଷାଳୟରେ ଭଙ୍ଗାରୁଜା

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମ ଛକରେ ଥିବା ଯାତ୍ରୀ ପ୍ରତିକ୍ଷାଳୟରେ ମଦ୍ୟପମାନେ ଉନ୍ମୁକ୍ତ କାଣ୍ଡ ଭିଆଇ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର ଗୁଡିକ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ମଦ୍ୟପଙ୍କ ଆସର ଜମୁଥିବା ସେହି ଗାଁ ଛକର ଲକ୍ଷ୍ମୀ ବସଷ୍ଟପ୍ ସ୍ଥଳରେ ରାତ୍ରିକାଳୀନ ବସ୍ ପାଇଁ ଲୋକେ ଅପେକ୍ଷା କରିବାକୁ ଉଚିତ ମଣୁନାହାନ୍ତି। ଅନ୍ୟପକ୍ଷରେ ଲୋକେ ସେଠାରେ ମଦ୍ୟପଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବା ପାଇଁ ସାହସ ଜୁଟାଇ ପାରୁନଥିବା ବେଳେ ଆଖପାଖରେ ଦୋକାନ କରିଥିବା ବ୍ୟବସାୟୀ ଏବଂ ଅଧିବାସୀ ପ୍ରମାଦ ଗଣୁଛନ୍ତି। ବୁଗୁଡା ଥାନା ପୋଲିସ ପ୍ରଶାସନ ଢିଲାପଣ ଯୋଗୁଁ ଗୋଲିଆ ଗାଁ ଛକ ଲକ୍ଷ୍ମୀ ବସଷ୍ଟପରେ ଅସାମାଜିକତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା ବେଳେ ତୁରନ୍ତ ଏଦିଗରେ ପୋଲିସ ପ୍ରଶାସନ କଡାକଡି ପେଟ୍ରୋଲିଂ ସହ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ଭଞ୍ଜନଗର ଥାନା ପକ୍ଷରୁ ଦ୍ୱିତୀୟ ମୋବାଇଲ ମେଳା
# ୨୩ ଜଣ ଫେରିପାଇଲେ ସେଟ୍



ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ପକ୍ଷରୁ ଦ୍ୱିତୀୟ ମୋବାଇଲ ମେଳା ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ହଜିଯାଇଥିବା ମୋବାଇଲ ସେଟ୍ ପାଇ ବେଶ ଖୁସି ବ୍ୟକ୍ତ କରିଛନ୍ତି ଅନେକ ପୁରୁଷ ଓ ମହିଳା। ଏହା ପୂର୍ବରୁ ଗତମାସ ରେ ଏହି ଥାନା ପକ୍ଷରୁ ମୋବାଇଲ ମେଳା ଆୟୋଜନ କରାଯାଇ ୩୦ ଜଣ ଉପଭୋକ୍ତାଙ୍କୁ ସେମାନଙ୍କ ହଜିଯାଇଥିବା ମୋବାଇଲ ସେଟ୍ ପ୍ରଦାନ କରାଯାଇଥିଲା। ଆଉ ଏବେ ଦ୍ୱିତୀୟ ଥର ୨୩ ଜଣଙ୍କୁ ସେମାନଙ୍କ ହଜିଯାଇଥିବା ମୋବାଇଲ ସେଟ୍ ଉଦ୍ଧାର କରି ଫେରସ୍ତ କରିଛି ପୁଲିସ। ଏଥିପାଇଁ ଥାନା ପରିସରରେ ଆୟୋଜିତ ମେଳାରେ ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ ଦେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି । ସାମାନ୍ୟ ଅସାବଧାନତାରୁ ମୋବାଇଲ ସେଟ୍ ଚୋରି ହେଉଛି। ଆଉ ଏଠାରୁ ହଜିଥିବା ମୋବାଇଲ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି କୋଏଲ ନଗର, ସୁନ୍ଦରଗଡ଼ ଆଦି ସ୍ଥାନରୁ ଉଦ୍ଧାର କରାଯାଇଥିବା ନେଇ ଏଏସପି ଦେ ସୂଚନା ଦେଇଛନ୍ତି। ଏବେ ମୋବାଇଲ ସେଟ୍‌ରେ ସମସ୍ତ ପ୍ରକାର ବ୍ୟକ୍ତିଗତ ତଥ୍ୟ ସହ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ରହୁଛି। ଏଣୁ ନିଜ ନିଜର ମୋବାଇଲ ସେଟ୍ କୁ ଅତ୍ୟନ୍ତ ସତର୍କତା ର ସହ ରଖିବାକୁ ସେ ଉପଦେଶ ଦେଇଛନ୍ତି । ଆୟୋଜିତ ଏହି ମୋବାଇଲ ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଥାନାର ସମସ୍ତ ସବ୍ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ରହିଥିଲେ। ସାଇବର ଶାଖାର ସହଯୋଗରେ ହଜିଯାଇଥିବା ମୋବାଇଲ ସେଟ୍ ପୁନଶ୍ଚ ଫେରିପାଇଥିବା ବ୍ୟକ୍ତି ବିଶେଷମାନେ ଏଥିପାଇଁ ପୁଲିସର ଉଦ୍ୟମ କୁ ଭୂୟସୀ ପ୍ରଶଂସା କରିବା ସହ କୃତଜ୍ଞତା ବ୍ୟକ୍ତ କରିଥିଲେ ।

# ବ୍ରହ୍ମା କୁମାରୀ ପାଠଶାଳାର ବାର୍ଷିକ ଉତ୍ସବ

ଭଞ୍ଜନଗର, (ସବ୍ୟୁ): ବ୍ରହ୍ମାକୁମାରୀସ୍ ଭଞ୍ଜନଗର ସେବାକେନ୍ଦ୍ର ତରଫରୁ ସାର୍ଦ୍ଦୁଳ ଗୀତା ପାଠଶାଳାର ଅଷ୍ଟମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଶ୍ରୀ ପ୍ରତାପ ନାଇକ ଉପସ୍ଥିତ ରହି ଝଣ୍ଡା ଉତ୍ତୋଳନ କରିଥିଲେ । ବ୍ରହ୍ମାକୁମାରୀ ପ୍ରାପ୍ତି ଭଉଣୀ ଉକ୍ତ ଅନୁଷ୍ଠାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଉପସ୍ଥାପନା କରିଥିଲେ । ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ସୁଖଶାନ୍ତିର ପଥ ଅବଗତ କରାଇ ରାଜଯୋଗର ଅଭ୍ୟାସ କରାଇ ଥିଲେ। ବ୍ରହ୍ମ କୁମାର ବୈକୁଣ୍ଠ ଭାଇ ମଞ୍ଚ ପରିଚାଳନା କରିଥିଲେ। ଶାନ୍ତି ଶୋଭାଯାତ୍ରା ଦ୍ୱାରା ଈଶ୍ୱରଙ୍କ ଦିବ୍ୟ ଅବତରଣର ସନ୍ଦେଶ ପ୍ରଦାନ କରାଗଲା । ୨୦୦ରୁ ଉର୍ଦ୍ଧ୍ୱ ଆଧାତ୍ମିକ ପ୍ରେମୀ ଭାଇଭଉଣୀ ଉପସ୍ଥିତ ଥିଲେ ।

# ମହାନ୍ ସଂଘର ୪୦ତମ ବାର୍ଷିକ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ): ଦୀର୍ଘ ଚାଳିଶ ବର୍ଷ ଧରି ବ୍ରହ୍ମପୁରରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଶ୍ୱାର୍ଥପର ଜନସେବା କରି ମହାନ୍ ସଂଘ୍ ନିଜ ନାମକୁ ପ୍ରକୃତରେ ସାର୍ଥକ କରି ମହାନ୍ ହୋଇ ପାରିଛି । ଦୀର୍ଘ ବର୍ଷ ଧରି ସେବା, ସାଂସ୍କୃତିକ, କ୍ରୀଡା, ଜନଜାଗରଣ, ସ୍ୱାସ୍ଥ୍ୟ ଶିବିର, ରକ୍ତ ଦାନ, ବୃକ୍ଷ ରୋପଣ, ପୂଜ୍ୟ ପୂଜା ସହ ବହୁ ପ୍ରତିଭାକୁ ଲୋକଲୋଚନକୁ ଆଣିବା କାର୍ଯ୍ୟ ସହ ବାତ୍ୟା, ବନ୍ୟା, କରୋନା ସମୟରେ ବିପନ୍ନ ମାନଙ୍କୁ ସହଯୋଗର ହାତ ବଢ଼ାଇ ନିଜର ମହାନତା ପ୍ରତିପାଦନ କରିପାରିଛି। ବ୍ରହ୍ମପୁର ଓ ରାମଚନ୍ଦ୍ରପୁର ଠାରେ ଜରା ନିବାସ ପ୍ରତିଷ୍ଠା କରି ବୟସ୍କଙ୍କ ଥଇଥାନ କରିବା ସହ, ପରିବାର କଳହ ସମାଧାନ, ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବ୍ରହ୍ମପୁର ମହୋତ୍ସବ ପରି ଏକ ବିଶାଳ ସାଂସ୍କୃତିକ ବ୍ୟବସାୟିକ ମେଳା ଆୟୋଜନ କରି ସାରା ଭାରତରେ ଚହଳ ସୃଷ୍ଟି କରିଛନ୍ତି ବୋଲି ଆଜି ସଂଘର ୪୦ତମ୍ ବାର୍ଷିକ ଉତ୍ସବ ପାଳନ ଅବସରରେ ବିଶିଷ୍ଟ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଗଞ୍ଜାମ କଳା ପରିଷଦ ଠାରେ ସଂଘ ର ପ୍ରତିଷ୍ଠାତା ସଭାପତି ବିଶିଷ୍ଟ ସମାଜସେବୀ ତଥା ସଂଗଠକ ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ସଂଘର ଉପଦେଷ୍ଟା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ୍, ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଡ ଦୁର୍ଗାମାଧବ ଶତପଥୀ, ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ପରିଚାଳକ ହରିକୃଷ୍ଣ ପଣ୍ଡା, ମିତଲ ଗ୍ରୁପ ଓଡ଼ିଶା ବିଶ୍ୱରଂଜନ ପାଢ଼ୀ ଶ୍ରୀମତୀ ରଜେଶ୍ୱରି ଦୋରା, ନୟନ ମହାପାତ୍ର ପ୍ରମୁଖ ଯୋଗଦେଇ ସଂଘର କାର୍ଯ୍ୟକଳାପକୁ ଭୂରି ଭୂରି ପ୍ରସଂଶା କରିଥିଲେ । ସଂଘ ସାଧାରଣ ସମ୍ପାଦକ ପ୍ରସାନ୍ତ କୁମାର ପାତ୍ର ସମ୍ପାଦକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ପ୍ରକାଶ ଭାଜନୀ ଧନ୍ୟବାଦ ପ୍ରଦାନ କରିଥିଲେ। ତପନ ଜେ ପଣ୍ଡା, ସୁନନ୍ଦା ମହାପାତ୍ର, ପୁଷ୍ପାଞ୍ଜଳି ମହାପାତ୍ର, ଶ୍ରୀମତୀ ମୀନା ଦାଶ, ନଳିନୀ ସାହୁ, ସାଧନା ପାଢ଼ୀ, ସୁଡିପ ସାହୁ, ଶ୍ରୀକାନ୍ତ ଚନ୍ଦ୍ର ସାବତ , ମନୋରଞ୍ଜନ ପାଢ଼ୀ, ଦିଲୀପ ମହାପାତ୍ର, ଅନୀଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କୃତି ପ୍ରତିଯୋଗୀ ମାନଙ୍କୁ ଅଥିତି ମାନେ ପୁରସ୍କୃତ କରିଥିବା ବେଳେ ବିଭିନ୍ନ ସାଂସ୍କୃତିକ ଦଳଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା।

# ସାଇବର ସୁରକ୍ଷା ଅଭିଯାନ–୨୦୨୫ ଅବସରରେ
# ବାରିପଦା ଠାରେ ସଚେତନତା ସାଇକେଲ ରାଲି



ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ–୨୦୨୫ ପାଳନ ଅବସରରେ ଆଜି ମୟୂରଭଞ୍ଜ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ସାଇକେଲ ରାଲି ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଏହାକୁ ଉଦ୍ଘାଟନ କରି କହିଥିଲେ ଯେ, ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଇବର ଠକ ମାନଙ୍କ କବଳରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଅବଲମ୍ବନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। କାରଣ ପରିବର୍ତ୍ତିତ ସମୟ ଅନୁସାରେ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସାଙ୍ଗକୁ ଇଣ୍ଟେର୍ନେଟ ଓ ସ୍ମାର୍ଟ ଫୋନ୍ ବ୍ୟବହାର ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି ଏବଂ ସମସ୍ତଙ୍କ ଜୀବନ ବ୍ୟସ୍ତ ବହୁଳ ହୋଇଯାଇଛି। ଏହାର ସୁଯୋଗ ନେଇ ସାଇବର ଠକମାନେ ନୂଆ ନୂଆ ଅଭିନବ ଉପାୟରେ ଠକୁଛନ୍ତି, ବିଶେଷ କରି ଲୋକମାନଙ୍କ ବ୍ୟାଙ୍କ ଖାତାରୁ ଜମା ରାଶି ହଡପ କରି ନେଇ ଲୋକଙ୍କୁ ଭୀଷଣ ଆର୍ଥିକ କ୍ଷତି ପହଞ୍ଚାଉଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ, ଅନ୍‌ଲାଇନ୍ ସପିଙ୍ଗ ସମୟରେ, ଅନ୍‌ଲାଇନ୍ ଆର୍ଥିକ କାରବାର ସମୟରେ, ଅନ୍‌ଲାଇନ୍‌ରେ କ୍ରୟ ବିକ୍ରୟ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା, ପିତାମାତା ମାନେ ସେମାନଙ୍କ ପିଲାମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଆପ ଗୁଡିକ ନିୟମିତ ଯାଞ୍ଚ କରିବା, ପିଲାମାନଙ୍କୁ ଯଥା ସମ୍ଭବ ଅନ୍‌ଲାଇନ୍ ଗେମରୁ ନିବୃତ କରାଇବା ନେଇ ସଚେତନ କରାଯାଉଛି। ଏଥି ସହିତ ଏଟିଏମ/ ପ୍ୟାନ୍/ଆଧାର କାର୍ଡ ଇତ୍ୟାଦି ଅପଡେଟ୍ ପାଇଁ ପିନ୍, ପାସ୍‌ୱାର୍ଡ ଶେୟାର କରିବା, ଟିଭି ଟାୱାର ବସାଇବା ନେଇ ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହେବା, ଚାକିରୀ ଦେବା ନାଁରେ କିଛି ଅର୍ଥ ପୈଠ ପାଇଁ ପ୍ରବର୍ତ୍ତାଇବା, ମାର୍ଟିମନିଆଲ ସାଇଟରେ ତଥ୍ୟ ଶେୟାର କରିବା, ମାଗଣାରେ କୌଣସି ଉପହାର ଦେବା, ବିଭିନ୍ନ ଆପ ଜରିଆରେ ବିନା ସୁଧରେ ଋଣ ଦେବା, ସିମ ସ୍ୱାପ, ଅଜ୍ଞାତ ଫୋନ କଲରେ ବିଶ୍ୱାସ କରିବା, ଡିଜିଟାଲ ଆରେଷ୍ଟ ସନ୍ଦେଶ ପାଇବା, ସନ୍ଦେହ ଜନକ ଅଜଣା ଲିଙ୍କରେ କ୍ଲିକ, କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ତଥ୍ୟ ବା ଫୋଟୋ ସେୟାର କରିବା ଇତ୍ୟାଦି ଠକାମୀର ଶିକାର ନହେବା ପାଇଁ ସଚେତନ କରାଯାଉଛି। ଏତଦ୍‌ବ୍ୟତୀତ ନିଜର ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ କଠିନ ପାସ୍‌ୱାର୍ଡ ବ୍ୟବହାର କରିବା ସହିତ ଯଦି ଅଜଣା ଫୋନ ନମ୍ବରରୁ କିଛି ସନ୍ଦେଶ ବା କଲ ଆସେ ତେବେ ତରବରିଆ ଭାବେ ନିଷ୍ପତ୍ତି ନନେଇ ଭାବିଚିନ୍ତି କାର୍ଯ୍ୟ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି, ଯଦ୍ୱାରା ସାଇବର ଠକାମୀରୁ ସୁରକ୍ଷିତ ରହିବେ। ଉକ୍ତ ରାଲିରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାମିଲ ହୋଇ ଅଂଶଗ୍ରହଣକାରି ମାନଙ୍କ ସହିତ ସାଇକେଲରେ ସହର ପରିକ୍ରମା କରିଥିଲେ ଏବଂ ରାଲି ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଇଥଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିପକ କୁମାର ଗୋଛାୟତ, ଗୌତମ କିଷାନ, ରିଜର୍ଭ ପୋଲିସ ନିରୀକ୍ଷକ ଆଲୋକ କୁମାର କାନୁନ୍‌ଗୋ, ପଞ୍ଚମ ବାଟାଲିୟନ କାମାଣ୍ଡେଣ୍ଟ ପ୍ରଶାନ୍ତ କୁମାର ନାୟକ, ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍, ବୁଦ୍ଧଜୀବୀ, ସମାଜସେବୀ ଓ ସାଧାରଣ ନାଗରିକ ମାନେ ଅଂଶଗ୍ରହଣ କରିଥିଲେ।

# ଅଧ୍ୟାପକ ହେମନ୍ତ କୁମାର ସମ୍ମାନିତ



ଆସିକା, (ସବ୍ୟୁ): ସ୍ଥାନୀୟ ସ୍ୱନାମଧନ୍ୟ ଲେଖକ ତଥା ବରିଷ୍ଠ ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତଙ୍କୁ ଦିବ୍ୟଦର୍ଶନ ଆଧାତ୍ମିକ ସଂସ୍ଥାନ, ପୁରୀ ପକ୍ଷରୁ ଦିବ୍ୟଦର୍ଶନ ସମ୍ମାନରେ ସମ୍ମାନୀତ କରାଯାଇଛି। ୧ ତାରିଖରେ ଅନୁଷ୍ଠାନର ସପ୍ତମ ବାର୍ଷିକୋତ୍ସବ ପୁରୀ ସ୍ଥିତ ଅତିବଡ଼ି ଜଗନ୍ନାଥ ଦାସଙ୍କ ପାଦୁକାପୀଠ ମଠକାଙ୍କୁଡ଼ା, କପିଳେଶ୍ୱରପୁର ଠାରେ ଅନୁଷ୍ଠିତ ହୋଇଥିଲାବେଳେ ଶ୍ରୀ ଗନ୍ତାୟତଙ୍କୁ ତାଙ୍କ୍ ସାହିତ୍ୟ, କବିତା ଓ ସମୀକ୍ଷା ଲେଖା ନିମନ୍ତେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପରେ ଶ୍ରୀ ସଦାଶିବ ସଂସ୍କୃତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୁରୀର ନିର୍ଦ୍ଦେଶକ ପ୍ରୋ. ପ୍ରଭାତ କୁମାର ମହାପାତ୍ର ଶ୍ରୀ ଗନ୍ତାୟତଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ସୁନାମ ଧନ୍ୟା ଲେଖିକା ସାଧନା ପାତ୍ରୀ ପୁଷ୍ପଗୁଚ୍ଛ ଓ ପୁସ୍ତକ ଭେଟିଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ସଭାପତି ବିନମଇ, ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ. ବଳରାମ ଦାସ, ସମ୍ପାଦିକା ପ୍ରଭାସିନୀ ମିଶ୍ର, ସମ୍ମାନୀତ ଅତିଥି ବିଜୟ ଲକ୍ଷ୍ମୀ ଦାଶ ତଥା ବହୁ ବୁଦ୍ଧିଜୀବି ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକା ଖମ୍ବେଶ୍ୱରୀ ପାଟଣା ନିବାସୀ ତଥା କବିସୂର୍ଯ୍ୟ ନଗର ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ରୂପେ ସେ କାର୍ଯ୍ୟରତ ରହିଛନ୍ତି। ଜଣେ ଉଚ୍ଚକୋଟୀର ଲେଖକ ଭାବେ ବହୁ ସାହିତ୍ୟ ଓ ଆଧାତ୍ମିକ ଲେଖା ଲଗାତାର ଭାବେ ପ୍ରକାଶ ପାଇ ଆସୁଛି ଓ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ମାନିତ ହୋଇଥିବା ଜଣାଯାଇଛି। ଶ୍ରୀ ଗନ୍ତାୟତଙ୍କୁ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ଥାୟୀ ପଟ୍ଟା ପାଇଁ ଭିତରକନିକା ଗେଟ୍ ସମ୍ମୁଖରେ ଅନଶନ

ରାଜନଗର, (ସବ୍ୟୁ) : ରାଜନଗର ବ୍ଲକ ଡାଙ୍ଗମାଳ ସ୍ଥିତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ପ୍ରବେଶ ପଥରେ ଥିବା ବାଙ୍କୁଆଳ ଗାଁରେ ଲୋକେ ଶହେ ବର୍ଷରୁ ଅଧିକ ହେଲା ବସବାସ କରୁଛନ୍ତି । ଗାଁରେ ବସବାସ କରୁଥିବା ପରିବାର ମଧ୍ୟରୁ ୧୦ ପ୍ରତିଶତ ଲୋକଙ୍କର ସ୍ଥାୟୀ ପଟ୍ଟା ଥିବାବେଳେ ଅନ୍ୟ ପରିବାର ଗୁଡିକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା କ୍ଷେତ୍ରରେ ସରକାର ଦୀର୍ଘ ବର୍ଷ ହେଲା ସମୟ ଗଡାଇ ଚାଲିଛନ୍ତି । ବାଙ୍କୁଆଳ



ଗ୍ରାମର ଅଧିବାସୀମାନେ ବାରମ୍ବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଭେଟି ସ୍ଥାୟୀ ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଜି ଯାଏଁ ପଟ୍ଟା ଯୋଗାଇ ଦିଆଯାଇ ନାହିଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନୂତନ ଗେଟ ନିର୍ମାଣ କରାଯିବା ସେଥିପାଇଁ ପ୍ରବେଶ ପଥ ନିକଟରେ ଥିବା ଆଠଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି । ଆସନ୍ତା ସୋମବାର ସେମାନଙ୍କୁ ଉଚ୍ଛେଦ କରାଯିବା ପାଇଁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଜାରି ହେବା ପରେ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ଆଜି ବାଙ୍କୁଆଳ ଗାଁର ଶତାଧିକ ମହିଳା ଓ ପୁରୁଷ ବିଶ୍ୱ ପ୍ରସିଦ୍ଧ ଭିତରକନିକା ପ୍ରବେଶ ପଥ ନିକଟରେ ଅନଶନରେ ବସିଥିଲେ। ସକାଳୁ ଅପରାହ୍ନ ୫ ଘଟିକା ଯାଏଁ ଅନଶନରେ ବସିଥିଲେ। ପ୍ରଥମେ ଆମକୁ ସରକାର ଥଇଥାନ କରନ୍ତୁ ତାପରେ ଉଚ୍ଛେଦ କରନ୍ତୁ ବୋଲି ଅନଶନକାରୀ ଦାବି କରିଛନ୍ତି। ଅନଶନକାରିଙ୍କ ଜିଦ ଯୋଗୁଁ ପ୍ରଶାସନ ଅଡୁଆରେ ପଡିଥିବା ସୂଚନା ମିଳିଛି ।

# ବସ ସହ ଧକ୍କା : ବୋଲୋରୋ ଡ୍ରାଇଭର ମୃତ

କୁଆଖିଆ, (ସବ୍ୟୁ) : ଆଜି ଅପରାହ୍ନରେ ବାସନ୍ତୀ ଦୁର୍ଗା ବସ୍ ସହ ଏକ ବୋଲେରୋ ଗାଡି ଜାତୀୟ ରାଜପଥ କୁଆଖିଆ ନିକଟରେ ଧକ୍କା ହେବା ଫଳରେ ବୋଲେରୋ ଡ୍ରାଇଭର ଗୁରୁତର ହୋଇଥିଲା। ବୋଲେରୋ ଡ୍ରାଇଭର ଜଣକ ନିଜେ ମାଲିକ ଓ ଜଣେ ପି ଇ ଟି ଶିକ୍ଷକ ଥିବା ଜଣାପଡୁଛି। କୁଆଖିଆ ପୋଲିସ ବସ ଓ ବୋଲେରୋକୁ ଅଟକ ରଖିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ବୋଲୋର ଡ୍ରାଇଭରଙ୍କ ଧର୍ମଶାଳା ମେଡିକାଲରେ ମୃତ୍ୟୁ ହୋଇଛି। କୁଆଖିଆ ପୋଲିସ ନିକଟରେ କୌଣସି ଅଭିଯୋଗ ନଥିବାରୁ ମୃତ ଡ୍ରାଇଭର ଓ ଶିକ୍ଷକଙ୍କ ନା ହେଲା ରାଜେଶ କୁମାର ଗିରି ,ଘର ଚମ୍ପୁଆ ଥାନା ଗୁଣ୍ଡୁଦିଆ ଗ୍ରାମ ବୋଲି ଜଣାପଡୁଛି। କୁଆଖିଆ ଥାନା ପୋଲିସ ମାମଲା ରୁଜୁ କରି ଅନୁସନ୍ଧାନ ଜାରିରଖିଛି ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ରଘୁନାଥପୁର, (ସବ୍ୟୁ ) : ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ତଥା ଚାଷୀ ମାନଙ୍କର ଆର୍ଥିକ ଉନ୍ନତି ପାଇଁ ରଘୁନାଥପୁର ବ୍ଲକ ଅଡ଼େଇକୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛିଛ ଏହାକୁ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଚାଷୀ ମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ପ୍ରକାରର ଯୋଜନା ଗୁଡିକ ସ୍ୱାଗତଯୋଗ୍ୟ ହୋଇଥିଲା ବେଳେ ତୃଣମୂଳ ସ୍ତରରେ ଏହା କିପରି କାର୍ଯ୍ୟ କରୁଛି ସେଥିପ୍ରତି ସରକାର ତିକ୍ଷ୍ଣ ନଜର ଦେବା ଦରକାର ବୋଲି କହିଥିଲେ । ସରକାରଙ୍କ ପ୍ରଦତ୍ତ ଗୋପାଳନ ଯୋଜନାରେ ଦୁଧ ଚାଷୀ ମାନେ ରିହାତି ପାଇ ବାହାର ରାଜ୍ୟରୁ ଉନ୍ନତ ମାନର ଗାଈ କିଣି ଆଣୁଥିବା ବେଳେ ସେଗୁଡ଼ିକ ମୂଲ୍ୟ ଅନୁଯାୟୀ ବହୁ କ୍ଷୀର କମ୍ ଦେଉଥିବାରୁ ସଂପୃକ୍ତ ଚାଷୀଟି ବହୁ କ୍ଷତି ସହୁଥିବା ଓ ସରକାରଙ୍କ ଆର୍ଥିକ ସହାୟତା ବାଟମାରଣା ହେଉଥିବା ସେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ଵ କରିଥିଲେଛ ସମ୍ମାନିତ ଅତିଥି ଭାବେ ପ୍ରାଣୀସମ୍ପଦ ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ମିହିର କୁମାର ନାୟକ ଯୋଗଦେଇ ଚାଷୀ ମାନେ ଗୋପାଳନ କରି ନିଜର ଆର୍ଥିକ ଅଭିବୃଦ୍ଧି କରିପାରିବେ ଓ ଏଥିପାଇଁ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡକଟର ଅଜୟ କୁମାର ସାହୁ, ସାଂସଦ ପ୍ରତିନିଧି ଗଗନ ଚନ୍ଦ୍ର ଦାଶ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ ଓ ଅଡ଼େଇକୂଳ ସମିତି ସଭ୍ୟା ମୀତାଞ୍ଜଳୀ ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଏଥିରେ ରଘୁନାଥପୁର ପ୍ରାଣିଧନ ଚିକିତ୍ସକ ଡଃ ଚିନ୍ମୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅତିରିକ୍ତ ପ୍ରାଣିଧନ ଚିକିତ୍ସକ ଡଃ ଲକ୍ଷ୍ମୀପ୍ରୀୟା ପାଣିଗ୍ରାହୀ ସଭା ସଂଚାଳନ କରିଥିଲେ । ମତ୍ସ୍ୟ ସଂପଦ ବିଭାଗ ପକ୍ଷରୁ ରଘୁନାଥପୁର ଏସ ଏଫଟିଏ ଅନୀତା ବେହୁରା,ଜେଏଫଟିଏ ସନ୍ତୋଷୀନି ସାହୁ, ପ୍ରଭାସିନୀ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଚାଷୀ ମାନେ ଗୋପାଳନ ଓ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେବାକୁ ବିଭାଗ ପକ୍ଷରୁ ପାଲା ମାଧ୍ୟମରେ ସେମାନଙ୍କୁ ସଚେତନ କରା ଯାଇଥିଲା । ସଭା ପ୍ରାରମ୍ଭରେ ଚିତ୍ତାକର୍ଷକ ଓଡିଶୀ ନୃତ୍ୟ ପରିବେଷଣ କରା ଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗ ଦେଇଥିଲା ବେଳେ ଗୋପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଆଗୁଆ ଚାଷୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମେଳାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ୪ଟି ଷ୍ଟଲ ଖୋଲାଯାଇଥିବା ବେଳେ ଅନୁପ ପ୍ରସାଦ ସ୍ୱାଇଁ, ସରପଞ୍ଚ ବଟକୃଷ୍ଣ ନାୟକ, ସରପଞ୍ଚ ସୁଶିଳ ବାରିକ, ସରପଞ୍ଚ ଧର୍ମାନନ୍ଦ ସେଠୀ, ସରପଞ୍ଚ ମନୋଜୀନି ସାହୁ, ସରପଞ୍ଚ ପ୍ରଭାସିନୀ ପ୍ରଧାନ,ସରପଞ୍ଚ ବନମାଳୀ ସାହୁ, ସମିତି ସଭ୍ୟ ବିଶ୍ୱଜିତ ଦାଶ, ସମିତି ସଭ୍ୟ ସ୍ୱଦେଶ ଦାସ, ସମିତି ସଭ୍ୟା ଶାନ୍ତିଲତା ଦ୍ୱୀବେଦି,ଛାତ୍ର ନେତା ଯୋଶେଫ୍ ସ୍ୱାଇଁ, ବ୍ଲକ ବିଜେପି ସଭାପତି ସ୍ୱରାଜ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ରହିଥିଲେ ।

## ଲଘୁଚାପଜନିତ ଲଗାଣ ବର୍ଷା ପାଇଁ

# ଧାନ ଓ ପନିପରିବା ଚାଷୀ ହତାଶ

ଯାଜପୁରସଦର, (ସବ୍ୟୁ): ଚଳିତ ବର୍ଷ ଲଘୁଚାପ ଜନୀତ ବାରମ୍ବାର ଲଗାଣ ବର୍ଷା ପାଇଁ ଯାଜପୁରରେ ଧାନ ଓ ପନିପରିବା ଚାଷୀମାନେ ରବି ଓ ଖରିପ ଋତୁରେ ହତାଶ ହୋଇଥିବା ଦେଖାଯାଇଛି। ଯାଜପୁର ଜିଲାରେ ମୋଟ୍ ଧାନଚାଷୀ ୧ଲକ୍ଷ ୫ହଜାର ୫ଶହ ୪୭ ହେକଟର ଜମିରେ ଧାନ ଚାଷ କରାଯାଇଛି। ସେହିପରି ଯାଜପୁର ଜିଲାରେ ମୋଟ୍ ୧୨ହଜାର ହେକଟର ଜମିରେ ପନିପରିବା ଚାଷ କରାଯାଇଛି। ଏହି ଲଘୁଚାପ ଜନୀତ ଲଗାଣ ବର୍ଷା ପାଇଁ ପାଚିଲା ଧାନ କିଆରିରେ ଆଣ୍ଠୁଏ ଲେଖାଏଁ ପାଣି ରହିବା ଦ୍ୱାରା ବର୍ଷା ଓ ପବନରେ ଏହି ଧାନ ଗଛ ସବୁ ଶୋଇପଡି ପାଣିରେ ବୁଡି ରହିଛି। ଚାଷୀ କିଛି ଅମଳ କରି ନପାରି ପୁଣି ଲଘୁଚାପ ଆସୁଥିବା ଶୁଣି ହତାଶ ହୋଇ ପଡିଛି। ଏହି ଲଗାଣ ବର୍ଷା ଦ୍ୱାରା ପରିବା କିଆରିରେ ଭିଷଣ ପୋକ ଲାଗି ପନିପରିବା ସବୁକୁ ନଷ୍ଟ କରିଦେଇଥିବା ସମ୍ପୃକ୍ତ ଚାଷୀଙ୍କ ଠାରୁ ପ୍ରକାଶ। ଯାହାଫଳରେ କି ଜିଲାରେ ପରିବା ଦର ଆକାଶଛୁଆଁ ହୋଇଥିବା ବେଳେ କେବଳ ଖାଉଟି ମାନେ ହ"ସ" ହେଉଛି"। ଏହି ଅନିୟନ୍ତ୍ରିତ ଜଳବାୟୁ ପାଇଁ ପରୋକ୍ଷରେ ଆମ୍ଭେ ନିଜେ ଦାୟୀ ବୋଲି ଏବେ ସମସ୍ୟା ଅଙ୍ଗେ ନିଭାଉଛନ୍ତି ।

# ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ଉଠାଉଛି ଭୂତ !

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ ନାମରେ ବ୍ୟାପକ ଅନୀୟମିତତା କରାଯାଇଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏପରିକି ବ୍ଲକ ପ୍ରଶାସନର ନୀରବତା ଅବଲମ୍ବନ କାହାସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ଏଠାରେ ସୂଚନା ଯୋଗ୍ୟ ଯେ ବିଗତ ସରକାରଙ୍କ ଅମଳରେ ୨୦୨୪-୨୫ ଆର୍ଥିକ ବର୍ଷରେ ମାହାଙ୍ଗା ବ୍ଲକରେ ୪୦ରୁ୫୦ ବର୍ଷ ବୟସର ଯୁବକ ଓ ମହିଳାମାନେ ବୃଦ୍ଧ ବୃଦ୍ଧା ହୋଇଯାଇଥିଲେ। ସେମାନେ ଭୋଟର ତାଲିକାରେ ବୟସ ବଢାଇ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ସକ୍ଷମ ହୋଇଥିଲେ। ଏପରିକି ମାହାଙ୍ଗା ବ୍ଲକରେ ଭୂତ ବାର୍ଦ୍ଧକ୍ୟ ଭତ୍ତା ଉଠାଉଥିବା ଅଭିଯୋଗ ହୋଇଆସୁଅଛି। ଏହାର ଉଦାହରଣ ପାଲଟିଛି ଗୋତରା ପଂଚାୟତ। ଗୋତରା ପଂଚାୟତ ଆପିଲୋ ଗ୍ରାମର ମୃତ ବ୍ୟକ୍ତି ଜଣଙ୍କ ପୂର୍ବରୁ କଳାକାର ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ଦୁଇଟି ଭତ୍ତା ବ୍ୟାଙ୍କ ଜରୀଆରେ ପାଇ ଆସୁଥିଲେ। ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିଙ୍କୁ ପଂଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଥିବା ଆଲୋଚନା ହେଉଥିଲା ବେଳେ ମରିବାର ବର୍ଷ ବର୍ଷ ପରେ ମଧ୍ୟ ଉକ୍ତ ବ୍ୟକ୍ତି ନାମରେ କଳାକାର ଓ ବାର୍ଦ୍ଧକ୍ୟ ଭତ୍ତା ଆସୁଥିବା ଅଭିଯୋଗ ହେଉଛି। ଏପରିକି ପିଏମ୍ କିସାନ ଓ ସିଏମ୍ କିସାନ ଅର୍ଥ ରାଶି ମଧ୍ୟ ଉମର ଶାଖା କାନରା ବ୍ୟାଙ୍କକୁ ଆସୁଛି। ସରପଂଚଙ୍କ ଦସ୍ତଖତକୁ ଜାଲିଆତି କରାଯାଇ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଯାଇ ବ୍ୟାଙ୍କରୁ ଅର୍ଥ ଉଠାଣ ହେଉଥିବା ଗୋତରା ସରପଂଚ ଅଭିଯୋଗ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ମଲା ଲୋକର ନାଁରେ କିଭଳି ସରକାରୀ ଯୋଜନା ଆସୁଛି। ବ୍ଲକ ପ୍ରଶାସନର ଅପାରଗତ ପାଇଁ ମଲା ଲୋକର ନାମ ସରକାରୀ ସ୍ତରରେ ବାଦ୍ ଦିଆଯାଉନାହିଁ କେବଳ ଗୋତରା ପଂଚାୟତ ନୁହେଁ ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ଏହିଭଳି କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମଲା ଲୋକର ନାମ ବାର୍ଦ୍ଧକ୍ୟ ଭତ୍ତା ତାଲିକାରୁ ବାଦ୍ ଦେବା ପାଇଁ ଦାବି ହେଉଥିଲା ବେଳେ ଭତ୍ତା କେଳେଙ୍କାରୀର ନିରପେକ୍ଷ ତଦନ୍ତ କରାଯାଇ ଏଥିରେ ସଂପୃକ୍ତି ଥିବା କର୍ମଚାରୀ ଓ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ କରୁଣା କରଙ୍କ ବିୟୋଗ ରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଦୀପ ଦାନ କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାମ୍ବାଦିକ ମାନେ ସ୍ୱର୍ଗତ କରଙ୍କ ଉତ୍ସର୍ଗୀକୃତ ସମାଜ ସେବା କାର୍ଯ୍ୟ ଉପରେ ଆଲୋକ ପାତ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ । ସ୍ୱର୍ଗତ କର ଡେରାବିଶ ଅ*ଳ ରେ ସାମାଜିକ, ସାଂକୃତିକ ଓ ସ୍ଥାନୀୟ ଅ*ଳର ବିକାଶ କରିବା ପାଇଁ ନିୟମିତ ସମ୍ବାଦ ପରିବେଶଣ କରି ଘରେ ଘରେ ପରିଚିତ ଥିଲେ । ସାମ୍ବାଦିକ ସଂଘ



ର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ନାୟକ କାଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଧାକାନ୍ତ ମହାନ୍ତି, ମନୋଜ କୁମାର ସ୍ୱାଇଁ, ମାତୃଦତ୍ତ ମହାନ୍ତି, ରବିନାରାୟଣ ପତି, ଦୁର୍ଗା ପ୍ରସାଦ ପତି, ସନ୍ତୋଷ କୁମାର ପଣ୍ଡା, ସୋମନାଥ ସାହୁ, ଉମାକାନ୍ତ ମହାପାତ୍ର, ସରୋଜ କାନ୍ତ ପରିଡା, ନୟନ ମଣି ସାମଲ, ବିରେନେ ଦାସ, ନମିତା ନାୟକ, ରଞ୍ଜନ ସାହୁ, ପିନାକୀ ସାମନ୍ତ ରାୟ, ସନ୍ତୋଷ ପୋଥାଳ, ମାନସ ମଲ୍ଲ, ଲକ୍ଷ୍ମୀକାନ୍ତ ନାୟକ, ମହେଶ ପାଢ଼ି, ଆଇନି ଯିବି ବିଦୁଭୁଷଣ ମହାପାତ୍ର, ଓ ନଗେନ୍ଦ୍ର ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପାଗଳ ଷଣ୍ଢର ଉତ୍ପାତ, ୬ରୁ ଉର୍ଦ୍ଧ୍ୱ ଆହତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବଜାରରେ ଏକ ପାଗଳ ଷଣ୍ଢର ଉପାତ ଯୋଗୁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଷଣ୍ଢ ଆକ୍ରମଣରେ ୬ଜଣରୁ ଉର୍ଦ୍ଧ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଯୋଜନାବଦ୍ଧଭାବେ ଷଣ୍ଢଟିକୁ କାବୁ କରି ବାନ୍ଧି ଥିବାର ଜଣାଯାଇଛି । ଜିଗ୍ନିପୁର ବଜାରରେ ଆଜି ଏକ ପାଗଳ ଷଣ୍ଢ ଉପାତ ଯୋଗୁ ଲୋକ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଏହି ଷଣ୍ଢ ଆକ୍ରମଣରେ ଜିଗ୍ନିପୁର ଗ୍ରାମର ନେତ୍ରାନନ୍ଦ ଦଳାଇ(୮୦) ଗୁରୁତର ଭାବେ ଆହତ ହୋଇଛନ୍ତି । ନିତ୍ୟାନନ୍ଦ ସମେତ ଅନ୍ୟ ୬ ଜଣରୁ ଉର୍ଦ୍ଧ୍ୱ ଷଣ୍ଢ ଆକ୍ରମଣରେ ଆହତ ହୋଇଥିବା ଖବର ମିଳିଛି ।

# ବନ୍ଦର ନଗରୀରେ ଶ୍ରମିକ ନେତାଙ୍କୁ ବିପୁଳ ସ୍ୱାଗତ

ପାରାଦୀପ ,( ଜିପ୍ର ): ପାରାଦୀପରେ ପହଁଞ୍ଚିଲେ ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟ କୁମାର ଜେନା ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରମିକ ସ୍ଥାନୀୟ ଦୋଛକିରେ ପହଂଚି ଶ୍ରମିକ ନେତାଙ୍କୁ ସ୍ୱାଗତ କରିବା ସହ ସ୍ଥାନୀୟ ବଡପଡିଆ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଶ୍ରୀ ଜେନା ତିନିଦିନ ଧରି ପାରାଦୀପରେ ରହିବା ସହିତ ଭାରତୀୟ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ସହ ଶ୍ରମିକ ମାନଙ୍କ ସେଟେଲମେଣ୍ଟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅନେକ ସମୟରେ ଶ୍ରମିକମାନେ ଏଠାରେ ବିଭିନ୍ନ ଠିକାଦାର ଓ ସଂଗଠନ ଦ୍ୱାରା ଶୋଷିତ ହେଉଥିବା ବେଳେ ଶ୍ରମିକମାନେ କିପରି ସେମାନଙ୍କର ନାର୍ଯ୍ୟ ଦାବି ହାସଲ କରିବେ ସେନେଇ ଆଗାମୀ ଦିନରେ ଅନେକ କାର୍ଯ୍ୟପନ୍ଥା ସଂଘ ପକ୍ଷରୁ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାତାରାତି ଗଢି ଉଠୁଥିବା ଶ୍ରମିକ ସଂଗଠନ ହିଁ ଶ୍ରମିକ ମାନଙ୍କ ଶତ୍ରୁ ଓ ନିଜ ଫାଇଦା ପାଇଁ ସେମାନେ ସଂଗଠନ ଗଢି କମ୍ପାନୀ ସହ ସାଲିସ କରୁଛନ୍ତି । ଶ୍ରମିକ ମାନେ ଅନେକ ସମୟରେ ଶୋଷଣର ଶିକାର ହେଉଛନ୍ତି । ସେମାନଙ୍କୁ କିଭଳି ନ୍ୟାୟ ଦେଇ ହେବ, ସେନେଇ ସେମାନଙ୍କର ଚିନ୍ତା ନାହିଁ ବୋଲି ଶ୍ରମିକ ନେତା ତନ୍ମୟ ଜେନା ମଧ୍ୟ ପ୍ରକାଶ କରିଛନ୍ତି। ତନ୍ମୟ ଜେନା ସର୍ବଭାରତୀୟ ମହାନ ଶ୍ରମିକ ନେତା ସ୍ୱର୍ଗତଃ ଘନଶ୍ୟାମ ଜେନାଙ୍କର ପୁତ୍ର ଅଟନ୍ତି । ତାଙ୍କ ସହ ଆର ଏନ



ଦାସଏହି ଗ୍ରସ୍ତ ସମୟରେ ଆସିଥିବା ବେଳେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର ସାଧାରଣ ସମ୍ପାଦକ ସନାତନ ବେହେରା, ପରେଶ ପ୍ରଧାନ, କୁମର ରାଉତ , ନୃସିଂହ ଜେନା, ରଜନୀ କାନ୍ତ ସ୍ୱାଇଁ , ପ୍ରମୋଦ ପାଲଟା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ମହା ଆଡମ୍ବରରେ ଚାଲିଛି ଇଚ୍ଛାପୁରରେ କାର୍ତ୍ତିକେଶ୍ୱର ପୂଜା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ର ଇଛାପୁର ରେ ମହା ଆଡମ୍ବର ରେ କାର୍ତିକେଶ୍ୱର ଙ୍କ ପୂଜା ଆରମ୍ଭ ହୋଇ ଯାଇଛି। ଇଛାପୁର ର ୧,୨ ଓ ୩ନଂ ୱାର୍ଡ ମାନଙ୍କରେ ପ୍ରାୟ ୨୦ ରୁ ଅଧିକ କାର୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତି ବିଭିନ୍ନ ମଣ୍ଡପରେ ପୂଜା ପାଉଛି"। ପ୍ରାୟ ୨୫ ବର୍ଷ ହେବ ଫଚୁକ ପ୍ରଥମ ଦିବସ ଦଶମୀ ଠାରୁ ପ୍ରତିବର୍ଷ ଏହି ପୂଜା ଆରମ୍ଭ ହୋଇ ୧୦ ଦିନ କାଳ ବିଭିନ୍ନ ମଣ୍ଡପରେ ପୂଜାର୍ଚ୍ଚନା, ପ୍ରସାଦ ସେବନ, ହୋମ ଯଜ୍ଞ ଅଦି ପୂଜପାଠ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ନଭେମ୍ବର ୧ ତାରିଖ ଠାରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଆସ"। ୧୦ ତାରିଖ ପର୍ଯ୍ୟ" ପାଳନ କରାଯାଇ ୧୧ ଓ ୧୨ ଦୁଇ ଦିନ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଉଜ୍ଜ୍ୱଳ ରଙ୍ଗ ବେରଙ୍ଗ ଆଲୋକସଜ୍ଜା, ସୁସଜ୍ଜିତ ତୋରଣ ସହିତ ଆଧୁନିକ ଜ୍ଞାନ କୌଶଳରେ ବିଭିନ୍ନ ମଣ୍ଡପ ଶୋଭା ପାଉଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଂଜନ କାର୍ଯ୍ୟକ୍ରମ କରାଯିବାର ବ୍ୟବସା' ଅଛି। ବର୍ତମାନ କାର୍ତିକ ଫଚୁକ ଚାଲି ଥିବାରୁ ଶ୍ରୀ ବଳଦେବଜୀଉଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଦିଅଁ ମାନଙ୍କୁ ଦର୍ଶନ କରିବା ସହ କାର୍ତିକେଶ୍ୱର ମେଢ ଦେଖିବାକୁ ଗହଳି କରୁଥିବା ଦେଖିବାକୁ ମିଳିଛି।

# କୁକୁର ଅଇଁଠା ଖାଇଥିବା ଲୋକଙ୍କୁ ଟିକାକରଣ

ବାଲିଚନ୍ଦ୍ରପୁର, (ସବ୍ୟୁ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଂଚାୟତସ୍ଥିତ ଦକ୍ଷିଣକୂଳ ଗ୍ରାମରେ ଏକ ଏକାଦଶାହ ଭୋଜିରେ କୁକୁର ଅଇଁଠା ଖୀରି ଖାଇଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଟିକାକରଣ କରାଯାଇଛି । ଖବରରୁ ପ୍ରକାଶ ଗତ ସୋମବାର ସନ୍ଧ୍ୟାରେ ଦକ୍ଷିଣକୂଳ ଗ୍ରାମର ଦାମୋଦର ରାୟଙ୍କ ପନିଙ୍କ ଏକାଦଶାହ ଭୋଜିରେ ଆଖପାଖ ଗ୍ରାମ ଓ ବନ୍ଧୁ ପରିଜନ ମିଶାଇ ୮ ଶହ ଲୋକଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତି ହୋଇଥିଲା । ମାତ୍ର ପ୍ରସ୍ତୁତି ଖୀରି ହାଣ୍ଡିରେ ଏକ ରୋଗାଗ୍ରସ୍ତ କୁକୁର ମୁହଁ ବୁଡ଼ାଇ ଖାଇଥିଲା । ଉକ୍ତ କୁକୁର ଅଇଁଠା ଖୀରିକୁ ଦାମୋଦରଙ୍କ ପରିବାର ପକ୍ଷରୁ ସମସ୍ତଙ୍କୁ ଖାଇବାକୁ ଦିଆଯାଇଥିଲା । ଭୋଜିର ଦୁଇ ଦିନ ପରେ ଘଟଣାଟି ଧିରେ ଧିରେ ପଦାକୁ ଆସିବା ପରେ ଗ୍ରାମରେ ଅସନ୍ତୋଷ ଦେଖାଦେବା ସହ ଭୋଜି ଖାଇଥିବା ଲୋକେ ଭୟଭିତ ହୋଇପଡ଼ିଥିଲେ । ଏ ସମ୍ପର୍କରେ କିଛି ସ୍ଥାନୀୟ ଯୁବକ ବଡ଼ଚଣା ବିଧାୟକ ଅମର ନାୟକଙ୍କୁ ଅବଗତ କରାଇବା ପରେ ବିଧାୟକ ଶ୍ରୀ ନାୟକ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇ ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ । ଜିଲ୍ଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଡ଼ାକ୍ତରୀ ଟିମ୍‌ରେ ଖଡ଼ିଅଙ୍ଗ ଡ଼ାକ୍ତରଖାନାର ଡ଼ାକ୍ତର ରାଜେଶ କୁମାର ମିଶ୍ର, ଉଦୟଗିରି ର ଡ଼ାକ୍ତର ଲୋକନାଥ ପଣ୍ଡା, ବନ୍ତଳା ର ଡ଼ାକ୍ତର ସୌମ୍ୟରଞ୍ଜନ ବେହେରା, ହେମଲତା ସାହୁ, ପ୍ରିୟଦର୍ଶନୀ ଦେଓ, ରାକେଶ ରୋସନ ମହାନ୍ତି, ସସ୍ମିତା ସାମଲ, ସରୋଜିନୀ ସିଂହ, ରାଜ କୁମାର ସିଂହ, ସ୍ୱର୍ଣ୍ଣଲତା ବେହେରା, ଅନିମା ବଳ, ନିର୍ମଳା ଜେନା, ଝୁମାଲତା ସାମଲ, ନାରାୟଣ ଚନ୍ଦ୍ର ନାୟକ, ପ୍ରବିର କୁମାର ଦାସ, ମନରୋମା ସ୍ୱାଇଁଙ୍କୁ ନେଇ ଏକ ୧୬ ଜଣିଆ ଟିମ୍ ଦକ୍ଷିଣକୂଳ ଗ୍ରାମରେ ପହଞ୍ଚି ଆଜି ରବିବାର ୩୪୦ ଜଣ ବ୍ୟକ୍ତିଙ୍କୁ ଟିକାକରଣ କରିଥିଲେ । ତେବେ ଆସନ୍ତା ବୁଧବାର ଦ୍ୱିତୀୟ ଡ଼ୋଜ ସହ ମୋଟ ୪ ଗୋଟି ଡ଼ୋଜ ପ୍ରଭାବିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ବୋଲି ଡ଼ାକ୍ତରୀ ଦଳ ପକ୍ଷରୁ ସୂଚନା ମିଳିଛି । ଏଥିନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟକ ଅମର ନାୟକ ସହିତ ସ୍ୱାସ୍ଥ୍ୟ ବିଭାଗକୁ କୃତଜ୍ଞତା ଜଣାଯାଇଛି । ଏହି କାର୍ଯ୍ୟକ୍ରମକୁ ଗ୍ରାମର ପଙ୍କଜ ନାୟକ, ପ୍ରତାପ ଚନ୍ଦ୍ର ରାୟ, ନିର୍ମଳ ରାୟ, ନନ୍ଦ କିଶୋର ନାୟକ, ସମାଜସେବୀ ଦିପକ ସାମଲ, ସରପଂଚ ପ୍ରତିନିଧି ସମରେନ୍ଦ୍ର ମହାପାତ୍ର, ଛବିନ୍ଦ୍ର ସିଂହ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଡ଼ାକ୍ତରୀ ଦଳକୁ ସହାୟତା ପ୍ରଦାନ କରିଥିଲେ ।

# ଷ୍ଟ୍ରିଟ୍ ଲାଇଟ ଅଚଳ , ଅନ୍ଧାରରେ କୁଆଁପାଳ ଓ ଛତ୍ରତୋଟା ବଜାର

କୁଆଁପାଳ, (ସବ୍ୟୁ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାଲେପୁର-ଛତିଆ ପୂର୍ତ୍ତ ସଡକର ଉଭୟ ପାଶ୍ୱର୍ରେ ଥିବା ବଜାରରେ ପୂର୍ବରୁ ଜଳୁଥିବା ଷ୍ଟ୍ରିଟ ଲାଇଟ ମାସ ମାସ ଧରି ଅଚଳ ହୋଇ ପଡିଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବ୍ୟବସାୟୀ ଓ ପଥଚାରୀ ନାନା ଅସୁବିଧାରେ ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ , ସାଲେପୁର-ଛତିଆ ପୂର୍ତ୍ତ ସଡକର ସଂପ୍ରସାରଣ ତଥା ନବୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଦ୍ୱାରା ମାଟି ତଳେ ବିଛା ଯାଇଥିବା ଷ୍ଟ୍ରିଟ ଲାଇଟ ପାଇଁ ଉଦ୍ଦିଷ୍ଟ କେବୁଲ ଗୁଡିକ ରାସ୍ତା ଢଳେଇ କାର୍ଯ୍ୟ ସମୟରେ ବିଭିନ୍ନ ସ୍ଥାନରେ ନଷ୍ଟ ହୋଇ ଯାଇ ଥିବାରୁ ଜନସାଧାରଣ ଅନ୍ଧାରରେ ରହି ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଏବେ ରାସ୍ତା ସଂପ୍ରସାରଣ ଢଳେଇ କାର୍ଯ୍ୟ ଛକ ଓ ବଜାର ମାନଙ୍କରେ ଶେଷ ହୋଇଥିଲେ ମଧ୍ୟ ନା ଠିକା ସଂସ୍ଥା ,ନା ଜିଇଡି ଏହି ସମସ୍ୟାକୁ ଗୁରୁତ୍ୱ ଦେଉନଥିବାରୁ କଟି ଯାଇଥିବା କେବୁଲ ଗୁଡିକ ପୁନଃ ସଂଯୋଗୀକରଣ କାର୍ଯ୍ୟ ହୋଇପାରିନାହିଁ କିମ୍ବା ଅଚଳ ଷ୍ଟ୍ରିଟ ଲାଇଟ ସଚଳ ହୋଇପାରୁନାହିଁ ଏପରିକି ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାର ଓ ଛତ୍ରତୋଟା ବଜାର ମାସ ମାସ ଧରି ଅନ୍ଧାରରେ ରହୁ ଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜନଗହଳି ପୂର୍ଣ୍ଣ ବଜାର ଓ ରାସ୍ତାରେ ରାତିରେ ଘନ ଅନ୍ଧାର ଯୋଗୁ ଛୋଟ ବଡ ଦୁର୍ଘଟଣାମାନ ଘଟିବା ସହ ଅପରାଧିକ କାର୍ଯ୍ୟ କଳାପ ସଂଗଠିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପୂର୍ତ୍ତବିଭାଗ ପକ୍ଷରୁ ଷ୍ଟ୍ରିଟ ଲାଇଟ ,ବିଦ୍ୟୁତ୍ ଖୁଂଟ ,ତାର ଆଦି ପୁର୍ନବାର ସ୍ଥାପନ ଓ ମରାମତି ପାଇଁ ଦୀର୍ଘ ଦିନ ପୂର୍ବରୁ ଜିଇଡିକୁ ୩ କୋଟିରୁ ଉର୍ଦ୍ଧ ଅର୍ଥ ପଇଠ କରାଯାଇଥିଲେ ମଧ୍ୟ ଜିଇଡିର ଦାୟିତ୍ୱ ହୀନତା ପାଇଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ ଏ ସଂପର୍କରେ ଜିଇଡି ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଉପରୋକ୍ତ ଦୁଇ ବଜାରର ଷ୍ଟ୍ରିଟ ଲାଇଟ ଗୁଡିକ ଖୁବ୍ ଶିଘ୍ର କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ପୂର୍ବତନ ସରପଂଚ ତଥା ବ୍ୟବସାୟୀ ବିଜୟ କୁମାର ରାଉତ,ରଞ୍ଜିତ କୁମାର ଲେଙ୍କା,ପ୍ରତାପ ଚନ୍ଦ୍ର ସ୍ୱାଇଁ,ସଚ୍ଚିନ୍ଦ୍ର କୁମାର ସାହୁ,ଧନେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ଉକ୍ତ ସମୁହ ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତୃପକ୍ଷ ଦୃଢ ପଦକ୍ଷେପ ନେବା ପାଇଁ ଦାବୀ କରିଛନ୍ତି।

# ବାଣୀପର୍ବ ଲୋକାର୍ପିତ ଓ ଲୋଗୋ ଉନ୍ମୋଚିତ


ଜଗତସିଂହପୁର, (ସବ୍ୟୁ):ମା' ଶାରଳାଙ୍କ ପବିତ୍ର ପୀଠରେ ବାଣୀକ୍ଷେତ୍ର ସାହିତ୍ୟ ମହୋତ୍ସବ ବାଣୀପର୍ବର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆଠଟି ବ୍ଲକ ଓ ଦୁଇ ପୌରାଞ୍ଚଳରେ ଅବସ୍ଥିତ ସମସ୍ତ ସାହିତ୍ୟ, ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଗୁଡିକର ମୁଖ୍ୟଙ୍କ ଉପସ୍ଥିତି ଓ ସମାଜସେବୀ ଗୌରାଙ୍ଗ ହୋତଙ୍କ ପୌରହିତ୍ୟରେ ଜଗତସିଂହପୁରର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ସମ୍ମାନିତ ଅତିଥି, ଶାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ସାହିତ୍ୟ ପର୍ବର ଲୋଗୋ ଉନ୍ମୋଚନ କରିଛନ୍ତି । ପ୍ରଭାତରୁ ଅନୁଷ୍ଠାନ ତରଫରୁ ସାରଳା ଦାସଙ୍କ ଜନ୍ମସ୍ଥଳୀ କାଳୀନାଗ ଠାରେ ଆଦିକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସାରଳା ରୋଡ ସ୍ଥିତ ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମା ଶାରଳାଙ୍କ ମନ୍ଦିରରେ ବାଣୀପର୍ବର ଲୋଗୋ ଅର୍ପଣ ସହିତ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୧୭ ଟି ଅନୁଷ୍ଠାନର ସଭାପତି ଓ ସମ୍ପାଦକ




ଯୋଗଦେଇ ଜିଲ୍ଲାରେ ହେବାକୁ ଯାଉଥିବା ପ୍ରଥମ ଜାତୀୟ ପର୍ବକୁ ଅତ୍ୟନ୍ତ ଦିବ୍ୟ ଏବଂ ଭବ୍ୟ କରିବା ପାଇଁ ନିଜର ସମର୍ଥନ ଦେବା ସହିତ ଅନେକ ମୂଲ୍ୟବାନ ପ୍ରସ୍ତାବ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆବାହକ ଶ୍ରୀ ରାଉତ ବାଣୀପର୍ବର ଉଦେଶ୍ୟ ଓ ବ୍ୟାପକତା ବିଷୟରେ ଅବଗତ କରାଇଥିଲେ। ଏହା ଆଗାମୀ ତିନି ମାସ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରରିଷଦରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ବାଣୀପର୍ବ ଆନୁକୂଲ୍ୟରେ ସାରଳା ଦାସଙ୍କ ଦ୍ୱାରା ସାହିତ୍ୟ ଆଲୋଚନା ଅନୁଷ୍ଠିତ ହେବ। ଏଥିସହିତ ଦେଶର ବିଭିନ୍ନ ମେଟ୍ରୋ ସିଟିରେ ଓ ଭାରତ ବାହାରେ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସାରଳା ସାହିତ୍ୟ ଆଲୋଚନା ଚକ୍ର ଅୟୋଜନ କରାଯିବ ବୋଲି କହିଛନ୍ତି। ସାରଳା ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ତିନି ଦିନ ବ୍ୟାପି ସମାବର୍ତ୍ତନ ଉତ୍ସବରେ ଭାରତର ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ, ଗବେଷକ, ଭାଷାବିତ୍ ତଥା ବିଶିଷ୍ଟ ବ୍ୟକ୍ତିଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି । ସ୍ୱାଗତ ଭାଷଣ ଅଧ୍ୟାପକ ଭଗବାନ ଦାଶ ପ୍ରଦାନ କରିଥିବା ବେଳେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କୂଳ ଖାଉଛି ଚିତ୍ରୋତ୍ପଳା : ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଚାରା ମାଟିରେ ମିଶିବା ଆଶଙ୍କା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ପୁଣ୍ୟତୋୟା ଚିତ୍ରୋପିଳା ନଦୀ କୁଳ ଖାଉଥିବାର ଅଭିଯୋଗ ହୋଇଛି । ଫଳରେ ସାଧାରଣରେ ଆତଙ୍କ ଖେଳିଯାଇଛି । କଟକ ବନ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରୋପଣ କରାଯାଇଥିବା ଚାରା ଗୁଡିକ ମାଟିରେ ମିଶିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଂଚାୟତ ମାଣିକପୁର ନିକଟରେ ଚିତ୍ରୋପିଳା ନଦୀ କୁଳ ଖାଉଥିବାର ଦେଖିବାକୁ ମିଳିଛି । ଏହି ନଦୀ ପଠାଟି ପ୍ରତିବର୍ଷ ନଦୀରେ ପାଣି ଆସିଲେ ଧିରେ ଧିରେ କୁଳ ଖାଉଥିବାର ଦେଖିବାକୁ ମିଳିଛି । ଏଠାରେ କଟକ ବନ ବିଭାଗ ତରଫରୁ ନିକଟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା । ତେବେ ନଦୀ କୁଳ ଖାଉଥିବା କାରଣରୁ ବହୁ ଚାରା ନଦୀ



ଗର୍ଭରେ ପଡି ନଷ୍ଟ ହୋଇ ଯିବାକୁ ବସିଲାଣି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଅପରପକ୍ଷରେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି ଦୃଢ ପଦକ୍ଷେପ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ତେବେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ଆବଶ୍ୟକତା ନଥିବା ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି । ମାତ୍ର ଯେଉଁ ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣର ଆବଶ୍ୟକତା ରହିଛି ସେଠାରେ କୌଣସି କାର୍ଯ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି । ଏଠାରେ ସୂଚନା ଥାଉକି ଯଦି ଜଳ ସମ୍ପଦ ବିଭାଗ ତରଫରୁ ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ଏଠାରେ ଏକ ବଡ ଧରଣର ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ଘାଇ ସୃଷ୍ଟି ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ସମେତ ଡେରାବିଶ ଓ ସାଲେପୁର ବ୍ଲକର ବହୁ ପଂଚାୟତ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ବୈଠକ



ଫୁଲନଖରା,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ କୁରଙ୍ଗ ଶାସନ ଜଗନ୍ନାଥଙ୍କ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ମାନଙ୍କର ଏକ ବୈଠକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର ସଭାପତି ଲଳିତ କୁମାର ଦାଶ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମତପ୍ରଦାନ କରିବା ସହିତ ସଦର ଥାନା ତରଫରୁ ବରିଷ୍ଠ ନାଗରିକମାନଙ୍କୁ ବରିଷ୍ଠନାଗରିକ କାର୍ଡ ଯୋଗାଇ ଦେବା ସକାଶେ କାର୍ଯ୍ୟକ୍ରମ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି । କଣ୍ଟାପଡ଼ା ବ୍ଲକର ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି ଓ ସଂପାଦକ ଫଣିଭୂଷଣ ମହାନ୍ତି ଅତିଥି ଭାବେ ଯୋଗ ଦେଇ କଣ୍ଟାପଡ଼ା ବ୍ଲକରେ ଗଠନ କରାଯାଇ କାର୍ଯ୍ୟକାରି କରାଯାଉଥିବା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଉପରେ ମତବ୍ୟକ୍ତ କରିଥିଲେ । କଣ୍ଟାପଡ଼ା ବ୍ଲକକୁ ଲାଗିଥିବା ବାରଙ୍ଗ ବ୍ଲକର ବରିଷ୍ଠନାଗରିକ ବୈଠକ ଗଠନହେବା ଶୁଣି ଭାରି ଖୁସି ମତବ୍ୟକ୍ତ କରିଥିଲେ ଏବଂ ଆମ୍ଭେମାନେ ପୂର୍ଣ୍ଣ ସହଯୋଗ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରତ୍ୟେକ ପଞ୍ଚାୟତରୁ ଜଣେ ସଭାପତି ଓ ଜଣେ ସଂପାଦକ ମନୋନୀତ କରାଯାଇଥିଲା । କୁରାଙ୍ଗ ଶାସନ, କୁରଙ୍ଗ ପ୍ରଧାନ, ନଗରୀ, ଉଷୁମା, ସାଇଁସୋ, ହରିଅନ୍ତା, ଖଲର୍ଦା ଏହିପରି ବାରଙ୍ଗ ବ୍ଲକ ୩୩ ନମ୍ବର୍ ଜିଲ୍ଲା ପରିଷଦ ଜୋନ୍ ୮ ଗୋଟି ଗ୍ରାମପଞ୍ଚାୟତର ୬୦ ବର୍ଷରୁ ୭୦ ବର୍ଷ । ନାଗରିକ ମାନେ ଯୋଗ ଦେଇଥିଲେ । ପ୍ରତି ପଞ୍ଚାୟତରେ ଭ୍ରାମ୍ୟମାଣ ବୈଠକ କରାଯାଇ ୮୦ବର୍ଷ ବରିଷ୍ଠ ନାଗରିକମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ବୈଠକ ହେଇ ସ୍ଥିର କରାଯାଇଛ । ବୈଠକରେ ବାବାଜୀ ମହାନ୍ତି, ଜୟନ୍ତ କୁମାର ଜେନା,ଯଜ୍ଞେଶ୍ୱର ଶତପତି, ଶୈଳଜାନନ୍ଦ ସାହୁ,ବ୍ରଜବନ୍ଧୁ ମହାନ୍ତି, ଅଜୟ କୁମାର ପତି,ଅଶୋକ ନାରାୟଣ ହୋତା,ବିଜୟ କୁମାର ମୁଦୁଲି, ତ୍ରିଲୋଚନ ସାହୁ, ଚିତ୍ତରଞ୍ଜନ ପତି,ଦିବ୍ୟସିଂହ ପାତ୍ର , ସୁଶୀଲ କୁମାର ଦାସ, ଜୟଦେବ ପ୍ରଧାନ, କାର୍ତ୍ତିକ ସାହୁ ଏହିପରି ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

# ମୋନ୍ଥା ପ୍ରଭାବ : ଶୋଇଲା ଧାନଗଛ, ଉଜୁଡିଗଲା କୋବି ଫସଲ

ଦଶପଲ୍ଲା, (ସବ୍ୟୁ): ଗତ ତିନିଦିନ ଧରି ମୋନ୍ଥା ପ୍ରଭାବରେ ଦଶପଲ୍ଲା ରେ ବର୍ଷା ସହ ପବନ ଲାଗି ରହିଛି । ବର୍ଷା କେତେବେଳେ ଛା ତ କେତେବେଳେ ଦୁଲଦୁଲ କରି ବର୍ଷୁଛି । ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପ ବେଳେ ଚାଷୀ ମୁଣ୍ଡରେ ପଡିଛି ଚଡକ । ଧାନ କ୍ଷେତ ରେ ସୁନାର ଫସଲ କୁ ଅପେକ୍ଷା କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ମୋନ୍ଥା ର ପ୍ରଭାବ ରେ ମେଂଥୀ ହୋଇ ପଡିଛି ଧାନ ଫସଲ । ବିଲ ମାନଙ୍କରେ ପାଣି ଜମି ରହିଥିବା ବେଳେ ଧାନ କେଣ୍ଡା ଧରି ଫୁଲ ହୋଇଥିବା ଧାନ ଗଛ ଗୁଡିକ ସୋଇ ପଡିଛି । ଏକର ଏକର ଜମି ର ଧାନ ଫସଲ କ୍ଷେତ ରେ ସୋଇ ପଡ଼ିଥିବା ବେଳେ ଜମିରୁ ପାଣି ନିଷ୍କାସନ ପାଇଁ ଚାଷୀ ରାତି ଅନିଦ୍ରା ହୋଇ ଲାଗି ପଡିଛି । ଏପରିକି ଚାଷୀ ଅନିଦ୍ରା ସୋଇ ଧାନ କ୍ଷେତ କୁ ସଜାଡି ବାକୁ ଲାଗିଛି । ମାତ୍ର ପୂର୍ବ ଭଳି ବର୍ଷା ଲାଗି ରହିଛି । ଚଳିତ ବର୍ଷ ଭଲ ଧାନ ହେବ ବୋଲି ଚାଷୀମାନେ ଯେଉଁ ଆଶା ବାନ୍ଧିଥିଲେ ତାହା ମଳିନ ପଡି ଯାଇଛି । ଅନ୍ୟ ପାର୍ଶ୍ୱରେ ପନିପରିବା ଫସଲ ଉପରେ ବ୍ୟାପକ ପ୍ରଭାବ ପକାଇଛି । ଚାଷୀମାନେ କରିଥିବା ଶିତ ଦିନିଆ ଫସଲ ଉପରେ ଏହାର ପ୍ରଭାବ ପକାଇଛି । ବିଶେଷ ଭାବେ କୋବି ଓ ଟମାଟୋ ଫସଲ ଉପରେ ମୋନ୍ଥା ର ପ୍ରଭାବ ଦେଖିବାକୁ ମିଳିଛି । କୋବି ଉତ୍ପାଦନ ପୂର୍ବରୁ ହିଁ ମୋନ୍ଥା ର ପ୍ରଭାବ ଏହି ଫସଲ କୁ ଉଜା ଦେଇଛି । ବର୍ଷା ଫଳରେ କୋବି ଚାରା ଓ ବାହୁରୁ ଥିବା କୋବି ଫସଲ ବ୍ୟାପକ କ୍ଷତି ହୋଇଥିବା ବେଳେ ଟମାଟୋ ଫସଲ କ୍ଷତି ହୋଇଛି । ଯାହାକୁ ନେଇ ଏବେ ଚାଷୀ ଚିନ୍ତାରେ । ତେବେ ଧୀରେ ଧୀରେ ବାତ୍ୟା ମୋନ୍ଥା ଦୁର୍ବଳ ହୋଇଥିବା ବେଳେ ମୋନ୍ଥା ର ପ୍ରଭାବ ରେ ଉଜୁଡି ଯାଇଥିବା ଫସଲ କୁ ସଜାଡି ବାରେ ଲାଗିଛି ଚାଷୀ । କୃଷି ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀ ମାନେ ଦାବି କରିଛନ୍ତି ।

# ବଡ଼ବାଣପୁର : କାର୍ତ୍ତିକ ପୂର୍ଣ୍ଣିମାରେ ହେବ ଦୁଇ ଦିନ ଯାତ୍ରା

କଣ୍ଟିଲୋ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ବଡ଼ବାଣପୁର ଗ୍ରାମ ବାଲୁଙ୍କେଶ୍ୱର ମହାଦେବ ପୀଠ ର ପ୍ରତିବର୍ଷ ଭଳି କାର୍ତ୍ତିକ ପୂର୍ଣ୍ଣିମାଯାତ୍ରା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୨ଦିନ ବ୍ୟାପି ଯାତ୍ରା ପାଇଁ ନିଷ୍ପତି ହୋଇଛି। ଆସନ୍ତା ୪ତାରିଖ ବଡଓଷା ଅବସରରେ ଦିନବ୍ୟାପି ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଓ ହୋମଯଜ୍ଞ ଅନୁଷ୍ଠିତ ହେବ । କାର୍ତ୍ତିକ ପୂର୍ଣ୍ଣିମା ବୁଧବାର ଦିନ ବ୍ୟାପି ରାମଲୀଳା ଓ ରାତିରେ ଗ୍ରାମର ବାଲୁଙ୍କେଶ୍ୱର ନାଟ୍ୟ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ କାନ୍ଦୁଛି ଖାଲି ମୁଁ ତୋରି ପାଇଁ ମଞ୍ଚସ୍ଥ ହେବ ବୋଲି ଜଣାଯାଇଛି।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା




ବାଲିପାଟଣା,(ସବ୍ୟୁ) :ପ୍ରଜ୍ଞାନ ମିଶନ ତରଫରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ବାଗଦେବୀ ବିଦ୍ୟା ମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କୁ ଗୀତା ପାଠର ତାତ୍ପର୍ଯ୍ୟ ଉପଲବ୍ଧି କରାଇବା ସହିତ ଗୀତା ଦ୍ୱାରା ମାନସିକ,ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ବାର୍ତ୍ତା ରହିଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆୟୋଜିତ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶିଶିର କୁମାର ପାଢ଼ୀ, ଅର୍ଦ୍ଧେନ୍ଦୁ ଶେଖର ମହାପାତ୍ର, ଗୀତା ସେବୀ ରାମ ନାରାୟଣ ଶତପଥୀ,ଅରୁଣ କୁମାର୍ ଶତପଥୀ,ଅଭିମନ୍ୟୁ ନାୟକ,ବିକାଶ କୁମାର ଓଝା ପ୍ରମୁଖ ଯୋଗ ଦେଇଥିଲେ । ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ପବିତ୍ରା ଦାସ, ଉର୍ମିଳା ସେନାପତି,ସବିତା ମୁଖି,ଛବିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ବ୍ଲକର ବହୁ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏଥିରେ ଯୋଗ ଦେଇଥିଲେ ।

# ଗୋଷ୍ଠୀସ୍ତରୀୟ ସୁନାମୀ ସଚେତନତା ଶିବିର

କୋଣାକ, (ସବ୍ୟୁ): କୋଣାର୍କ ନିକଟସ୍ଥ ତରକାର ଗ୍ରା.ପ. ଅନ୍ତର୍ଗତ ବାଙ୍ଗର ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଗୋପ ବ୍ଲକ ପ୍ରଶାସନର ଆୟୋଜନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ କର୍ତ୍ତୃପକ୍ଷ ଓ ପୁରୀ ଜିଲ୍ଲା ପ୍ରଶାସନ ମିଳିତ ତଥା ଆର୍ଥିକ ସହଯୋଗରେ ଏକ ଗୋଷ୍ଠୀ ସ୍ତରୀୟ ସୁନାମୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ତରକାର ସରପଞ୍ଚ ଶୁଶାନ୍ତ କୁମାର ପରିଡା ଏବଂ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସୁନାମୀ ସଚେତନତା କାର୍ଯ୍ୟକ୍ରମରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ , ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ , ବାତ୍ୟା ଆଶ୍ରୟସ୍ଥଳୀର ସଂପାଦକ ଅନନ୍ଦା ପ୍ରସାଦ ଦାଶ , ସୋଲାର ଅନୁଷ୍ଠାନର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ , ଅବସରପ୍ରାପ୍ତ ପି.ଇ.ଓ ମାର୍କଣ୍ଡ ପ୍ରଧାନ , କ୍ଷେତ୍ରକର୍ମୀ ରସାନନ୍ଦ ମହାନ୍ତି , ଗୋପ ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧକାରୀ ଦେବେନ୍ଦ୍ର କୁମାର କାଣ୍ଡି , ବାଙ୍ଗର କପିଳେଶ୍ୱର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ଆଚାର୍ଯ୍ୟ , ସହକାରୀ ଶିକ୍ଷକ ସୁଦର୍ଶନ ବେହେରା , ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବାଙ୍ଗର ଗ୍ରାମକୁ ବ୍ଲକ ପ୍ରଶାସନ ପକ୍ଷରୁ ସୁନାମୀ ମୁକ୍ତ ଗାଁ ଭାବେ ଚିହ୍ନଟ କରାଯାଇଥିବା ବେଳେ ଏଥିପାଇଁ ଆବଶ୍ୟକ ଗୋଷ୍ଠୀ ସ୍ତରୀୟ ପ୍ରଶିକ୍ଷଣ ମାଧ୍ୟମରେ ସଚେତନତା ସୃଷ୍ଟି ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଗୋପ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିପକ କୁମାର ଜେନା ଓ ସେଚ୍ଛାସେବୀ ଅନୁଷ୍ଠାନ ସୋଲାରର କାର୍ଯ୍ୟକ୍ରମ ସଂଯୋଜକ ଚିତରଞ୍ଜନ ପରିଡା ତାଲିମଦାତା ଭାବେ ସୁନାମୀ ଆସିବାର ପୂର୍ବପ୍ରସ୍ତୁତି ଲକ୍ଷଣ ଏବଂ ସୂଚନା ପାଇବା ମାତ୍ରେ ତୁରନ୍ତବ୍ଲକ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ନିରାପଦ ସ୍ଥାନ କାନପୁର ଗ୍ରାମ ଦେଇ ବାଲିକପିଳେଶ୍ୱର ହାଇସ୍କୁଲକୁ ସେଙ୍ଗ ସେଙ୍ଗ ସ୍ଥାନାନ୍ତର ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସମ୍ଭାବ୍ୟ ବାତ୍ୟା ମନ୍ତ୍ରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଙ୍ଗର ସମେତ ଆଖପାଖ ଗ୍ରାମର ଏକଶହରୁ ଉର୍ଦ୍ଧ୍ୱ ଗୋଷ୍ଠୀ ସ୍ତରୀୟ ମହିଳା , ଯୁବକ ସଂଘ , ଅଙ୍ଗନବାଡି କର୍ମୀ , ଆଶାକର୍ମୀ , ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୟତ ସ୍ତରୀୟ ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଶୁକ୍ରବାର ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଗଣଦୌଡ କାର୍ଯ୍ୟକ୍ରମରେ ସମସ୍ତ ପୋଲିସ କର୍ମଚାରୀ, ଯୁବକ ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ।ଖଣ୍ଡପଡା ରଥଗଡା ଛକ ଠାରେ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।ଖଣ୍ଡପଡା ଏସଡିପିଓ ମଦନମୋହନ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ କାର୍ଯ୍ୟକ୍ରମରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ, ଏସଆଇ ଗୋପବନ୍ଧୁ ମଲ୍ଲିକ,ମନସ୍ମିତା ସାହୁଙ୍କ ସମେତ ଅନନ୍ୟମାନେ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ

ଶରଣକୁଳ,(ସବ୍ୟୁ): ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଶରଣକୁଳ ଥାନା ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ତଥା ଶରଣକୁଳ ଜନସାଧାରଣଙ୍କୁ ସମ୍ମିଳିତ କରାଯାଇ ଲୌହ ପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଲଡୁବାବା ମନ୍ଦିର ସମ୍ମୁଖରେ ଶପଥ ପରେ ଏକତା ଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ଯୋଗ ଦେଇଦେଶର ଐକ୍ୟ ଭାବନାକୁ ସମ୍ମାନ ଜଣାଇ ଦେଶର ଅଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ସଂକଳ୍ପ କରିବାକୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ଶରଣକୁଳ ଥାନା ଅଧିକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସହ ଭାବର ଆଦାନପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାମଚରିତ ମାନସ ପାରାୟଣ ପୂର୍ଣ୍ଣାହୁତି

ନିରାକାରପୁର,(ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୀଠରେ ଗତ ୨୩ ତାରିଖ ଠାରୁ ୪୩ତମ ବାର୍ଷିକ ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳଯାତ୍ରା ଅନୁଷ୍ଠିତ ହୋଇ ୨୪ ତାରିଖରୁ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟ ପୂଜା,ମଙ୍ଗଳ ଆଳତି, ନାମ ସଙ୍କୀର୍ତ୍ତନ ଇତ୍ୟାଦି ଅନୁଷ୍ଠିତ ହେବା ସହିତ ଶେଷରେ ଆଜି ଉଦଯାପନ ଉତ୍ସବ, ଘଟ ବିସର୍ଜନ ଓ ମହୋତ୍ସବ ପୂର୍ଣ୍ଣାହୁତି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଲାଭ କରି ପ୍ରସାଦ ସେବନ କରିଥିଲେ।

# ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ନିମାପଡା,(ସବ୍ୟୁ): ନିମାପଡା ପୁଲିସ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳୀ ସାହୁ,ଉପାଧ୍ୟକ୍ଷା ଚପଳା ଚାନ୍ଦ ବିଶ୍ୱାଳ,ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ,ଆଇଆଇସି ସମରେନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇ ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଉଥିବା ବେଳେ ଲୋକେ କିପରି ଏହି ଅପରାଧରୁ ସୁରକ୍ଷା ପାଇପାରିବେ ଏହାର କିଭଳି ସଚେତନତା କରାଯାଇପାରିବ ସେ ସଂପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ । ସାଇବର ସୁରକ୍ଷାକୁ ନେଇ କଳାକାରଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ମଂଚସ୍ଥ କରାଯିବା ସହିତ ଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ସମୀକ୍ଷା ସ୍ୱାଇଁ ପ୍ରଥମ ହୋଇଥିବା ବେଳେ ବନ୍ଦିତା ନାୟକ ଦ୍ୱିତୀୟ,ଅମିଷା ପ୍ରିୟଦର୍ଶିନୀ ତୃତୀୟ,ନିରୁପମା ଦାଶ ଚତୁର୍ଥ ଓ ରାଜେଶ୍ୱରୀ ସ୍ୱାଇଁ ପଂଚମ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା କପ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆୟୋଜିତ କର୍ଯ୍ୟକ୍ରମରେ ଫିଜିକ୍ସ ବିଭାଗର ଏଚ୍‌ଓଡି ଜୁଏଲ ତ୍ରିପାଠୀ,କେମିଷ୍ଟ୍ରି ବିଭାଗର ମୁଖ୍ୟ ଗୀତାଞ୍ଜଳୀ ମହାପାତ୍ର,ଅଧ୍ୟାପିକା ମିତାଲୀ ମଧୁସ୍ମିତାଙ୍କ ସମେତ କଲେଜର ଛାତ୍ରୀ ମାନେ ଉପସ୍ଥିତଥିଲେ ।

# ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକର ୧୭ ଗୋଟି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଓ ଏଫଏଲଏନ ଶିକ୍ଷକ ମାନଙ୍କୁ ନେଇ କ୍ଲଷ୍ଟର ସ୍ତରୀୟ ପଞ୍ଚମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ କୁଳମଣି କ୍ଲଷ୍ଟର ପକ୍ଷରୁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଙ୍ଗାଧରପୁର ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ପ୍ରଧାନଶିକ୍ଷକ ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ କରିଥିବା ବେଳେ ସିଆରସିସି ବିଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ବୈଠକରେ ସ୍ୱାଗତ ଓ କାର୍ଯ୍ୟସୂଚୀର ସୂଚନା ପ୍ରଦାନ,ପୂର୍ବ ବୈଠକ ବିଷୟବସ୍ତୁ ଆଲୋଚନା,ନଭେମ୍ବର ମାସରେ ଶିଶୁ ବାଟିକା,ପ୍ରଥମ ଶ୍ରେଣୀ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ସୈକ୍ଷିକ କ୍ୟାଲେଣ୍ଡର,ଶ୍ରେଣୀ ପରିଚାଳନା ଭାଷା ଓ ସଂଖ୍ୟାଜ୍ଞାନ ,ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା,ସି.ଆର.ସି.ସି ଙ୍କ ବିଦ୍ୟାଳୟ ବିଦ୍ୟାଳୟ ପରିଦର୍ଶନ ସୈକ୍ଷିକ ସହାୟତା, ନିପୁଣ ବିଦ୍ୟାଳୟ ତଥା ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା ଶିକ୍ଷଣ ସୋପାନ ରେଜିଷ୍ଟର ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା ।ବିଭିନ୍ନ କ୍ଲଷ୍ଟରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ ବେହେରା ପହଞ୍ଚି କାର୍ଯ୍ୟକ୍ରମ ବିଷୟରେ ଅନୁଧ୍ୟାନ କରିଥିଲେ ।

# ପୋଲିସର ସାଇବର ସୁରକ୍ଷା ଅଭିଯାନ

ଶରଣକୂଳ, (ସବ୍ୟୁ): ଶରଣକୂଳ ମନ୍ଦିର ସମୁଖରେ ନୟାଗଡ ପୋଲିସ ଓ ଶରଣକୂଳ ଥାନାର ମିଳିତ ସହଯୋଗରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶରଣକୂଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶରଣକୂଳ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟାଳୟ ଉପ ଅଧିକ୍ଷକ ସୁକାନ୍ତ କୁମାର ପାତ୍ର, ଅନ୍ୟତମ ଅତିଥି ଭାବେ ରିଜର୍ଭ ଇନିସ୍ପେକ୍ଟର ବିରଞ୍ଚି ନାରାୟଣ ସାହୁ ଓ ଶରଣକୂଳ ଜିଲା ପରିଷଦ ଚିନ୍ମୟୀ ଦାଶ ଯୋଗ ଦେଇଥିଲେ। ପ୍ରଥମେ ମୁଖ୍ୟ ଅତିଥି ସାଇବର ସୁରକ୍ଷା ମାସ୍କଟ ସାଇରାକୁ ଜନସାଧାରଣ ଉଦେଶ୍ୟରେ ଉନ୍ମୋଚନ କରି ସାଇବର ସୁରକ୍ଷା ଉପରେ ମୂଲ୍ୟବାନ ମତ ଦେଇ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଙ୍ଗ ଠକେଇ, ପାର୍ସଲ / କଷ୍ଟମ୍ସ ଠକେଇ, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ / ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଏବଂ ଘରୁ କାମକରିବାର ଠକେଇ, ଇ-କମର୍ସ ରିଫଣ୍ଡ / ଅଫର ଠକେଇରୁ ବର୍ତ୍ତିବାଲାଗି କିପରି ସତର୍କ ରହିବା ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ରଖିଥିଲେ। ସେହିପରି ଶରଣକୂଳ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ପ୍ରଧାନ ସାଇବର ଠକେଇରୁ କିପରି ସୁରକ୍ଷିତ ରହିପାରିବା, ଠକେଇ ର ଶିକାର ହେଲେ ୧୯୩୦ ଏବଂ ସାଇବର କ୍ରାଇମ ପୋର୍ଟାଲରେ ରିପୋର୍ଟ କରିବା ପାଇଁ କହିଥିଲେ। ପରେ ଜିଲ୍ଲାପରିଷଦ ସଭ୍ୟ ଶ୍ରୀମତୀ ଦାଶ ସାଇବର ସୁରକ୍ଷା ଧ୍ୟାନ ନଦେଲେ ଜନସାଧାରଣ କିପରି ସର୍ବସାନ୍ତ ହୋଇ ପଡୁଛନ୍ତି, ତାପ୍ରତି କିପରି ଯତ୍ନବାନ ହେବା ଭଳି ଉପଯୋଗୀ ମତ ରଖିଥିଲେ। ଶରଣକୂଳ ଥାନା ଅଧିକାରୀ ଶ୍ରୀ ଦାଶ ମଞ୍ଚ ପରିଚାଳନା ଓ ସମସ୍ତ କାର୍ଯ୍ୟକ୍ରମ ଦାୟିତ୍ୱ ନିର୍ବାହ କରିଥିଲେ। ସାଇବର ସୁରକ୍ଷା ସଚେତନତାକୁ ନେଇ ବିକ୍ରମ କୁମାର ଦାଶ ଓ କାଳିଆ ମହାପାତ୍ର ତାଙ୍କ ଅଭିନୟ ମାଧ୍ୟମରେ ଜନ ସଚେତନଧର୍ମୀ ବାର୍ତ୍ତା। ବେଶ ହୃଦୟସ୍ପର୍ଶୀ ହୋଇଥିଲା। ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଉପସ୍ଥିତ ଜନସାଧାରଣଙ୍କୁ ସାଇବର ସୁରକ୍ଷା ଶପଥ ପାଠ କରାଇଥିଲେ ଏବଂ ପରିଶେଷରେ ଗ୍ରାମାଞ୍ଚଳରେ ସାଇବର ସୁରକ୍ଷା ବାର୍ତ୍ତା ନେଇ ଯିବା ଗାଡିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୋଲିସର ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ମନ୍ଦିର ସେବାସୀ ଓ ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ।

# ଦରିଆରେ ମାଛ ନଧରିବା ଲାଗି କଟକଣା

ଅସ୍ତରଙ୍ଗ,(ସବ୍ୟୁ) :ଏକ ସମ୍ବେଦନ ଶିଳ ଘଟଣା କ୍ରମେ ରାଜ୍ୟ ସରକାର ନଭେମ୍ବର ୧ତାରିଖ ଠାରୁ ୨୦୨୬ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ନ ଧରିବା ଲାଗି ବନ ବିଭାଗ ଓ ମତ୍ସ୍ୟ ବିଭାଗ ର ମିଳିତ ସହଯୋଗରେ କଟକଣା ଜାରି କରି ଛନ୍ତି । ଏହି ସମୟ ଭିତରେ ଅଲିଭ ରିଡଲ କଇଁଚଙ୍କ ସଙ୍ଗମ । ମେଟିଙ୍ଗ ଓ ପରେ ଅଣ୍ଡା ଦିଆ ଆରମ୍ଭ ହେବାର ସମ୍ଭାବନା ଥିବାରୁ ଏହି କଟକଣା ଜାରି କରାଯାଇଛି । ଅପରପକ୍ଷରେ ଅସ୍ତରଙ୍ଗ ରେଞ୍ଜ ତରଫରୁ କଇଁଚଙ୍କ ମେଟିଙ୍ଗ ପରେ ଅଣ୍ଡା ଦାନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଦାଲୁଅକଣୀ, ଯାହାନିଆ, ଗଙ୍ଗାଦେବୀ, ଓ ଦେବୀ ନାସି ଠାରେ ପଞ୍ଚ ଗୋଟି ଅଣ୍ଡା ସାରଂକ୍ଷିତ ହାଚେରୀ କରାଯାଇ ପ୍ରତି ହ୍ୟାଚେରୀ ରେ କଇଁଚ ଅଣ୍ଡା କୁ ସାଇତି ରଖିବା ପାଇଁ ୨ଜଣ ଲେଖାଏଁ ସ୍କ୍ୱାଡ଼ ବନ ବିଭାଗ ନିଯୁକ୍ତି କରିଛି ବୋଲି ଅସ୍ତରଙ୍ଗ ରେଞ୍ଜର ମୋନାଲିଶା ମହାପାତ୍ର ପ୍ରକାଶ କରିଛନ୍ତି ।

# ବାବା ବିଶ୍ୱନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନୂଆଗଡ ପଂଚାୟତ ଅଧିନସ୍ଥ ହରିପୁର ଗ୍ରାମର ବାବା ବିଶ୍ୱନାଥ ଦେବଙ୍କ ପୀଠରେ ପବିତ୍ର କାର୍ତ୍ତିକ ମାସ ତଥା ପଞ୍ଚୁକ ଉପଲକ୍ଷେ ୫ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଅଛି । ଆଜି ଦ୍ୱିତୀୟ ଦିବସ ତଥା ଦେବ ଉଥାନ ଏକାଦଶୀ ପାଇଁ ପ୍ରାତଃରେ ସୂର୍ଯ୍ୟ ପୂଜା ସହିତ ଯଜ୍ଞ କାର୍ଯ୍ୟ ଚାଲୁଅଛି । ବିଶ୍ୱର ମଙ୍ଗଳ ପାଇଁ ହରିପୁର ଗ୍ରାମବାସୀଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ଏହି ମହାଯଜ୍ଞ ୧୭ ବର୍ଷରେ ପାଦ ଦେଇଛି । ଏହି ପର୍ବ ଗ୍ରାମବାସୀଙ୍କ ଦ୍ୱାରା ମହା ଆଡ଼ମ୍ବରରେ ପାଳନ କରାଯାଉଛି ।

# ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୟାଗଡ଼, (ସବ୍ୟୁ): ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟକ୍ରମରେ ଅବସରକାରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜଣେ ବରିଷ୍ଠ କର୍ମଚାରୀଙ୍କୁ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ବରିଷ୍ଠ ଟାଇପିଷ୍ଟ ଲୋକନାଥ ସାହୁ ଚଳିତ ବର୍ଷ ଅକ୍ଟୋବର ୩୧ ତାରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ।ଶ୍ରୀ ସାହୁଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଏବଂ ଅନ୍ୟତମ ଜିଲ୍ଲା ପ୍ରଶାସନିକ ଅଧିକାରୀ ତରୁଣ କୁମାର ମହାପାତ୍ର ଅବସରପ୍ରାପ୍ତ କର୍ମଚାରୀ ଲୋକନାଥ ସାହୁଙ୍କୁ ଫୁଲତୋଡ଼ା, ଉପଢ଼ୌକନ ଏବଂ ଶ୍ରୀଜଗନ୍ନାଥ ଙ୍କ ଫଟୋଚିତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ବରିଷ୍ଠ କିରାଣୀ ସିଦ୍ଧାର୍ଥ ଦେଙ୍କ ସହିତ ଅନ୍ୟ କର୍ମଚାରୀ ଏବଂ ଜିଲ୍ଲା ସଂସ୍କୃତି ବିଭାଗ କର୍ମଚାରୀ ଅଭିଷେକ ସାହୁ, ଆକାଶ ଦାଶ ଏବଂ ସୌମ୍ୟ ରଜଂନ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ରହିଥିଲେ।

# ରାମଦୟା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ନିରାକାରପୁର,(ସବ୍ୟୁ) : ବ୍ୟକ୍ତିର ବ୍ୟକ୍ତି ଓ କାର୍ଯ୍ୟ ଦକ୍ଷତା ତାକୁ ସମାଜରେ ପ୍ରତିଷ୍ଠିତ କରାଏ । ପ୍ରକୃତ ଭଲ ମଣିଷ ଚିହ୍ନି ସେମାନଙ୍କୁ ପ୍ରୋତ୍ସାହିତ କରିଲେ ସେମାନେ ଆହୁରି ପାଦେ ଆଗକୁ ବଢ଼ିବାକୁ ପ୍ରେରଣା ପାଇଥାଏ । ସୁଯୋଗର ସଦ ଉପଯୋଗ କରି ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରାମଦୟା ପରିଷଦ ପକ୍ଷରୁ ଅନୁଷ୍ଠିତ ମେଧା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟଅତିଥି ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ବେଣୁଧର ଦାସଙ୍କ ଅଧ୍ୟକ୍ଷତାରେ ରାମଦୟା ପରିଷଦ ସଭାପତି ଅଧ୍ୟାପକ ଡ ମୃତ୍ୟୁଞ୍ଜୟ ରଥଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ପୂର୍ବତଟ ରେଳପଥ ଉପମୁଖ୍ୟ କାର୍ଯ୍ୟ ଉନ୍ନୟନ ପରିଚାଳକ ଜଗଦୀଶ ପାତ୍ର, ରାମ ଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ହାଇସ୍କୁଲ ଓ କଲେଜର ବିଭିନ୍ନ ପ୍ରତିଭାବାନ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମାନଙ୍କୁ ଉତ୍ତରୀୟ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ରାମଦୟା ପରିଷଦ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସ୍ତରଙ୍ଗ ଗଙ୍ଗେଶ୍ୱର ଯଜ୍ଞ ମହୋତ୍ସବ ୫ରେ




କାକଟପୁର ,(ସବ୍ୟୁ) : ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ଦେଖିବାକୁ ମିଳିବ ଅସ୍ତରଙ୍ଗ ବେଳାଭୂମିରେ ଧାର୍ମିକ ଉତ୍ସବର ଆଲୋକପ୍ରଭା । ଏଥି ନେଇ କାକଟପୁର ମୋତି ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ନଭେମ୍ବର ମାସ ବିଶ୍ୱଶାନ୍ତି ଓ ଧାର୍ମିକ ଏକତାର ପ୍ରତୀକ ହେବ ଅସ୍ତରଙ୍ଗ ଗଙ୍ଗେଶ୍ୱର ବେଳାଭୂମି ଯଜ୍ଞ ମହୋତ୍ସବ । ନଭେମ୍ବର ୫ ତାରିଖ ଦିନ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକ ଭବ୍ୟ ଧାର୍ମିକ ଉତ୍ସବ ଆୟୋଜିତ ହେବାକୁ ଯାଉଛି ଗଙ୍ଗେଶ୍ୱର ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ପକ୍ଷରୁ । ଗତ ସାତ ବର୍ଷ ଧରି ଅସ୍ତରଙ୍ଗ ବେଳାଭୂମିରେ ଏହି ମହୋତ୍ସବ ଗଭୀର ଧାର୍ମିକ ଆସ୍ଥା, ପାରମ୍ପରିକତା ଓ ଓଡ଼ିଆ ସଂସ୍କୃତିର ଆଧାରରେ ଆୟୋଜିତ ହୋଇ ଆସୁଛି । ସମିତି ସମ୍ପାଦକ ଚିନ୍ମୟ ପ୍ରକାଶ ଦାସ ଓ ସଭାପତି ଅକ୍ଷୟ କୁମାର ପରିଡ଼ା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଏବର୍ଷ ନଭେମ୍ବର ୫ ତାରିଖ ଓ ୬ ତାରିଖ ଦୁଇ ଦିନ ଯଜ୍ଞ ମହୋତ୍ସବରେ ଅନେକ ଗୁଡ଼ିଏ ସାଂସ୍କୃତିକ , ପାରମ୍ପାରିକ କାର୍ଯ୍ୟକ୍ରମ ସମ୍ପନ୍ନ ହେବାର ବ୍ୟବସ୍ଥା ହୋଇଅଛି । ବୋଇତ ବନ୍ଦାଣ , ଗୋମାତା ପୂଜନ, ପିତାମାତା ପୂଜନ , ନାମ ସଙ୍କୀର୍ତ୍ତନ, ପୁସ୍ତକ ଉନ୍ମୋଚନ , ବାଲୁକା କଳା ପ୍ରଦର୍ଶନ ପାରି ମୁଖ୍ୟ କାର୍ଯ୍ୟକ୍ରମ କରାଯିବ । ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗଙ୍ଗେଶ୍ୱର ବେଳାଭୂମିରେ ଏହି ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ଆସି ସମୁଦ୍ର ସ୍ନାନ କରି ଗଙ୍ଗା ଓ ମହୋଦଧିର ପାବନ ଜଳରେ ବୁଡ଼ି ପକାନ୍ତି । ପାଳିତ ହୋଇଥିବା ବୋଇତ ବନ୍ଦାଣ ଓ ମହୋତ୍ସବର ଆଲୋକ ସଜାଣି ସମଗ୍ର ବେଳାଭୂମିକୁ ପୁରୀ ବାଲିଯାତ୍ରାର ମହିମା ଦେଇଥାଏ । ସମିତି ପକ୍ଷରୁ ଜଣାଯାଇଛି ଯେ, ଗଙ୍ଗେଶ୍ୱର ବେଳାଭୂମି ତଟରେ ବାବା ଗଙ୍ଗେଶ୍ୱରଙ୍କ ମନ୍ଦିର ସ୍ଥାପନ କାମ ଶୀଘ୍ର ଆରମ୍ଭ ହେବ । ଏହା ଅଞ୍ଚଳରେ ଧାର୍ମିକ ଓ ସଂସ୍କୃତିକ ପର୍ଯ୍ୟଟନକୁ ଅଧିକ ଗତି ଦେବ ବୋଲି ଆଶା କରାଯାଉଛି । ଏହି ଯଜ୍ଞ ମହୋତ୍ସବ ଉପରେ ସ୍ଥାନୀୟ ଓ ଜିଲ୍ଲା ସ୍ତରୀୟ ପ୍ରଶାସନ ଅଧିକାରୀ ଦୃଷ୍ଟିଦେଇ ଆଇନ ଶୃଙ୍ଖଳା, ପାନୀୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା , ଟ୍ରାଫିକ ବ୍ୟବସ୍ଥା ଯୋଗାଇ ଦେବାପାଇଁ ଅନୁରୋଧ କରାଯାଇଛି ।

ପ୍ରାଚୀନ କାଳରେ ଅସ୍ତରଙ୍ଗ କଳିଙ୍ଗ ରାଜ୍ୟର ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ଥିଲା । ଏଠାରୁ ଗୋଲାପୀ ସନ୍ଧ୍ୟା ରେ ସୂର୍ଯ୍ୟ ଅସ୍ତ ହେବା ଦୃଶ୍ୟ ଦେଖିବାକୁ ଦେଶ ଓ ବିଦେଶରୁ ଅନେକ ପର୍ଯ୍ୟଟକ ଆସନ୍ତି । ସ୍ଥାନୀୟ ଲୋକମାନେ ମନେ କରନ୍ତି , ଯେଉଁଠାରେ ଗଙ୍ଗା ଓ ସମୁଦ୍ର ମିଶିଛି, ସେଠାରେ ଦିବ୍ୟଶକ୍ତିର ଅବତାର ଅସ୍ତରଙ୍ଗ । ଅସ୍ତରଙ୍ଗ କେବଳ ଏକ ନାମ କି ସମୁଦ୍ର ନୁହେଁ, ଏହା ହେଉଛି ଭକ୍ତି, ପ୍ରକୃତି ଓ ସଂସ୍କୃତି ମାନବତାର ସଂଯୋଗ ସ୍ଥଳ । ଏହି ସମ୍ମିଳନୀ ରେ ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇ, କୈଳାଶ ଚନ୍ଦ୍ର ନାୟକ ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୭୮)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ ।**
**ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥ ୭୮ ॥**

(ଅତଃ ତ୍ୱଂ ପୁତ୍ରାଣାଂ ରାଜ୍ୟାଦିଶଙ୍କାଂ ପରିତ୍ୟଜ ଇତ୍ୟାଶୟେନ ଆହ)–ଯତ୍ର (ପକ୍ଷେ) ଯୋଗେଶ୍ୱରଃ କୃଷ୍ଣଃ (ବର୍ତ୍ତତେ), ଯତ୍ର ଚ ଧନୁର୍ଦ୍ଧରଃ ପାର୍ଥଃ (ବିଦ୍ୟତେ), ତତ୍ର ଶ୍ରୀଃ (ରାଜଲକ୍ଷ୍ମୀଃ) ବିଜୟଃ, ଭୂତିଃ (ଉତ୍ତରୋତ୍ତରାଭିବୃଦ୍ଧିଃ), ଧ୍ରୁବା (ଅଚଞ୍ଚଳ) ନୀତିଶ୍ଚ (ବିଦ୍ୟତେ)– ଇତି ମେ (ମମ) ମତିଃ (ନିଶ୍ଚୟଃ) ॥ ୭୮ ॥

# ନୀତି ଓ ରାଜନୀତି

ପ୍ରଥମେ ନୀତି ଓ ତା' ପରେ ରାଜନୀତି କଥାକୁ ଗୁରୁତ୍ୱ ଦିଆଯାଉ । ଏବେ ତ ନୀତିହୀନ ରାଜନୀତି ହିଁ ଆମ ସମାଜରେ ଆଧିପତ୍ୟ ବିସ୍ତାର କରି ଚାଲିଛି । ଆମେ ସାଧାରଣ ନିର୍ବାଚନରେ ଭୋଟ ଦେଇ ପାରିବା ୧୮ ବର୍ଷ ବୟସରେ । ଜଣେ ସାଧାରଣ ନିର୍ବାଚନରେ ବିଧାୟକ ବା ସାଂସଦ ହୋଇ ପ୍ରତିଦ୍ୱନ୍ଦିତା କରିବାକୁ ହେଲେ ୨୧ ବର୍ଷ ବୟସ ହୋଇଥିବା ଆବଶ୍ୟକ । ମାତ୍ର ୨୧ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ ଦେଇ ଜୟଯୁକ୍ତ କରିବାର ଇଚ୍ଛାଶକ୍ତି କେତେ ଜଣଙ୍କର ଥାଏ ? ଭଲ ଦଳରୁ ଟିକେଟ ନ ପାଇଲେ ଆମ ଲୋକେ ତାଙ୍କୁ ଭୋଟ ଦେବେ ନାହିଁ । ଭୋଟଦାତାଙ୍କ ମାନସିକତା ଭାରତ ସ୍ୱାଧୀନ ହେବାର ୭୮ ବର୍ଷ ପରେ ଏବଂ ସାଧାରଣତନ୍ତ୍ରର ୭୫ ବର୍ଷ ପରେ ମଧ୍ୟ ବଦଳି ପାରି ନାହିଁ । ରାଜନେତା ଓ ଅଭିନେତାଙ୍କ (ସବୁ କ୍ଷେତ୍ରରେ ନୁହେଁ) କଥାକୁ ସହଜରେ ସମସ୍ତେ ଗ୍ରହଣ କରି ଆସୁଥିଲେ ମଧ୍ୟ ବୟସ୍କ ବ୍ୟକ୍ତି, ଅଭିଜ୍ଞ ବୃଦ୍ଧ କିମ୍ବା ଅଭିଭାବକମାନଙ୍କ କଥାକୁ ଭୋଟ ସମୟରେ ହେଉ ବା ଅନ୍ୟ ସମୟରେ କେହି ଗୁରୁତ୍ୱ ଦେଉ ନାହାନ୍ତି ।

ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ, ଲୌହମାନବ ଭାବେ ଭାରତରେ ସର୍ବତ୍ର ପରିଚିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅକ୍ଟୋବର ୩୧ ତାରିଖ ପୂର୍ବରୁ ବା ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ଏକତା ରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି ଏବଂ ଦୁର୍ନୀତି ନିବାରଣ ପାଇଁ ଶପଥ ଗ୍ରହଣ ଉତ୍ସବ ମଧ୍ୟ ହୋଇଛି । ମାତ୍ର ଦୁର୍ନୀତିରେ ଆମେମାନେ ବୁଡି ରହିଛୁଁ । ସମ୍ବାଦପତ୍ରର ପୃଷ୍ଠା ଖୋଲିଲେ ବା ଟିଭି ଓ ୱେବ ଚାନେଲ ଖୋଲିଲେ କିମ୍ବା ସାମାଜିକ ଗଣମାଧ୍ୟମର ବାର୍ତ୍ତା ମୋବାଇଲ ଫୋନରୁ ଖୋଲିଲେ ଦୁର୍ନୀତିଗ୍ରସ୍ତ ଅଫିସର ବା କର୍ମଚାରୀଙ୍କ କଳା କାରନାମା ଧରା ପଡୁଥିବା ଦେଖିବାକୁ ମିଳୁଛି ପ୍ରାୟ ପ୍ରତିଦିନ । କିନ୍ତୁ ଏତେ ଦିନରୁ ଦୁର୍ନୀତିରେ ବୁଡି ରହିଥିବା କର୍ମଚାରୀ ବା ଅଧିକାରୀଙ୍କୁ କେହି କିପରି ଜାଣି ପାରୁ ନାହାନ୍ତି ? ସରକାରୀ ଅଧିକାରୀ ବା କର୍ମଚାରୀମାନେ ଦୁର୍ନୀତିଗ୍ରସ୍ତମାନଙ୍କୁ ଧରାଇ ଦେଉ ନାହାନ୍ତି କିପରି ? ଅନେକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ବା ଅଧିକାରୀଙ୍କଠାରୁ ଆୟ ବର୍ହିଭୂତ ସମ୍ପତ୍ତି ଆଦାୟ କରାଯାଇ ସେ ସବୁକୁ ବାଜ୍ୟାପ୍ତି କରାଯିବାର ନିୟମ ରହିଛି । ହେଲେ ସେ ସବୁ ସମ୍ପତ୍ତିକୁ ବାଜ୍ୟାପ୍ତି କିପରି କରାଗଲା, ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ଆବଶ୍ୟକ । ତା ହେଲେ ସେପରି ଦୁର୍ନୀତିଗ୍ରସ୍ତ ଅପମାନିତ ହେବେ ଏବଂ ଭବିଷ୍ୟତରେ ଦୁର୍ନୀତିର ଆଶ୍ରୟ ନେବାକୁ ସେମାନେ ବା ସେମାନଙ୍କୁ ଆଦର୍ଶ ମନେ କରୁଥିବା ବ୍ୟକ୍ତିମାନେ ଦୁର୍ନୀତିରୁ ଦୂରେଇ ରହିବାକୁ ଚାହିଁବେ । ରାଜନୀତିକ ବ୍ୟକ୍ତିମାନେ ଯେଉଁମାନେ ଦୁର୍ନୀତି କରି ପ୍ରତ୍ୟକ୍ଷ ବା ପରୋକ୍ଷ ନିର୍ବାଚନରେ ଲାଭବାନ ହୁଅନ୍ତି, ସେମାନଙ୍କୁ ଦଳ ତରଫରୁ କାହିଁକି କେଜାଣି ଗୁରୁତ୍ୱ ଦିଆଯାଇଥାଏ ଏବଂ କ୍ୱଚିତ ନୀତିବାନ ବ୍ୟକ୍ତିଙ୍କୁ ଅବଶ୍ୟ ଗୁରୁତ୍ୱ ଦିଆଯାଏ ।

ଉତ୍କଳ ଗୌରବ ମଧୁସୂଦନ ଦାସ ବିହାର-ଓଡ଼ିଶା ବିଧାନସଭାରେ ମନ୍ତ୍ରୀ ହୋଇ କେବଳ ନିଜର ନୁହେଁ, ନିଜ ରାଜ୍ୟର ମର୍ଯ୍ୟାଦା ବୃଦ୍ଧି କରିଥିଲେ । ମାତ୍ର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସେ ମାସିକ ବେତନ ନେବେ ନାହିଁ ବୋଲି ମନା କରି ଦେଇ, ଅନ୍ୟମାନେ ମଧ୍ୟ ସେହି ନୀତିର ଅନୁସରଣ କରିବା ପାଇଁ ଚାହିଁଲେ । ମାତ୍ର କେହି ତାଙ୍କ କଥାକୁ ଗୁରୁତ୍ୱ ଦେଲେ ନାହିଁ କି ମାନିଲେ ବି ନାହିଁ । ତେଣୁ ସେ ଏହି ଘଟଣାରେ ଆଘାତ ପାଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ । ଭାରତରେ ଏପରି ଘଟଣା ପ୍ରଥମ । ମାତ୍ର ଆଜି କାଲି କେହି ସେପରି ଦୃଷ୍ଟାନ୍ତ ଦେଉନାହାନ୍ତି । ମନ୍ତ୍ରୀମାନେ ଦରମା ମାସକୁ ମାସ ନେଉଛନ୍ତି ଓ ଦରକାର ପଡ଼ିଲେ ମଧୁବାବୁଙ୍କ ଜାତିପ୍ରୀତି ବା ଆଦର୍ଶ ବିଷୟରେ ଖୁବ୍ ଭଲ କଥା ମାନ କହୁଛନ୍ତି । ସେହିପରି ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ନିୟମ ଥିଲେ ମଧ୍ୟ ସେ ସରକାରୀ ଗାଡ଼ିରେ ଘରକୁ ନ ଫେରି କୁଆଡେ ରିକ୍ସାରେ ଘରକୁ ଫେରିଥିଲେ । ୧୯୬୭ ମସିହାରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ସରକାରରେ କ୍ୟାବିନେଟ ମନ୍ତ୍ରୀ ହେବା ପରେ ନିତ୍ୟାନନ୍ଦ ମହାପାତ୍ର ତାଙ୍କ ବିଭାଗରେ ଗାଡ଼ି ନଥିବାରୁ ସେ ସାଇକେଲ ଚଢ଼ି ସଚିବାଳୟକୁ (ଏବର ଲୋକସେବା ଭବନକୁ) ଯାଇ ନୂତନ ଉଦାହରଣ ସୃଷ୍ଟି କରିଥିଲେ ।

ଉପ-ପ୍ରଧାନମନ୍ତ୍ରୀ ପଦବୀରେ ଥାଇ ପ୍ରଥମ ବ୍ୟକ୍ତି ଭାବେ ପ୍ରାଣ ହରାଇଥିଲେ ମଧ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବୈଶିଷ୍ଟ୍ୟକୁ ପୂର୍ବରୁ ଗୁରୁତ୍ୱ ଦିଆଯାଉ ନଥିଲା । ଅଥଚ ତାଙ୍କ ଜନ୍ମର ଶହେ ପଚାଶ ବର୍ଷ ପରେ ତାଙ୍କୁ ଓ ତାଙ୍କର ନୀତି ତଥା ଆଦର୍ଶକୁ ଗୁରୁତ୍ୱ ଦିଆଯିବାରୁ ରାଜନୀତିରେ ନୀତିର ଗୁରୁତ୍ୱ ବଢ଼ିବ ବୋଲି ଆଶା କରାଯାଉଛି ।

## ଅନ୍ତର୍ଚେତନା

**ଯିଏ ଅନ୍ତଃଚେତନାରେ ଅନ୍ତଃମୁଖୀ ହୋଇ ନିଜ ଭିତରେ ଈଶ୍ୱରଙ୍କ ଦିବ୍ୟ ସ୍ୱରୂପକୁ ଦେଖେ, ସେତେବେଳେ ତା' ଭିତରେ ସବୁ ଦେବତ୍ୱ ଗୁଣର ପରିପ୍ରକାଶ ଘଟେ ।**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସଭ୍ୟ ସମାଜର ଆଧାର ନାଗରିକ ଶିଷ୍ଟାଚାର

**ବରୁଣ କୁମାର ମହାପାତ୍ର**

ସ୍ୱାଧୀନତାର ୭୯ ବର୍ଷରେ ପଦାର୍ପଣ କରିଥିବା ଭାରତ ଆଜି ବିଶ୍ୱର ଅନ୍ୟତମ ମହାଶକ୍ତି । ବିଜ୍ଞାନ, ବାଣିଜ୍ୟ, ସୂଚନା ପ୍ରଯୁକ୍ତି ଓ ଅର୍ଥନୀତି ଭଳି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ପୂର୍ବକ ପତିଆରା ଜାହିର କରୁଛି ଭାରତ । ହେଲେ ବିକାଶର ଏହି ଯାତ୍ରା ଭିତରେ ଆମର ଏଭଳି କିଛି ନକାରାତ୍ମକତା ରହିଯାଇଛି ଯେଉଁଥି ପାଇଁ ଆମେ ବିଶ୍ୱ ଦରବାରରେ ଲଜ୍ଜିତ ଓ ନିନ୍ଦିତ ହେଉଛୁଁ । ସେଥିମଧ୍ୟରୁ ଗୋଟିଏ ହେଲା ଆମ ଲୋକଙ୍କର ଅତି ଦୟନୀୟ 'ସିଭିକ୍ ସେନ୍‌ସ', ଆକ୍ଷରିକ ଅର୍ଥରେ କହିଲେ ନାଗରିକ ଶିଷ୍ଟାଚାରତା । ଆମଠି ଏହି ଗୁଣଟିର ଘୋର ଅଭାବ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସରଳ ଅର୍ଥରେ ନାଗରିକ ଶିଷ୍ଟାଚାର କହିଲେ ଜଣେ ବ୍ୟକ୍ତିର ଆଚରଣ, ଦାୟିତ୍ୱବୋଧ ତଥା ଅନୁଶାସନକୁ ବୁଝାଏ । ସର୍ବସାଧାରଣ ସ୍ଥାନରେ ସ୍ୱଚ୍ଛତା ସହ ଶୃଙ୍ଖଳା ବଜାୟ ରଖିବା, ନିୟମ ଅନୁପାଳନ, ଅନ୍ୟର ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ ଆଦି ନାଗରିକ ଶିଷ୍ଟତାର ପରିସରଭୁକ୍ତ । କିନ୍ତୁ ଆମ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଲାଗୁଛି ଏ ସବୁ କଥା ଆମର ପକ୍ଷପାତି ହୋଇପାରି ନାହିଁ । ଆବର୍ଜନାମୟ ରାସ୍ତାଘାଟ, ଉଛୁଳୁଥିବା ନାଳନର୍ଦ୍ଦମା, ଅବ୍ୟବସ୍ଥିତ ଟ୍ରାଫିକ, କାନ୍ଥବାଡ଼ରେ ପାନ-ଗୁଟ୍‌ଖା ଛେପର ଆସ୍ତରଣ ଆଦି ଦୃଶ୍ୟରୁ ଏହା ସୁସ୍ପଷ୍ଟ । ଛୋଟ ସହର କଥା ତେଣେ ଥାଉ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ବଡ଼ ବଡ଼ ସହରରେ ରହୁଥିବା ଲୋକଙ୍କ 'ସିଭିକ୍ ସେନ୍‌ସ' ମଧ୍ୟ ଅତି ଦୁର୍ବଳ ।

ବିପର୍ଯ୍ୟସ୍ତ ସ୍ୱଚ୍ଛତା ତଥା ପରିଚ୍ଛନ୍ନତା ଆମ ଦେଶରେ ଏକ ବଡ଼ ସମସ୍ୟା । ଏ କ୍ଷେତ୍ରରେ ଆମ ଦାୟିତ୍ୱହୀନତା ଆମ ଚାରିପଟେ ଅପରିଷ୍କାର ପରିବେଶରୁ ସ୍ପଷ୍ଟ ବାରି ହୋଇପଡ଼େ । ଆମେ ନିଜ ଘରେ ମାଛିଟିଏ ବସିବାକୁ ଦେଉନଥିବା, କିନ୍ତୁ ଦାଣ୍ଡ ମଝିରେ ଅଳିଆ ଫିଙ୍ଗିବାରେ ଆମର କୌଣସି ସଙ୍କୋଚ ନଥାଏ । ବଜାରବାଡ଼ି, ପାର୍କ ଆଦି ସର୍ବସାଧାରଣ ସ୍ଥାନରେ କୁଢ଼ କୁଢ଼ ପ୍ଲାଷ୍ଟିକ ବୋତଲ ଓ ପଲିଥିନ ଗଦା ହୋଇଥିବା ସାଧାରଣ ଦୃଶ୍ୟ। ପୁଣି ଯେଉଁଠି ଇଚ୍ଛା ସେଇଠି ଛେପ ପକାଇବା ଆମ ଲୋକଙ୍କର ଅଭ୍ୟାସ । ମନ୍ଦିର, ମଠ ଭଳି ପବିତ୍ର ସ୍ଥାନ ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକ ମଧ୍ୟ ଆମର ଏହି ବଦାଭ୍ୟାସରୁ ମୁକ୍ତ ହୋଇପାରୁନି । ଖୋଲାରେ ପରିସ୍ରା ଓ ମଳତ୍ୟାଗ କରିବା ତ ଆମ ଲୋକଙ୍କର ସହଜାତ ପ୍ରବୃତ୍ତି । ପରିଚ୍ଛନ୍ନତା ପୌର ସଂସ୍ଥା ତଥା ସରକାରଙ୍କ କାମ କହି ଆମେ ଏହି ଦାୟିତ୍ୱରୁ ହାତ ଝାଡ଼ିଦେଉଁ। ଆମ ଦେଶର ଅଧିକାଂଶ ଲୋକଙ୍କୁ ଏଭଳି ମାନସିକତା ଗ୍ରାସ କରିଥାଏ । ପରିଚ୍ଛନ୍ନତା ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବା ନିମିତ୍ତ ସରକାରୀ ସ୍ତରରେ 'ସ୍ୱଚ୍ଛ ଭାରତ ଅଭିଯାନ' ଭଳି ଉଦ୍ୟମ ସତ୍ତ୍ୱେ ଆମ ଲୋକଙ୍କ ମାନସିକତାରେ ସେଭଳି କୌଣସି ପରିବର୍ତ୍ତନ ଘଟିଥିବା ପରି ମନେ ହେଉନାହିଁ ।

ଆମ ଅନୁଶାସନହୀନତା କେବଳ ଏତିକିରେ ସୀମିତ ନୁହେଁ । ଡ଼ାକ୍ତରଖାନା, ରେଳ ଷ୍ଟେସନ, ବିମାନ ବନ୍ଦର ଏବଂ ପାର୍କ ଭଳି ସର୍ବସାଧାରଣ ସ୍ଥାନରେ ଶୃଙ୍ଖଳା ବଜାୟ ରଖିବା ବୋଧେ ଆମ ସ୍ୱଭାବରେ ନାହିଁ । ଏଭଳି ସ୍ଥାନଗୁଡ଼ିକରେ କିଛି ଲୋକ ବଡ଼ପାଟିରେ କଥା ହେଉଥିବା ଆପଣ ନିଶ୍ଚୟ ଦେଖିଥିବେ । ଆଉ କିଛି ଲୋକ ଅତି ଉଚ୍ଚ ଶବ୍ଦରେ ମୋବାଇଲରେ ଗୀତ ଶୁଣୁଥିବାର ଦୃଶ୍ୟ ବି ସାଧାରଣ । ଆଖପାଖରେ ଥିବା ଲୋକଙ୍କ ପାଇଁ ଏହା ବିରକ୍ତିକର ପରିସ୍ଥିତି ସୃଷ୍ଟି କରୁଥିଲେ ମଧ୍ୟ ଏଥିପ୍ରତି ଆମର କୌଣସି ଖାତିର୍ ନଥାଏ । ବିଡ଼ମ୍ବନାର ବିଷୟ ଯେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏପରି ଆଚରଣ କରିଥାଆନ୍ତି । ଏନେଇ ଯଦି ଆଖପାଖ ଲୋକ ଆପତ୍ତି ପ୍ରକାଶ କରନ୍ତି, ତେବେ ସେମାନଙ୍କୁ ଓଲଟି ସେହି ବ୍ୟକ୍ତିମାନଙ୍କ ଠାରୁ ଦୁର୍ବ୍ୟବହାର ଏବଂ ଗାଳିଗୁଲଜର ଶିକାର ହେବାକୁ ପଡ଼ିଥାଏ ।

**ଆଉ କିଛି ଲୋକ ଅତି ଉଚ୍ଚ ଶବ୍ଦରେ ମୋବାଇଲରେ ଗୀତ ଶୁଣୁଥିବାର ଦୃଶ୍ୟ ବି ସାଧାରଣ । ଆଖପାଖରେ ଥିବା ଲୋକଙ୍କ ପାଇଁ ଏହା ବିରକ୍ତିକର ପରିସ୍ଥିତି ସୃଷ୍ଟି କରୁଥିଲେ ମଧ୍ୟ ଏଥିପ୍ରତି ଆମର କୌଣସି ଖାତିର୍ ନଥାଏ। ବିଡ଼ମ୍ବନାର ବିଷୟ ଯେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏପରି ଆଚରଣ କରିଥାଆନ୍ତି। ଏନେଇ ଯଦି ଆଖପାଖ ଲୋକ ଆପତ୍ତି ପ୍ରକାଶ କରନ୍ତି, ତେବେ ସେମାନଙ୍କୁ ଓଲଟି ସେହି ବ୍ୟକ୍ତିମାନଙ୍କ ଠାରୁ ଦୁର୍ବ୍ୟବହାର ଏବଂ ଗାଳିଗୁଲଜର ଶିକାର ହେବାକୁ ପଡ଼ିଥାଏ।**

ସାମାନ୍ୟ କଥାରେ ଗଣ୍ଡଗୋଳ ଓ ମାରପିଟ୍ ଆମର ଏଠି ନିତିଦିନିଆ ଘଟଣା । ଏଇ ନିକଟରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏକ ଭିଡ଼ିଓକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉକ୍ତ ଭିଡ଼ିଓଟିରେ ବସିବା ପାଇଁ ଜାଗାକୁ ନେଇ ଏକ ଟ୍ରେନ ବଗିରେ ପାଟିତୁଣ୍ଡ ହେଉଥିବା ଦେଖିବାକୁ ମିଳୁଛି । ଏପରିକି ଉତ୍ୟକ୍ତ ହୋଇ ଜଣେ ପୁରୁଷ ଯାତ୍ରୀ ଜଣେ ଗର୍ଭବତୀ ମହିଳାଙ୍କୁ ଗୋଇଠା ମାରୁଛନ୍ତି । ଗର୍ଭବତୀ ମହିଳା ଜଣକ ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ସର୍ବସାଧାରଣରେ ଏଭଳି ଅସଭ୍ୟ ଓ ଲଜ୍ଜାଜନକ ଆଚରଣ ଯୋଗୁଁ ଆମ ମୁଣ୍ଡ ତଳକୁ ହେଇଯାଉଛି । ମଳିନ ହେଉଛ ଆମ ଦେଶର ଛବି । ସେହିପରି ନିକଟରେ ମଧ୍ୟ ପ୍ରଦେଶର ଇନ୍ଦୋର ସହରରେ ମହିଳା ବିଶ୍ୱକପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆସିଥିବା ଅଷ୍ଟ୍ରେଲୀୟ ମହିଳା କ୍ରିକେଟ୍ ଦଳର କିଛି ଖେଳାଳିଙ୍କ ସହ ଅସଦାଚାରଣ ଆମ ଦେଶ ପାଇଁ ଦୁର୍ନାମ ଆଣିଥିଲା । ଅବ୍ୟବସ୍ଥିତ ଟ୍ରାଫିକରେ ବି ଆମ ଦୁର୍ବଳ ନାଗରିକ ଶିଷ୍ଟତାର ପ୍ରତିଫଳନ ଦେଖିବାକୁ ମିଳେ । ଟ୍ରାଫିକ ନିୟମର ଅବମାନନା ଆମର ଦେହସୁହା ହୋଇଯାଇଛି କହିଲେ ଭୁଲ୍ ହେବନି । **କେବେ ଆମେ ସିଗ୍ନାଲ ଡେଇଁ ଆଗକୁ ମାଡ଼ିଯାଉ ତ ପୁଣି କେବେ ଅନବରତ ହର୍ଣ୍ଣ ବଜାଇ ଶବ୍ଦ ପ୍ରଦୂଷଣ ବୃଦ୍ଧି କରୁ । ଭୁଲ ଦିଗରେ ଯିବା ସହ ନିଷେଧାଞ୍ଚଳରେ ଗାଡ଼ି ରଖିଥାଉଁ । ତା'ଛଡ଼ା ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା ଆମର ଅଭ୍ୟାସରେ ପରିଣତ ହୋଇଗଲାଣି ।** ଏପରି ବେଫିକର ମନୋଭାବ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିବା ସହ ଟ୍ରାଫିକ ଜାମ୍ ଭଳି ସମସ୍ୟାର କାରଣ ସାଜିଥାଏ । ଗଣମାଧ୍ୟମରେ ଏବେ ପ୍ରତିଦିନ ପ୍ରାୟ 'ହିଟ୍ ଆଣ୍ଡ୍ ରନ୍' ଘଟଣା ସମ୍ପର୍କିତ ଖବର ଦୃଷ୍ଟିଗୋଚର ହେଉଛି । ଗାଡ଼ି ଚଳାଇବା ବୟସ ହୋଇନଥିଲେ ବି ଆମ ସମ୍ଭ୍ରାନ୍ତ ଘରର ପିଲାମାନେ ଦାମୀ କାର୍‌କୁ ନେଇ କିପରି ରାଜରାସ୍ତାରେ ଆତଙ୍କ ସୃଷ୍ଟି କରୁଛନ୍ତି ତାହା ଆମେ ଦେଖୁଛେଁ । ଆମର ଏଠି 'ରୋଡ୍ ରେଜ୍' ଘଟଣା ବି ନିତିଦିନିଆ । ଗାଡ଼ିକୁ ଗାଡ଼ି ସାମାନ୍ୟ ଘସି ହୋଇଗଲେ, ବିଚ୍ ରାସ୍ତାରେ ହିଁ ପାଟିତୁଣ୍ଡ ଏବଂ ମାରପିଟ୍ ହୁଏ । ଏଭଳି ସାମାନ୍ୟ ଘଟଣାକୁ ନେଇ ହତ୍ୟାକାଣ୍ଡ ବି ଘଟିବାର ଅନେକ ନଜିର ରହିଛି ।ନାଗରିକଙ୍କ ପ୍ରତ୍ୟକ୍ଷ ଭାଗିଦାରୀ ବିନା ଏକ ଦେଶର ବିକାଶ ଅସମ୍ଭବ । କେବଳ ଉନ୍ନତ ଭିତ୍ତିଭୂମି ଓ ସୁଦୃଢ଼ ଅର୍ଥନୀତି ବିକାଶର ମାପଦଣ୍ଡ ନୁହେଁ । ନାଗରିକ ଶିଷ୍ଟାଚାର ତଥା ଦାୟିତ୍ୱବୋଧ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ନାଗରିକ ଶିଷ୍ଟତା ଏକ ସଭ୍ୟ ଓ ଶୃଙ୍ଖଳିତ ସମାଜର ଆଧାର । ବିଶ୍ୱର ନେତୃତ୍ୱ ନେବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ଦୁର୍ବଳ ନାଗରିକ ଶିଷ୍ଟାଚାର ଏକ ପ୍ରତିବନ୍ଧକ ଭାବେ ଉଭା ହୋଇଛି । ଏହି ସମସ୍ୟାର ସାମାଧାନ ନିତାନ୍ତ ଜରୁରୀ । ଏଥିପାଇଁ ନାଗରିକ ଭାବେ ଆମକୁ ମଧ୍ୟ ସର୍ବସାଧାରଣରେ ନିଜ ଆଚରଣ ଏବଂ ଦାୟିତ୍ୱବୋଧ ପ୍ରତି ଅଧିକ ଗମ୍ଭୀର ଓ ଯତ୍ନବାନ ହେବାକୁ ପଡ଼ିବ ।

**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର**
**ମୋ – ୭୬୫୩୮୮୧୦୯୧**

# କୀଟ କାମୁଡ଼ା ରୋଗ : ସ୍କ୍ରବ ଟାଇଫସ



**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ଯାଇ ସାରିଲାଣି ବାତ୍ୟା 'ମୋନ୍ଥା'। ଏମିତିରେ କହିବାକୁଗଲେ ଅକ୍ଟୋବର ମାସ ଓଡ଼ିଶାବାସୀଙ୍କ ପାଇଁ ବାତ୍ୟା ବିପଦର ସ୍ମୃତି ଚିହ୍ନ ହୋଇ ରହିଛି । ଗତ ଅକ୍ଟୋବର ବି ସେଭଳି କିଛି ତିକ୍ତ ଅନୁଭୂତି ଦେବାକୁ ଯାଉଛି । କାରଣ ଆସନ୍ନ ବାତ୍ୟା ଯାହାକି ଥାଇଲାଣ୍ଡ ପ୍ରସ୍ତାବିତ ନାମ 'ମୋନ୍ଥା' ରହିଥିଲା ଏହାର ଅର୍ଥ ହେଉଛି 'ସୁଗନ୍ଧିତ ଫୁଲ'। ତେବେ ଏହି ଆସନ୍ନ ସମସ୍ୟା ଭିତରେ ରାଜ୍ୟରେ ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାରେ ସ୍କ୍ରବ ଟାଇଫସ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ଚଳିତ ବର୍ଷ ଦଶମାସ ମଧ୍ୟରେ ୧୫୬୪ଜଣ ସଂକ୍ରମିତ ରୋଗୀ ଚିହ୍ନଟ ହେଲେଣି । ବିଗତ ମୌସୁମୀ ଲଗାଣ ବର୍ଷା ଭିତରେ ମ୍ୟାଲେରିଆ ଓ ଡ଼େଙ୍ଗୁ ପରେ ରାଜ୍ୟରେ ସ୍କ୍ରବ ଟାଇଫସରେ ରାଜ୍ୟରେ ଚିନ୍ତା ବଢ଼ାଇବା ଆରମ୍ଭ କରିଦେଇଛି । ଠିକ୍ ଗତ ବର୍ଷ ଏହିପରି ମୌସୁମୀ ଋତୁରେ ହିଁ ଏହି ନୂଆ ରୋଗଟି ରାଜ୍ୟବାସୀଙ୍କୁ ଡରାଇଥିଲା ।

ଏଯାବତ ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲା ବ୍ୟତୀତ ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ପରି ଜିଲ୍ଲାରେ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି । ରାଉଲକେଲା ସହରାଞ୍ଚଳରେ ସର୍ବାଧିକ ୨୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଜିଲ୍ଲାରେ ୫୭ ଜଣ ରୋଗୀ ଅଛନ୍ତି । ଗତ ବର୍ଷ ଏକ କେନ୍ଦ୍ରୀୟ ପରିଦର୍ଶନକାରୀ ଦଳ ଓଡ଼ିଶାର ତିନୋଟି ଜିଲ୍ଲାକୁ ଗସ୍ତ କରି ଏକ ପ୍ରାଥମିକ ରିପୋର୍ଟ ଦେଇଥିଲେ ସେଥିରେ ସେମାନେ ଏହି ସଂକ୍ରମଣର ବଡ଼ କାରଣ ଉଲ୍ଲେଖ କରିଥିଲେ ଯେ **ବାହାରେ ଖୋଲାମେଲାରେ ମଳମୂତ୍ର ତ୍ୟାଗ କରିବା, ଖାଲି ପାଦରେ ଯିବା ଆସିବା, ଘାସରେ ବସିବା ଓ ଶୋଇବା ହେଉଛି ମୂଳ କାରଣ ।**

ସେହିପରି ମୌସୁମୀ ଋତୁ ଆସିବା ପୂର୍ବରୁ ଲୋକମାନଙ୍କ ଭିତରେ ବିଶେଷ ଭାବେ ଜନସଚେତନତା ବଢ଼ାଇବା ସହ ଅନେକ ଆକ୍ରାନ୍ତଙ୍କ ବିଳମ୍ବରେ ପରୀକ୍ଷା ଓ ଚିକିତ୍ସା ମଧ୍ୟ ଏହି ରୋଗର ସଙ୍ଗୀନ ସ୍ଥିତି ପାଇଁ ବଡ଼ କାରଣ ଭାବେ ଉଲ୍ଲେଖ କରି ଗୁରୁତରମାନଙ୍କୁ ଆଇସିୟୁ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ ଓଡ଼ିଶାବାସୀ ସ୍କ୍ରବ ଟାଇଫସରେ ସମ୍ବନ୍ଧରେ ଏକ ପ୍ରକାର ଅଜଣା ରହିଥିଲେ । ଲୋକମାନଙ୍କ ଭିତରେ ସେତେଟା ନା ଜଣାଶୁଣା ଥିଲା ନା ସଚେତନତା ଥିଲା । ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ । ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ । ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ । ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି । ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ । ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ସଂକ୍ରମଣର ମାତ୍ରା ଦେଖାଦେଉଛି ।

**ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ । ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି ।** ଏଠାରେ ଉଲ୍ଲେଖ କରାଯାଇପାରେ ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ଼ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା ।

ଗତ ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା । ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ୨୦୧୧–୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି । ଦେଶରେ ସ୍କ୍ରବ ଟାଇଫସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟରେ ଓ ତାମିଲନାଡୁ ରହିଛି । ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନଙ୍କରେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି । ରାଜ୍ୟରେ ଏଯାବତ୍ ମାତ୍ର ତିନି ଜଣଙ୍କର ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥିବା ନେଇ ଚିହ୍ନଟ କରାଯାଇଛି । ଗତ ବର୍ଷ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥିବା କିଛି ବ୍ୟକ୍ତିଙ୍କ ପୁନର୍ବାର ନମୂନା ପରୀକ୍ଷା କରାଯିବା ପରେ ତାହା ନେଗେଟିଭ ରହିଥିଲା । ତେଣୁ ଯେଉଁ ବ୍ୟକ୍ତି ସ୍କ୍ରବ ଟାଇଫସରେ ଆକ୍ରାନ୍ତ ଜଣାପଡ଼ିବେ ତାଙ୍କର ପୁନର୍ବାର ନମୁନା ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି ।

**ରାଉଲକେଲା ସହରାଞ୍ଚଳରେ ସର୍ବାଧିକ ୨୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଜିଲ୍ଲାରେ ୫୭ ଜଣ ରୋଗୀ ଅଛନ୍ତି।**

ତେବେ ସ୍କ୍ରବ ଟାଇଫସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍ ।

ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ୍ୟ ରୋଗ ବିଳମ୍ବିତ ଭାବେ ଚିହ୍ନଟର ଅନ୍ୟତମ କାରଣ । ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ରଖନ୍ତି । ଓଡ଼ିଶାରେ ସ୍କ୍ରବ ଟାଇଫସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି । ବାସ୍ତବ କଥା ହେଉଛି ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏବଂ ଲୋକମାନେ ପ୍ରାୟତଃ କୃଷି କ୍ଷେତ୍ର ସହିତ ଖୋଲାମେଲା ସ୍ଥାନ ଓ ବୃକ୍ଷଲତା ଆଦି ରହିଥିବା କ୍ଷେତ୍ର ସହ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କୁ ସଂକ୍ରମଣର ବଡ଼ ସମ୍ଭାବନା ରହିଥାଏ ।

ବିଶେଷକରି ବର୍ଷା ଦିନରେ ଅନେକ କୃଷି କାର୍ଯ୍ୟ ଜରୁରୀ ଭାବେ ରହିଥିବାରୁ କୌଣସି ପରିସ୍ଥିତିରେ କେବଳ କୀଟ କାମୁଡା ନୁହେଁ କୌଣସି ଗଛଲତାର ଆଘାତରେ ଆପଣଙ୍କର କୌଣସି ସ୍ଥାନ କ୍ଷତାକ୍ତ ହୋଇ ରକ୍ତ ବାହାରିଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ, ତୁରନ୍ତ କ୍ଷତ ସ୍ଥାନର ଉପଶମ କରନ୍ତୁ । ବିଶେଷକରି କୃଷି କ୍ଷେତ୍ର ବା କୌଣସି ବଗିଚା ବାଡ଼ିରେ ଆପଣ ନିୟୋଜିତ ଥିଲେ ସେଠାରୁ ଫେରିବା ପରେ ବିଶୋଧିତ ଉଷୁମ ପାଣିରେ ସ୍ନାନ କରିବା ଭଲ । ସଂପ୍ରତି ଲଗାଣ ମୌସୁମୀ ବର୍ଷା ଦିନ ଥିବାରୁ ସର୍ବନିମ୍ନ ସଚେତନତା ବଢ଼ାଇବା ଉଚିତ । ବାହାରେ କାର୍ଯ୍ୟ କରୁଥିବା ସମୟରେ କୌଣସି ବଡ଼ ହେଉ ବା ଛୋଟ କୀଟପତଙ୍ଗର ଆଘାତ ପାଇବା ମାତ୍ରେ ସେ ସ୍ଥାନଟିକୁ ଭଲ ଭାବେ ପରିଷ୍କାର କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଦେହରେ ଉତ୍ତାପ ରହୁଥିଲେ ବା ଲଗାତର ଜ୍ୱର ରହୁଥିଲେ କୌଣସି ପରିସ୍ଥିତିରେ କୌଣସି ପୋକ ବା କୀଟ କାମୁଡୁଥିଲେ ତୁରନ୍ତ ଏହାର ଡାକ୍ତରୀ ପରାମର୍ଶ ଗ୍ରହଣ କରନ୍ତୁ ।

ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ବ୍ୟବସ୍ଥା ଆଦୌ ଗ୍ରହଣ କରନ୍ତୁ ନାହିଁ । ସର୍ବପ୍ରଥମେ ଆପଣଙ୍କ ଘରର ପରିବେଶ ଓ ଆପଣଙ୍କ ଘର ସଂଲଗ୍ନ ବାଡ଼ି ବା ବଗିଚାକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ସନ୍ଧ୍ୟା ସମୟରେ ଘରେ ଧୂଆଁ ଦେବାର ଅଭ୍ୟାସ ଭଲ । ଆପଣ ଶୋଉଥିବା କୋଠରୀ ଭିତରକୁ ଯେପରି ଉତ୍ତମ ସୂର୍ଯ୍ୟ କିରଣ ପଡ଼େ ଓ ପର୍ଯ୍ୟାପ୍ତ ଖୋଲା ପବନ ଆଡ଼ଯାତ ହୁଏ ସେ ଦିଗଟିକୁ ଦେଖନ୍ତୁ । ପରିବାରର କୌଣସି ଜଣେ କିମ୍ବା କୌଣସି ସ୍କ୍ରବ ଟାଇଫସ ସଂକ୍ରମିତର ସଂସ୍ପର୍ଶରେ ଆସିବା ମାତ୍ରେ ନିଜେ ସତର୍କ ରୁହନ୍ତୁ ଓ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସରକାରଙ୍କ କୌଣସି ତଥ୍ୟ ସଂଗ୍ରହକାରୀ ବା ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ ଆପଣଙ୍କ ଅଞ୍ଚଳକୁ ଯାଉଥିଲେ ସେମାନଙ୍କୁ ସମସ୍ତ ତଥ୍ୟ ପ୍ରକାଶ କରନ୍ତୁ । କୌଣସି ତଥ୍ୟ ଗୋପନୀୟ ରଖନ୍ତୁ ନାହିଁ। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ବାହାରେ ତିନ୍ତିବା ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ।

ସମସ୍ତ ଖାଦ୍ୟ ପଦାର୍ଥ ଗରମ ରହିବା ଭଲ । ଉଷୁମ ପାଣି ମଧ୍ୟ ସର୍ବୋତ୍ତମ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଆପଣ ଚେଷ୍ଟିତ ହୁଅନ୍ତୁ । ସବୁଜ ପନିପରିବା, ସୁଷମ ଓ ନିରାମିଷ ଖାଦ୍ୟ ସବୁଠାରୁ ଭଲ । ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଓ ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । ସ୍କ୍ରବ ଟାଇଫସକୁ ନେଇ ସେପରି ଆତଙ୍କିତ ବା ଭୟଭୀତ ହେବାର କୌଣସି କାରଣ ନାହିଁ । ସରକାରୀ ସ୍ୱାସ୍ଥ୍ୟ ଟିମର ସହାୟତା ନିଅନ୍ତୁ ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ସହଯୋଗ ଆପଣଙ୍କ ପାଇଁ ଖୁବ୍ ଭଲ ।

**କନସ୍‌ଲାଟଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ–୯୪୩୭୦୨୩୪୪୩**

## ମିଳିଥିବା ପତ୍ର

# ଶିକ୍ଷା ବ୍ୟବସ୍ଥାରେ ଅସାଧୁତା ଦୂର ହେଉ

ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଅସାଧୁତା ଯେ ବହୁ ପରିମାଣରେ ବ୍ୟାପି ଯାଇଛି ଏଥିରେ ସନ୍ଦେହ ନାହିଁ । ଗବେଷଣା ଯେ ସବୁଠି ଧରାଧରିରେ ଚାଲିଛି ତାହା ନୁହେଁ, ବହୁ ଅନୁଷ୍ଠାନରେ ବହୁ ଉପର ସ୍ତରର ଗବେଷଣା ମଧ୍ୟ ହେଉଛ । ତେବେ ୟୁଜିସି ନିୟମ କାନୁନରେ ଆମ କଲେଜମାନଙ୍କରେ ଯେଉଁ ଗବେଷଣା ଚାଲିଛି ତାହା ବିଲକୁଲ ଫମ୍ପା କହିବାରେ ଦ୍ୱିଧା ନାହିଁ । ଡକ୍ଟର ଡିଗ୍ରୀଧାରୀ ୮୦ ଭାଗ ଅଧ୍ୟାପକଙ୍କ ବିଷୟ ନେଇ ଜ୍ଞାନ ଅତି ନିଚ୍ଚ କୋଟିର । କେବଳ ୟୁଜିସି ଦରମା ପାଇଁ ଏସବୁ ଡିଗ୍ରୀ ହାତଉଛନ୍ତି ପିଲେ ।

ଦୁଇଟି କଥା ମନକୁ ଆସୁଛି । ପ୍ରଥମଟି ହେଲା ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟକୁ ବାଧ୍ୟତାମୂଳକ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ସାହିତ୍ୟ ଆଉ ଭାଷା ଇତିହାସ ପିଲାଙ୍କୁ ଶିଖେଇବା ପାଇଁ ସଂସ୍କାର ଅଣାଯାଉ । ଏବେ ଆମ ପିଲାମାନେ ଓଡ଼ିଆ ଭାଷା କହିବା, ଲେଖିବା ଏବଂ ପଢିବା ଭୁଲିଗଲେଣି । ଏ ବିଷୟରେ ସରକାରଙ୍କୁ ଯଦି ଆପଣ ସମ୍ପାଦକୀୟରେ ଚେତେଇ ଦେଇ ପାରିବେ, ତାହା ଆପଣଙ୍କର ଆମ ଭାଷା ପ୍ରତି ବହୁତ ବଡ଼ ଅବଦାନ ହେବ । ଦ୍ୱିତୀୟରେ ଏ ୟୁଜିସି ଦରମାରେ ବ୍ୟାପକ ପରିବର୍ତ୍ତନ ହେବା ସହ ଗବେଷଣାର ଯେଉଁ ମଡ୍ୟୁଲ ରହିଛି ତାହାର ବ୍ୟାପକ ପରିବର୍ତ୍ତନର ଆବଶ୍ୟକତାକୁ ବି ଆପଣ ସରକାରଙ୍କୁ ବୁଝାଇବାକୁ ହେବ ।

କେତେଦିନ ଆଉ ଆମେ ଓଡ଼ିଆମାନେ ଆତ୍ମପ୍ରବଞ୍ଚନା ଆଉ ଆତ୍ମପ୍ରତାରଣା ଭିତରେ ରହି ଆମ ପିଲାଙ୍କୁ ଅମଣିଷ କରିବା ସହ ଆମ ଭାଷାକୁ ବିଲୁପ୍ତ କରି ଚାଲିଥିବା ?

ବରଂ ଗୋଟେ ଜୋରଦାର ଆନ୍ଦୋଳନର ମୂଳଦୁଆ ପକାଇବାର ଆବଶ୍ୟକତା ଅଛି ।

**ମାନସ ଦାସ,କଟକ**

# ମହାକାଶକୁ ଗଲା 'ବାହୁବଳୀ'

ଶ୍ରୀହରିକୋଟା,୨।୧୧: ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ର ଯୋଗାଯୋଗ ଉପଗ୍ରହ ସିଏମଏସ-୦୩ ରବିବାର ଉତକ୍ଷେପଣ କରାଯାଇଛି । ମହାକାଶ ସଂସ୍ଥା କହିଛି ଯେ ପ୍ରାୟ ୪,୪୧୦ କିଲୋଗ୍ରାମ ଓଜନର ଏହି ଉପଗ୍ରହଟି ଭାରତୀୟ ମାଟିରୁ ଜିଓସିଙ୍କ୍ରୋନାସ୍ ଟ୍ରାନ୍ସଫର ଅରବିଟ୍ ଜିଟିଓରେ ଉତକ୍ଷେପଣ କରାଯାଇଥିବା ସବୁଠାରୁ ଭାରୀ ଉପଗ୍ରହ । ଏହି ଉପଗ୍ରହକୁ ଏଲଭିଏମ୩-ଏମ୫ ରକେଟ୍ ସାହାଯ୍ୟରେ ଉତକ୍ଷେପଣ କରାଯାଇଥିଲା, ଯାହାକୁ ଏହାର ଭାରୀ ଉଠାଣ କ୍ଷମତା ପାଇଁ ବାହୁବଳୀ ନାମ ଦିଆଯାଇଛି । ଇସ୍ରୋର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଇସ୍ରୋର ସିଏମଏସ-୦୩ ଯୋଗାଯୋଗ ଉପଗ୍ରହ ବହନ କରୁଥିବା ଏଲଭିଏମ୩-ଏମ୫ ଶ୍ରୀହରିକୋଟାରୁ ଉତକ୍ଷେପଣ କରାଯାଇଛି ।ଏହା ଭାରତୀୟ ନୌସେନାର ଏପର୍ଯ୍ୟନ୍ତର ସବୁଠାରୁ ଉନ୍ନତ ଯୋଗାଯୋଗ ଉପଗ୍ରହ ହେବ । ଏହି ଉପଗ୍ରହ ନୌସେନାର ମହାକାଶ-ଆଧାରିତ ଯୋଗାଯୋଗ କ୍ଷମତାକୁ ସୁଦୃଢ଼ କରିବଛ ଏହି ଉପଗ୍ରହ ହେଉଛି ଭାରତର ଏପର୍ଯ୍ୟନ୍ତର ସବୁଠାରୁ ଭାରୀ ଯୋଗାଯୋଗ ଉପଗ୍ରହ, ଯାହାର ଓଜନ ପ୍ରାୟ ୪,୪୦୦ କିଲୋଗ୍ରାମ । ଏଥିରେ ଭାରତୀୟ ନୌସେନାର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ କରିବା ପାଇଁ ବିଶେଷ ଭାବରେ ବିକଶିତ ଅନେକ ସ୍ୱଦେଶୀ ଅତ୍ୟାଧୁନିକ ଉପାଦାନ ସାମିଲ କରାଯାଇଛି । ବେଙ୍ଗାଲୁରୁସ୍ଥିତ ମହାକାଶ ସଂସ୍ଥା ଇସ୍ରୋ କହିଛି ଯେ ଏହି ମିଶନର ଉଦ୍ଦେଶ୍ୟ ହେଉଛି ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ ସିଏମଏସ-୦୩ କୁ ଭାରତୀୟ ଭୂମି ସମେତ ଏକ ବିସ୍ତୃତ ସମୁଦ୍ର ଅଞ୍ଚଳରେ ପହଞ୍ଚାଇବା ।

# ଟିପିସିଓଡିଏଲର ଭୁବନେଶ୍ୱର ଓ କଟକ ମିଟର ଟେଷ୍ଟିଂ ଲ୍ୟାବକୁ ପୁଣି ଏନ୍ଏବିଏଲ୍ ମାନ୍ୟତା

ଭୁବନେଶ୍ୱର, (ସବୁ୍ୟ): ଭୁବନେଶ୍ୱର ଏବଂ କଟକରେ ଥିବା ଟିପିସିଓଡିଏଲର ମିଟର ଟେଷ୍ଟିଂ ଲାବୋରେଟୋରୀଗୁଡ଼ିକ ନ୍ୟାସନାଲ ଏକ୍ରେଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନ୍ଏବିଏଲ୍) ତରଫରୁ ପୁନଃମାନ୍ୟତା ମିଳିଛି । ଏହି ସଫଳତା ଟିପିସିଓଡିଏଲ୍ ର ଗୁଣବତ୍ତା, ବୈଷୟିକ ଉତ୍କର୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟିର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପ୍ରତି ଥିବା ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି । ଭୁବନେଶ୍ୱର ମିଟର ଟେଷ୍ଟିଂ ଲ୍ୟାବ୍ ଏନ୍ଏବିଏଲ୍ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଏବଂୟୁଜିଭିସିଏଲ (ଉତ୍ତର ଗୁଜରାଟ ଭିଜ୍ କମ୍ପାନୀ ଲିମିଟେଡ୍) ର ବୈଷୟିକ ମୂଲ୍ୟାଙ୍କକଙ୍କ ଦ୍ୱାରା ଦୁଇ ଦିନିଆ ଅଡିଟ୍ କରାଯାଇଥିଲା ।ସେହିପରି, କଟକ ଲାବୋରେଟୋରୀର ମୂଲ୍ୟାଙ୍କନ ମଧ୍ୟ ଏନ୍ଏବିଏଲ୍‌ର ବରିଷ୍ଠ ଅଡିଟରଙ୍କ ଦ୍ୱାରା କରାଯାଇଥିଲା । ଉଭୟ ମୂଲ୍ୟାଙ୍କନରେ ଲାବୋରେଟୋରୀର ଗୁଣବତ୍ତା ପ୍ରଣାଳୀ, ଡକ୍ୟୁମେଣ୍ଟେସନ୍, ବୈଷୟିକ ଦକ୍ଷତା ଏବଂ ଏନର୍ଜି ମିଟରର ପରୀକ୍ଷଣ କ୍ଷମତାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା ।

ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ, ଏହି ମାଇଲଖୁଣ୍ଟ ଆମ ଟିମର ଉତ୍ସର୍ଗତା ଏବଂ ବୃତ୍ତିଗତ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି ।ସେମାନଙ୍କ ପ୍ରୟାସରେ ଆମର ଲାବୋରେଟୋରୀଗୁଡ଼ିକ ବିଶ୍ୱସ୍ତରୀୟ ମାନଦଣ୍ଡ ବଜାୟ ରଖିପାରିଛନ୍ତି । ଆମେ ଆମର ସମସ୍ତ କାର୍ଯ୍ୟରେ ଉତ୍କର୍ଷତା, ସଠିକତା ଏବଂ ନିର୍ଭରଯୋଗ୍ୟତା ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ ଯାହା ଆମର ଗ୍ରାହକଙ୍କ ବିଶ୍ୱାସ ଏବଂ ଭରସାକୁ ଅଧିକ ମଜବୁତ କରିବ । ଉଭୟ ପରୀକ୍ଷାଗାର ପାଇଁ ଏନଏବିଏଲ୍ ମାନ୍ୟତାର ନବୀକରଣ ଟିପିସିଓଡିଏଲ୍ର ବୈଷୟିକ ଉତ୍କର୍ଷତା ଓ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀରେ ନିରନ୍ତର ଉନ୍ନତିକୁ ଦର୍ଶାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁବ ଭୋଟରଙ୍କ...

ସହିତ ଜଡ଼ିତ ରହି ସାମାଜିକ କାର୍ଯ୍ୟକ୍ରମରେ ସେ ସାମିଲ ଥାନ୍ତି । ଯୁବକ, ଓ ବିଭିନ୍ନ ଜାତି ବର୍ଗ ଦ୍ୱାରା ସେ ବେଶ ଗ୍ରହଣୀୟ ଥିବା ଦାବି କରନ୍ତି ।

ନିଜ ନିଜ ଦଳର ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ବିଧାନସଭା ଅଧିନ ନୂଆପଡ଼ା ବ୍ଲକ, ଏନଏସି, ଖରିଆର ରୋଡ଼ ଏନଏସି ଓ କୋମନା ବ୍ଲକରେ ରାଜନୈତିକ ନେତା ଓ କର୍ମିଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ ହେଟେଲ, ଲଜ୍, ମଣ୍ଡପ ଗୁଡ଼ିକ ନେତା ଓ କର୍ମିଙ୍କ ଦ୍ୱାରା ଭର୍ତ୍ତି ରହିଥିବା ବେଳେ କିଛି ନେତା ପଡ଼ୋଷୀ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରାତ୍ରୀଯାପନ କରୁଛନ୍ତି । କଂଗ୍ରେସ ଓ ବିଜେପି ଦଳର କର୍ମକର୍ତ୍ତା, ବିଧାୟକ, ସାଂସଦ , ମନ୍ତ୍ରୀ ମାନେ ଛତିଶଗଡ଼ ରାଜ୍ୟରୁ ଆସି ଅଧିକ ପ୍ରଚାର ପାଇଁ ଭିଡ଼ ଲଗାଇଥିବା ବେଳେ ବିଜେପି ଦଳର ବହୁ ଉପକୂଳିଆ ନେତା, କର୍ମି ବିଭିନ୍ନ ପଞ୍ଚାୟତ ମାନଙ୍କରେ ପ୍ରଚାରକୁ ଅଧିକ ସରଗରମ କରୁଛନ୍ତି । ଏପରିକି ପ୍ରଚାର ସମୟରେ ସ୍ଥାନେ ସ୍ଥାନେ ସାମାନ୍ୟ ଉତ୍ତେଜନା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ନୂଆପଡ଼ା ସୀମାନ୍ତ ଛତିଶଗଡ଼କୁ ଲାଗି ଥିବାରୁ ବିଜେପି ଓ କଂଗ୍ରେସ ଦଳର ନେତା ମାନଙ୍କୁ ପ୍ରଚାର ପାଇଁ ଆସିବା ସୁବିଧା ହେଉଛି । ଏହି ଉପନିର୍ବାଚନରେ ବିଜେଡ଼ି ପକ୍ଷରୁ ପଡ଼ୋଷୀ ବରଗଡ଼ ଜିଲ୍ଲା ଅତାବିରାର ପୂର୍ବତନ ବିଧାୟୀକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥିନୀ କରିଥିବାରୁ ବରଗଡ଼ ଜିଲ୍ଲାର ବହୁ ବିଜେଡ଼ି ନେତା ଓ କର୍ମିଙ୍କ ପ୍ରଚାର ଦେଖିବାକୁ ମିଳିଛି ।

ନୂଆପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଟେନରୁଆଁ ଗ୍ରାମ ପଞ୍ଚାୟତର ଝାଞ୍ଜିମୁଣ୍ଡା ଠାରେ ବିଜେପି ପକ୍ଷରୁ ଶନିବାର ବିଶାଳ ଜନ ସମାବେଶ ଓ ରବିବାର ମଧ୍ୟ ଏକ ବିରାଟ ମିଶ୍ରଣ ପର୍ବ ହୋଇଥିଲା । ଏଥିରେ ପ୍ରାୟ ଅନ୍ୟ ଦଳର କର୍ମି ମାନେ ବିଜେପିରେ ଯୋଗ ଦେଇଥିଲେ । ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏହି ସମାବେଶରେ ଭୋଟର ମାନଙ୍କୁ ଉଦୋଧନ ଦେବା ସହ ବିଜେପିକୁ ବିପୁଳ ଭୋଟଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ ।

କଂଗ୍ରେସ ପ୍ରାର୍ଥି ଘାଷିରାମ ମାଝୀ ଗାଁ ଗାଁ ଘର ଘର ବୁଲି ପ୍ରଚାରକୁ ଜୋରଦାରକ କରୁଛନ୍ତି । ସାଥରେ ପିସିସି ସଭାପତି ତଥା ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନେତା ଭକ୍ତ ଚରଣ ଦାସ ନେତୃତ୍ୱ ନେଉଛନ୍ତି । କଂଗ୍ରେସ ଦଳର ବହୁ ଯୁବ ଓ ଆଦିବାସୀ ବିଧାୟକ ପ୍ରଚାରର ବିଭିନ୍ନ ଦାୟୀତ୍ୱରେ ରହିଛନ୍ତି । ଅବିଭକ୍ତ କୋରାପୁଟ ଓ ପଶ୍ଚିମ ଓଡ଼ିଶାର ଅନେକ କଂଗ୍ରେସ ବିଧାୟକ ଓ ଦଳୀୟ କର୍ମକର୍ତ୍ତାଙ୍କୁ ବିଭିନ୍ନ ବ୍ଲକ ଓ ଜିଲ୍ଲା ପରିଷଦ ଜୋନ ଦାୟୀତ୍ୱ ଦିଆଯାଇଛି । ଆସନ୍ତା କିଛି ଦିନ ପରେ ତିନି ପମୁଖୁ ଦଳର ହେବିଓ୍ୱେଟ ନେତା ମାନେ ପ୍ରଚାର ମଇଦାନକୁ ଓହ୍ଲାଉଥିବାରୁ ପ୍ରଚାର ଆହୁରି ସରଗରମ ହେବ ବୋଲି ଅନୁମାନ କରାଯାଉଛି । ବିଜେପିର ବହୁ ମନ୍ତ୍ରୀ, ରାଜ୍ୟ ପ୍ରଭାରି ଗତ ୨ ଦିନ ହେଲା ବିଭିନ୍ନ ଅଞ୍ଚଳରେ ମାରାଥନ ପ୍ରଚାର କରୁଥିବା ବେଳେ ବିଜେଡ଼ିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ୩ ତାରିଖ ନୂଆପଡ଼ା ପ୍ରଚାରରେ ଯାଉଛନ୍ତି । ସେହିପରି କଂଗ୍ରେସର ବିଭିନ୍ନ ରାଜ୍ୟରେ ଥିବା ମୁଖ୍ୟମନ୍ତ୍ରୀ ଓ ପୂର୍ବ ମୁଖ୍ୟମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ପ୍ରଚାର ପାଇଁ ଆସିପାରନ୍ତି ବୋଲି କଂଗ୍ରେସ ଦଳୀୟ ସୂତ୍ରରୁ ଖବର ମିଳିଛି ।

### କାର୍ତ୍ତିକ...

ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ସ୍ଥାୟୀ ଭାବରେ ନିଆଯାଇଥିଲା । ପୂର୍ବରୁ ଧାର୍ଯ୍ୟ ହୋଇଥିବା ଶୁଭବେଳା, ପୂର୍ବାହ୍ଣ ୧୦ଟା ୫୫ ମିନିଟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଠିକ୍ ଅପରାହ୍ଣ ୨ଟା ୫୫ ମିନିଟ୍ ସମୟରେ ଶେଷ ହୋଇଥିଲା । ୪ ଘଣ୍ଟାରେ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଥିଲା । ଏହା ପରେ ଶ୍ରୀମନ୍ଦିର ଶୋଧ ହୋଇ ସର୍ବସାଧାରଣଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିଲା ।

ଶୁଭବେଳାରେ ରତ୍ନଭଣ୍ଡାର କମିଟି ତଥା ଉଚ୍ଚସ୍ତରୀୟ କମିଟି ସଦସ୍ୟମାନେ ପାରମ୍ପରିକ ପୋଷାକରେ ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ । ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପରେ ରନି ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ସାମଗ୍ରୀ ସ୍ଥାନାନ୍ତର ପରେ ମୂଳ ଓ ବାହାର ଭଣ୍ଡାରକୁ ତିନିଟି ଯାକ ତାଲା ପକାଇ ବନ୍ଦ କରାଯାଇଥିଲା । ରନି ସ୍ଥାନାନ୍ତର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଥିଲା । ଭିତର ଓ ବାହାର ରତ୍ନଭଣ୍ଡାର ଜଉମୁଦ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

ଗତବର୍ଷ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ମରାମତି ପାଇଁ ଅଳଙ୍କାର ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇଥିଲା । ଚଳିତ ଜୁଲାଇ ୭ ତାରିଖରେ ଏଏସ୍ଆଇ ପକ୍ଷରୁ ରନିଭଣ୍ଡାର ମରାମତି ଶେଷ ହୋଇଥିଲା । ଆଜି ହୋଇଥିବା ସ୍ଥାନାନ୍ତର ପୂର୍ବରୁ ଅର୍ଥାତ ଗତ ୧୯ ତାରିଖରେ ରନିଭଣ୍ଡାରକୁ ସଂସ୍କାର କରାଯାଇଥିଲା । ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହୋଇଥିବାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି ମଣତି ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବ । ଏହି କାମ ଚଳିତ ମାସରେ କରାଯିବା ପାଇଁ ଚେଷ୍ଟା କରାଯାଉଛି ।

### ଡିସେମ୍ବର ୩୧...

ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡ଼ିଏସ ହିତାଧିକାରୀଙ୍କ ଆଧାର ଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି । ଏହା ସମସ୍ତ ୧୧,୮୨୭ ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ ଜାରି ରହିଛି । ଏତଦବ୍ୟତୀତ ଅଦ୍ୟାବଧି ଇ-କେୱାଇସି କରାଇନପାରିଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡ଼ିଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ । ଏହି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ । ଏପର୍ଯ୍ୟନ୍ତ କୌଣସି କାରଣରୁ ଇ-କେୱାଇସି କରାଇନପାରିଥିବା ହିତାଧିକାରୀମାନେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାର ଯୁକ୍ତ ଇ-କେୱାଇସି କରିପାରିବେ ।

### ଶଙ୍କର...

ଆଜି ସକାଳ ପ୍ରାୟ ୧୦ଟା ବେଳେ ଶଙ୍କରଙ୍କୁ ଭୁବନେଶ୍ୱରରୁ କଟକ ଅଣାଯାଇଥିଲା । ଏହାପରେ ସେ କ୍ରାଇମବ୍ରାଞ୍ଚ ଜେରାର ସମ୍ମୁଖୀନ ହୋଇଥିଲା । ମୁନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ଗତକାଲି ଠାରୁ ରିମାଣ୍ଡରେ ଆଣିଛି । ଆସନ୍ତାକାଲି ଶଙ୍କରଙ୍କୁ ଗଞ୍ଜାମ ନିଆଯିବ ଏବଂ କୋର୍ଟରେ ହାଜର କରାଯିବା ପରେ ରିମାଣ୍ଡରେ ଶଙ୍କରଙ୍କୁ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ, ପଞ୍ଚ ସପ୍ଟ କମ୍ପାନୀର ମୁଖ୍ୟ ଥିଲା ଗଞ୍ଜାମର ଶଙ୍କର ପୃଷ୍ଟି । ଏହି ମାମଲାରେ ଶଙ୍କର ପୃଷ୍ଟିକୁ ମିଶାଇ ମୋଟ ୧୦ ଦଲାଲଙ୍କୁ ଗିରଫ କରିସାରିଛି କ୍ରାଇମବ୍ରାଞ୍ଚ । ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଜାମିନ ପରେ ସେମାନେ ଜେଲରୁ ମୁକୁଳି ସାରିଛନ୍ତି । କିନ୍ତୁ ୯ ଦଲାଲ ଏବେ ବି ଜେଲରେ ଥିବା ଜଣାପଡ଼ିଛି । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ପାଇଁ ସିବିଆଇକୁ ସୁପାରିସ କରିଛନ୍ତି ।

### ଭାରତ ମହିଳା...

୩୯ ରନ୍ ବ୍ୟୟରେ ୫ ୱିକେଟ୍ ଅକ୍ତିଆର କରିଥିଲେ । ଏହି ଉଚ୍ଚ କୋଟିର ପ୍ରଦର୍ଶନ ପାଇଁ ଦିପ୍ତୀ ଶର୍ମାଙ୍କୁ ପ୍ଲେୟାର ଅଫ ଦ ସିରିଜ ବିବେଚିତ କରାଯାଇଥିଲା । ଦିପ୍ତୀ ବିଶ୍ୱ କପ୍‌ରେ ୨୧୫ ରନ୍ ସାଙ୍ଗକୁ ୨୨ ୱିକେଟ୍ ଅକ୍ତିଆର କରିଥିଲେ । ସେହିଭଳି ଫାଇନାଲରେ ଶେଫାଳି ୮୭ ରନ୍ ସାଙ୍ଗକୁ ୨ ୱିକେଟ୍ ଅକ୍ତିଆର କରି ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଛନ୍ତି । ଅଧିନାୟିକା ହରମନପ୍ରିତ କୌରଙ୍କ ସହ ଦଳର ସବୁ ଖେଳାଳି ହାତରେ ଟ୍ରଫି ତୋଳି ଧରିବାର ନିଆରା ଅନୁଭୂତି ସାଉଣ୍ଟିଛନ୍ତି ।

## ଜାତୀୟ ସେବା ଯୋଜନା ଜିଲ୍ଲାସ୍ତରୀୟ ଯୁବନେତୃତ୍ୱ ତାଲିମ ଶିବିର

ଭଣ୍ଡାରିପୋଖରୀ, (ସବୁ୍ୟ): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ତାଲିମ ଶିବିର ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉସିବରେ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଜାତୀୟ ସେବା ଯୋଜନା ସଂଯୋଜକ ଡଃ ବିଶ୍ୱମୋହନ ଜେନା ମୁଖ୍ୟଅତିଥି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା, ବିଡିଓ ଦେବଦତ୍ତ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଯେନା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନାରାୟଣ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସେଠୀ, ଅବଦୁଲ କାଲାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଦକ୍ଷ ନେତୃତ୍ୱ ସୃଷ୍ଟି କରାଯିବା ସହ ସେବାମନ୍ତ୍ରରେ ଦୀକ୍ଷିତ କରାଯିବାକୁ ଗୁରୁତ୍ୱାରୋପ କରିଥିଲେ ।

# ସୋର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ସୋର,(ସବୁ୍ୟ): ସୋର ପବ୍ଲିକ ସ୍କୁଲରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଉ"ାଟନ କରି ଆଜିର ସମାଜରେ ବିଜ୍ଞାନର ଉପଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଂପାଦକ ଶ୍ରୀଧର ପ୍ରସାଦ ବେହେରା, ଯୁଗ୍ମ ସଂପାଦକ ପ୍ରଶାନ୍ତ କୁମାର ଦାସ, ଅନାମ ପ୍ରସାଦ ବାରିକ ଏବଂ ପ୍ରଦୀପ କୁମାର ଦାଶ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ଗୌରାଙ୍ଗ ଖୁଣ୍ଟିଆଙ୍କ ତ%୦ାବଧାନ ୬୦ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ପ୍ରକଳ୍ପଗୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ଅଭିମନ୍ୟୁ ପଣ୍ଡା ମୂଲ୍ୟାୟନ କରିଥିଲେ । ଏଥିରେ ତିନିଗୋଟି ପ୍ରକଳ୍ପକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ମନୋନୀତ କରାଯାଇଥିଲା । ଏଥି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀ ସହାୟତା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, (ସବୁ୍ୟ) ଗଞ୍ଜାମ ଜିଲ୍ଲା ଗୁଡ଼ିଆପଦରର ରଙ୍ଗଲା ରୁପା (ପିତା - ରଙ୍ଗଲା ଦିନେଶ) ଙ୍କର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମଠାରେ ଘଟିଥିବା ଅଘଟଣରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 46-KUR-TRD-OT-2025-26

କାର୍ଯ୍ୟର ନାମ : 03(ତିନି) ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 16 ଗୋଟି ଟ୍ରାକ୍ସନ ସବ୍ ଷ୍ଟେସନ ଗୁଡ଼ିକରେ ଆନୁଷଙ୍ଗିକ କାର୍ଯ୍ୟ ସହିତ ଅହୋରାତ୍ର TRD ପରିସମ୍ପତ୍ତି ଏବଂ ଉପକରଣଗୁଡ଼ିକର ପରିଚାଳନା ।

ବିଜ୍ଞାପିତ ମୂଲ୍ୟ (₹) : 5,47,95,376.80, EMD (₹) : 4,24,000.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 1095 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.11.2025ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.11.2025ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ଼

PR-746/Q/25-26

C-1359

**Government of Odisha**
**"e" Procurement Notice**
**Bid Identification No.42 /2025-26**

1. Name of the work : 02 Nos. of work
2. Estimated cost : 13.36 Lakh to 34.87 Lakh.
3. Period of completion : One month.
4. Date & Time of availability of bid documentin the portal : From 11.00 AM. of 04.11.2025 to 5.00 PM of 14.11.2025
5. Last date/time for receipt of bids in the portal : 5.00 PM of 14.11.2025
6. Name and address of the Officer inviting Bid : Superintending Engineer, P.H. Division, Bhubaneswar

Further details can be seen from e-procurement portal in the Website (http://tendersorissa.gov.in)

**Sd/- Superintending Engineer**
**PH. Division, Bhubaneswar**

**AFFIDAVIT**

By virtue of an affidavit before the notary public, Chhendipada. I, Yoshobanta Lenka, Aged (27), S/o- Chhala Lenka, Vill/Po/Ps-Gopalprasad, Angul. Declare that i have changed my name and date of birth from Jasobanta Lenka and D.O.B-10.10.1999 to Yoshobanta Lenka and D.O.B- 07.01.1998. Henceforth, I shall be known as Yoshobanta Lenka, D.O.B - 07.01.1998 for all purposes.

**Sd/- Yoshobanta Lenka**

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 29.10.2025 I **Smruti Pragyan Biswal** D/o. Narendra Kumar Biswal, Permanent resident of At-Sorava, P.O. Sorava, P.S. Gop, Dist. Puri, Pin-752107, Odisha, Aadhar No. 4378 1726 6833 declare that I have changed my name from **Smrurti Prangya Biswal** to **Smruti Pragyan Biswal**. Henceforth, I shall be known as **Smruti Pragyan Biswal** for all purposes.

**Smruti Pragyan Biswal**

E- 478

**OFFICE OF THE SUPERINTENDENT SDH, NILGIRI, BALASORE**

**TENDER CALL NOTICE**

**RFP No. 2347/ Date.27/10/2025**

Sealed tenders are invited from the reputed eligible registered diet preparation and catering firm/agency to prepare and distribute diet in Sub-Divisional Hospital, Nilgiri on annual contract basis. The details, Terms and conditions, guidelines etc. including tender paper format can be downloaded from the district web site **balasore.odisha.gov.in**. The tenders in the prescribed format along with all relevant documents for Sub-Divisional Hospital, Nilgiri should reach the office of the undersigned on or before Dt.12.11. 2025, 02.00 P.M. through Regd. Post / Speed Post / Courier only. The envelope should be duly super-scribed on top of envelope as "Tender for supply of Diet for Sub-Divisional Hospital, Nilgiri for the year 2025-26". The tender will be opened on Dt.13.11.2025 at 02.30 P.M. The undersigned reserves the right to reject any or all the bids/ Tenders without assigning any reason thereof.

**Sd/- Superintendent SDH,**
**Nilgiri, Balasore**

**SBI**

**ପୂର୍ବ–ଆୟୋଜନ ପ୍ରଚାର ବିଜ୍ଞପ୍ତି**

**ଡିଜିଟାଲ ଲାଇଫ ସାର୍ଟିଫିକେଟ (DLC) ଅଭିଯାନ 4.0- ଜାତୀୟ ଅଭିଯାନ**

ପେନ୍‌ସନ ଓ ପେନ୍‌ସନର୍ସ କଲ୍ୟାଣ ବିଭାଗ (DoPPW) ଦ୍ୱାରା ନଭେମ୍ବର ୨୦୨୫ ମାସରେ ସାରା ଦେଶରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ (DLC) ଅଭିଯାନ 4.0 ଆୟୋଜନ କରାଯାଉଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବୃଦ୍ଧାଭିବୃତ୍ତିପ୍ରାପ୍ତ ଓ ପରିବାର ପେନ୍‌ସନର୍ସମାନେ ଡିଜିଟାଲ ପ୍ରଯୁକ୍ତି, ବିଶେଷତଃ ମୁହଁ ପରିଚୟ (Face Authentication) ମାଧ୍ୟମରେ ସହଜ ଭାବରେ ଲାଇଫ ସାର୍ଟିଫିକେଟ ଦାଖଲ କରିପାରିବେ । ଏହା ସରକାରଙ୍କ ଡିଜିଟାଲ ଇଣ୍ଡିଆ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (SBI) ପକ୍ଷରୁ କଟକ ସହରରେ ବିଭିନ୍ନ ସ୍ଥାନରେ – କଟକ ମେନ୍ ବ୍ରାଞ୍ଚ, କଟକ ସିଟି ବ୍ରାଞ୍ଚ, ଏସ୍‌ସିବି ମେଡିକାଲ କଲେଜ କ୍ୟାମ୍ପସ ବ୍ରାଞ୍ଚ, ବିଦ୍ୟାଧରପୁର ବ୍ରାଞ୍ଚ ଓ ନୟା ବଜାର ବ୍ରାଞ୍ଚରେ ଡିଏଲ୍‌ସି କ୍ୟାମ୍ପ ଆୟୋଜନ ହେବ ।

ଶ୍ରୀ ସିଦ୍ଧେଶ୍ୱର ଚକ୍ରବର୍ତ୍ତୀ, ଉପସଚିବ, ପେନ୍‌ସନ ଓ ପେନ୍‌ସନର୍ସ କଲ୍ୟାଣ ବିଭାଗ, ତାଙ୍କ ୩ ନଭେମ୍ବର ୨୦୨୫ ତାରିଖରେ କଟକର ଡିଏଲ୍‌ସି କ୍ୟାମ୍ପଗୁଡ଼ିକୁ ଭ୍ରମଣ କରିବେ । ସେ ପେନ୍‌ସନର୍ସମାନଙ୍କ ସହ ଆଲୋଚନା କରି Face Authentication ଓ Doorstep DLC ସେବାଗୁଡ଼ିକ ନିଜେ ଅନୁଭବ କରିବେ ।

**ଭାରପ୍ରାପ୍ତ ଅଧିକାରୀ**
**ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ**

A- 825

**GOVERNMENT OF ODISHA**
**OFFICE OF THE SUPERINTENDING EMGINEER,**
**MINOR IRRIGATION DIVISION, KANDHAMAL.**
**Telephone/ Fax No 06842-253634**
**E-Mail: www.kmidplb@gmail.com**
**BID IDENTIFICATION No- 09/2025-26/ 2768 Dt:- 24.10.2025**

The Superintending Engineer, Minor Irrigation Division, Kandhamal on behalf of Governor of Odisha invites **Percentage rate bids in double cover system only in "ONLINE" mode** for the Construction of works detailed in the table from **"B"** Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

1. No. of the works. :- Construction of Check Dams for the year 2025-26 under EAre-s & Improvement to Service Road to MIP unJcr CAPEX 2025-26.
2. Total No. of works. :- 20 (twenty) Nos.
3. Estimated Cost. :- Rs. 54.46 lakh to Rs. 93.49 lakh Approximately
4. Class of Contractor. :- **"B" Class only**
5. Period of completion. :- 120 (One hundred twenty day) to 180 (One Hundred eighty) days
6. Date & time of Availability of Bid Document in the Portal for online bidding. :- 03/11/2025 at 10 A.M. to 12/11/2025 upto 5.30 PM.
7. Last date / Time for receipt of Bid only in ONLINE. :- 12/11/2025 upto 5.30 PM.
8. Date/Time of Opening of Technical Bid. :- 13/11/2025 at 11.00 AM. at Office of the Superintending Engineer, M.I. Division, Kandhainal, Phulbani.
9. Date/ Time of Opening of Financial BiD. :- 19/11/2025 at 11.00 AM at Office of the Superintending Engineer, M.I. Division, Kandhainal
10. Name & Address of the Officer Invitting the Bid. :- Office of the Superintending Engineer, M.I. Division, Kandhainal, At/PO: Phulbani, PS: Phulbani Town, Dist: Kandhamal, e-mail:- **kmidplb@gmail.com**
11. Further details can be seen from the "e" Procurement Portal **https://tendersodisha.gov.in**

**Sd/- Superintending Engineer,**
**M.I. Division, Kandhamal**

O- 1275

E.Mail-rw_sundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG- 15 of 2025-26**

1. Name of the Work :- RoadWorks
2. Total No. of works :- 08nosRoad
3. Estimated cost :- Rs. 8.01 Lakhs to Rs. 48.14 Lakhs
4. Class of contractor :- 'B', 'C' & 'D'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh. | Online-SESNG-15 of 2025-26 | 04.11.2025 11.00 A.M | 17.11.2025 05.00 P.M |

Further details can be seen from the website **www.tendersodisha.gov.in**

**Sd/- Executive Engineer, Rural Works Division, Sundargarh**

A-836

**OVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Drainage Circle, Balasore**
**Email id: sedcbls@yahoo.com**
**"e" PROCUREMENT NOTICE NO.- ACEDCBLS-14/2025-2026**

| | | |
|---|---|---|
| 1. | No. of work :- | Drainage works (Under **D.I.P.** Scheme) |
| 2. | Total No. of Project :- | 1 Nos. of Individual work. |
| 3. | Estimated cost of individual works :- | Rs. 1,89,77,248/- (Excluding G.S.T.) |
| 4. | Period of completion :- | 11 (Eleven) Calendar Months |
| 5. | Bid Identification Number :- | **ACEDCBLS/DDJPR - 01.14.2025-26** |
| 6. | Date & Time of availability of Bid document in the Portal :- | From Dt. 04.11.2025 at 10.00 hours to Dt. 18.11.2025 at 17.00 hours. |
| 7. | Date & Time for receipt of Bid document in the Portal :- | From Dt. 04.11.2025 at 10.00 hours to Dt. 18.11.2025 at 17.00 hours. |
| 8. | Date of Opening of Technical Bid :- | Dt. 19.11.2025 at 11.30 hours in the Office of the Additinal Chief Engineer, Drainage Circle, Balasore. |
| 9. | Date of Opening of Financial Bid :- | To be uploaded in portal |
| 10. | Cost of Tender Paper | Rs. 10,000.00 |
| 11. | Procurement Officer/ Name & address of the officer inviting Bids :- | Additional Chief Engineer, Drainage Circle, Balasore |

Further details can be seen from the Govt. Website **www.tendersorissa.gov.in**

**Sd/- Additional Chief Engineer, Drainage Circle, Balasore**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ମାନିଲେନି ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ପୋଲିସ୍ ମାଧ୍ୟମରେ ଗଲା ନିର୍ଦ୍ଦେଶ

କଟକ (ସବ୍ୁ୍ୟ): ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ନିର୍ଦ୍ଦିଷ୍ଟ ସମୟ ସୀମା ଆଳରେ ଜଣେ ବିଧବା ମହିଳାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାକିରି ଦେବା ଆଦେଶକୁ କାର୍ଯ୍ୟକାରୀ ନ କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଡ଼ିଛି ମହଙ୍ଗା । କାହିଁକି ଅଦାଲତ ଦେଇଥିବା ନିୟମକୁ କାର୍ଯ୍ୟକାରୀ କରାଯାଇନାହିଁ ସେ ସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ପୋଲିସ୍ ଜରିଆରେ ନୋଟିସ୍ ପଠେଇବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ବ୍ୟକ୍ତିଗତ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ପ୍ରତିପକ୍ଷଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ରହିଛି। ତେବେ ଆବେଦନକାରୀ ପ୍ରତିପକ୍ଷ ଦେଇଥିବା ଜବାବ କୁ ପାଇ ସାରିଲା ପରେ ଯେ କୌଣସି ତିନୋଟି କାର୍ଯ୍ୟ ଦିବସରେ ନିଜର ପକ୍ଷ ରଖି ପାରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରିଣୀ କ୍ଷଣପ୍ରଭା ନାୟକଙ୍କ ପକ୍ଷରୁ ରୁଜୁ ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣୀ କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନ କାରିଣୀ କ୍ଷଣପ୍ରଭାଙ୍କ ସ୍ୱାମୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ଥିବାବେଳେ ମୃତ୍ୟୁ ବରଣ କରିଥିଲେ। ସରକାରୀ ଚାକିରିରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତାଧିକାରୀଙ୍କ ଆବେଦନ କରିବାର ସମୟ ଆରମ୍ଭ ହୋଇଥିଲେ ମଧ୍ୟ କ୍ଷଣପ୍ରଭାଙ୍କୁ ଅନୁକମ୍ପାମୂଳକ ଚାକିରି ମିଳି ନ ଥିଲା। ବିଳମ୍ବରେ ଆବେଦନ କରିଥିବାରୁ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ଦିଆଯାଇଥିଲା। ଏହାକୁ ବିରୋଧକରି ଆବେଦନକାରିଣୀ ଆଇନଜୀବୀ ସତ୍ୟ ରଞ୍ଜନ ପତିଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ। ଅଦାଲତ ଗତ ଅଗଷ୍ଟ ୧୮ ତାରିଖରେ ଆବେଦନକୁ ବିଚାରକୁ ନେଇ କ୍ଷଣପ୍ରଭା ନାୟକଙ୍କ ଆବେଦନକୁ ବିଚାରକୁ କରି ୮ ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଇତିମଧ୍ୟରେ ସମୟ ଅତିକ୍ରାନ୍ତ ହୋଇଥିବାରୁ ଆବେଦନକାରିଣୀ ବାଧ୍ୟ ହୋଇ ପୁଣି ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ଶରତ ସାହୁଙ୍କ ବିୟୋଗରେ ଡ୍ରିମ୍ସ ଅଧ୍ୟକ୍ଷଙ୍କ ଶୋକ

କଟକ, (ସବ୍ୁ୍ୟ) : ବିଶିଷ୍ଟ ଶିଳ୍ପପତି ତଥା ରୁଚି କମ୍ପାନୀର ପ୍ରତିଷ୍ଠାତା ଶରତ କୁମାର ସାହୁଙ୍କ ବିୟୋଗରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୋକବାର୍ତ୍ତାରେ ସେ ସ୍ୱର୍ଗତ ସାହୁଙ୍କ ବ୍ୟବସାୟିକ ନିଷ୍ଠା ଏବଂ ସାହିତ୍ୟ, ସଂସ୍କୃତି ଓ ଶିଳ୍ପ, ସମାଜସେବା ଆଦି ବିବିଧ କ୍ଷେତ୍ରରେ ତାଙ୍କର ପ୍ରୋତ୍ସାହନ ଓ ବଳିଷ୍ଠ ପଦକ୍ଷେପ ଓଡିଶାବାସୀଙ୍କ ନିକଟରେ ସ୍ମରଣୀୟ କରି ରଖିବ । ଧନେଶ୍ୱର ରଥ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କୁ କର୍ମଯୋଗୀ ଧନେଶ୍ୱର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରି ଆମେ ଗୌରବାନ୍ୱିତ ବୋଲି ଉଲ୍ଲେଖ କରିଛନ୍ତି । ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ଡ. ରଥ ସମବେଦନା ଜଣାଇଛନ୍ତି ।

## ସାଉଦି ଆରବରେ ପ୍ରବାସୀ ଭାରତୀୟ ପରିଚୟ ଦିବସ

# ମନମୋହିଲା ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ

ଭୁବନେଶ୍ୱର (ସବ୍ୁ୍ୟ): ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସପ୍ତାହ ବ୍ୟାପୀ ପ୍ରବାସୀ ପରିଚୟ ଦିବସକୁ ବହୁ ଆଡମ୍ବରରେ ଆୟୋଜନ କରିଥିଲା। ୧ ତାରିଖରେ ଓଡ଼ିଶା ସମେତ ଗୁଜୁରାଟ, କର୍ଣ୍ଣାଟକ, ପଞ୍ଜାବ ଓ ଉତ୍ତରାଖଣ୍ଡ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ପ୍ରଦର୍ଶିତ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ଓ ଆଧୁନିକ ଓଡ଼ିଆ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ହୃଦୟକୁ ଛୁଇଁ ଥିଲା। ପ୍ରତିଭାଶାଳୀ ଓଡ଼ିଆ ନାରୀ ବୃନ୍ଦଙ୍କ ପ୍ରତ୍ୟେକ ନୃତ୍ୟରେ ଓଡ଼ିଶାର ସଂସ୍କୃତି ଓ ଅଭିବ୍ୟକ୍ତିର ଅପୂର୍ବ ସମନ୍ୱୟ ଦେଖାଯାଇଥିଲା। ସାହିତ୍ୟ, କଳା ଓ ଐତିହ୍ୟରେ ସମୃଦ୍ଧ ଓଡ଼ିଶା ରାଜ୍ୟର ପାଭିଲିଅନ୍ ଷ୍ଟଲ୍ ମଧ୍ୟ ଏକ ବଡ଼ ଆକର୍ଷଣ ଥିଲା। ସେଠାରେ ପିପିଲି ଚାନ୍ଦୁଆ ଶିଳ୍ପ, କଟକ ରୂପା ତାରକସି, ହସ୍ତତନ୍ତ,



ପଟ୍ଟଚିତ୍ର, ଓ ତାଳପତ୍ର ଚିତ୍ରକଳା ଭଳି ଅନେକ ଓଡ଼ିଆ ସଂସ୍କୃତି ସହିତ ସଂପୃକ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଓଡିଶା ପାଭିଲିଅନ୍ ରେ ବିଶ୍ୱ ପ୍ରସିଦ୍ଧ ରସଗୋଲା ପରିବେଷଣ କରାଯାଇଥିଲା ଯାହା ଭାରତୀୟ ଦୂତାବାସ ର ଉପ-ମିଶନ ମୁଖ୍ୟ ଆବୁ ମାଥେନ ଜର୍ଜ ତଥା ପରିଦର୍ଶକମାନେ ସ୍ୱାଦ ପାଇଁ ବିଶେଷ ପ୍ରଶଂସା କରିଥିଲେ ।

ଭାରତୀୟ ରାଜଦୂତ ସୁହେଲ ଏଜାଜ୍ ଖାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ଓଡ଼ିଶା ପାଭିଲିଅନ୍‌କୁ ଯାଇ ସେଠାରେ ପ୍ରଦର୍ଶିତ ହୋଇଥିବା ଶିଳ୍ପସାମଗ୍ରୀ ଓ ସାଂସ୍କୃତିକ ଉପସ୍ଥାପନା ଦେଖି ପ୍ରଶଂସା କରିଥିଲେ। ଓଡ଼ିଆ ସମାଜ ପକ୍ଷରୁ ଅଜିମୁଦ୍ଦିନ୍ ଖାନ ମାନନୀୟ ରାଜଦୂତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନିୟୋଜିତ ଭାବେ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଶ୍ରୀମତୀ ଦୀପିକା ପାଣିଗ୍ରାହୀ ଓ ଶ୍ରୀମତୀ ଦୀପିକା ପାତ୍ର । ପ୍ରବାସୀ ପରିଚୟ ଦିବସ, ୨୦୨୫ ରେ ଓଡ଼ିଶା ରାଜ୍ୟ ଯେପରି ସାଂସ୍କୃତିକ ଐତିହ୍ୟ ଓ କଳାକୁ ଗୌରବର ସହିତ ପ୍ରଦର୍ଶନ କଲା, ତାହା ସମସ୍ତ ଭାରତୀୟ ସମୁଦାୟଙ୍କ ମଧ୍ୟରେ ଗଭୀର ପ୍ରଭାବ ଛାଡ଼ିଥିଲା ଏବଂ ଓଡ଼ିଆ ମାନଙ୍କ ମନରେ ଗର୍ବ ଓ ଆନନ୍ଦର ଭାବ ସୃଷ୍ଟି କରିଥିଲା।

## ୱାର୍ଡରେ ମେୟରଙ୍କ ଅଭିଯୋଗ ଶୁଣାଣି ବନ୍ଦ ହେବାରୁ ବୈଠକରେ ଉଦବେଗ

ଭୁବନେଶ୍ୱର, (ସବ୍ୁ୍ୟ): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି



ବୈଠକ ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିବା ସହିତ କୋଷାଧ୍ୟକ୍ଷ ଆର୍ଥିକ ବିବରଣୀ ପାଠ କରିଥିଲେ । ମହାନଗର ନିଗମ ମେୟରଙ୍କ ଦ୍ୱାରା ପ୍ରତି ୱାର୍ଡରେହେବାକୁ ଥିବା ଅଭିଯୋଗ ଶୁଣାଣୀ ୧୧ ନମ୍ବର ଓ୍ୱାଡରେ ନହୋଇ ବନ୍ଦ ହୋଇଯିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ସୈନିକ ସ୍କୁଲ ପାଖ ଅଳିଆଗଦା ହଟାଇବା, ଭୂତଳ ରାସ୍ତା କୁ ମୁଖ୍ୟ ରାସ୍ତା ସଂଯୋଗ କରିବା, ରେଳ ଓଭର ବ୍ରିଜ୍ କୁ ସୈନିକ ସ୍କୁଲ କଡ଼କୁ ବଢ଼ାଇବା, ଡାକ୍ତରଖାନା ପାଖରେ ଲାଇଟ ଲଗାଇବା, ରାସ୍ତା କଡ଼ରୁ ମାଂସ ଦୋକାନ ହଟାଇବା, ଭି ଏସ୍ ଏସ୍ ନଗର - ଲକ୍ଷ୍ମୀ ବିହାର ରାସ୍ତା ନିର୍ମାଣ କରିବା, ବାଣୀବିହାର ୩ ନମ୍ବର ଗେଟ ଖୋଲିବା, ଖୋଲା ପଡ଼ିଆ କିମ୍ବା ଖାଲି ସ୍ଥାନରୁ ଜବର ଦଖଲ ଉଚ୍ଛେଦ କରିବା ଆଦି ବହୁ ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ କମିଶନରଙ୍କୁ ସାକ୍ଷାତ କରି ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଗଲା । ବୈଠକରେ ଯୁଗ୍ମ -ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ ଓ ଚିନ୍ତାମଣି ବାରିକଙ୍କ ସହିତ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବିଭୂତି ଭୂଷଣ ତ୍ରିପାଠୀ, ଡ଼ କୁମୁଦ ମିଶ୍ର, ତ୍ରିଲୋଚନ ରଥ, ଅମ୍ବିକା ମହାନ୍ତି ଓ ଖଗେଶ୍ୱର ପରିଡ଼ା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଶଶି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମାକୁମାରୀଜ ବଡ଼ସାହି ସେବା କେନ୍ଦ୍ରର ବାର୍ଷିକ ଉତ୍ସବ

ବେତନଟୀ (ସବ୍ୁ୍ୟ) ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବଡ଼ସାହି ସେବା କେନ୍ଦ୍ର ର ବାର୍ଷିକ ଉତ୍ସବ ସ୍ଥାନୀୟ ରୁଦ୍ରାଣୀ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷର ଥିମ " ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ"ବିଷୟ ବସ୍ତୁ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ବିଶ୍ୱ ଶାନ୍ତି ନିମନ୍ତେ ପ୍ରାତଃ ସମୟରେ ଏକ ଶାନ୍ତି ଯାତ୍ରା ବଡ଼ସାହି ଗ୍ରାମ ସହିତ ବଡ଼ସାହି ବଜାର ଟିକୁ ପରିଭମଣ କରିଥିଲେ। ବଡ଼ସାହି ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀଙ୍କ ସଂଯୋଜନା ଏବଂ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ, ମୁଖ୍ୟ ବକ୍ତା ବ୍ରହ୍ମାକୁମାର ଅନନ୍ତ ଭାଇ, ସମାନୀୟ ଅତିଥି ଅବସର ପ୍ରାପ୍ତ ପ୍ରଫେସର ସନ୍ଦୀପ ଚାନ୍ଦ, ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ବରିଷ୍ଠ ରାଜନେତା ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ସବିତା ଭଉଣୀ, ବ୍ରହ୍ମାକୁମାରୀ ଦୀପ୍ତି ଭଉଣୀ, ବ୍ରହ୍ମାକୁମାରୀ ଲିପି ଭଉଣୀ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ, ଚନ୍ଦନ ଓ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଉପସ୍ଥିତ ସମସ୍ତ ମଞ୍ଚାସୀନ ଅତିଥି ଦୀପ ପ୍ରଜ୍ୱଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ ଛୁ ପ୍ରତ୍ୟେକ ମନୁଷ୍ୟର ସାମଗ୍ରିକ ବିକାଶ ସହିତ ବିଶ୍ୱ ଶାନ୍ତି ପାଇଁ ରାଜଯୋଗ ତଥା ଧ୍ୟାନ ହିଁ ଏକମାତ୍ର ମାଧ୍ୟମ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ସେବାକେନ୍ଦ୍ରରୁ ଶତାଧିକ ବ୍ରହ୍ମାବତ୍ସଳ ସେବାକେନ୍ଦ୍ରରେ ପହଞ୍ଚି ବିଶ୍ୱ ଶାନ୍ତି ନିମନ୍ତେ ଧ୍ୟାନଯୋଗ କରିଥିଲେ। ଉକ୍ତ ସଭାକୁ ବେତନଟୀ ମୁଖ୍ୟ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ ସୁପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିନ୍ଦଲ ଫାଉଣ୍ଡେସନକୁ ଏକ୍ସିଡ୍ ସିଏସ୍ଆର ଆୱାର୍ଡ- ୨୦୨୫

ଭୁବନେଶ୍ୱର, (ସବ୍ୁ୍ୟ): ଲୋକଭିମୁଖୀ ସମନ୍ୱିତ ସିଏସଆର ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଏକ୍ସିଡ୍ ସିଏସଆର ଆୱାର୍ଡ- ୨୦୨୫ରେ ସମ୍ମାନିତ କରାଯାଇଛି। ଅକ୍ଟୋବର ୩୧ରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ ଆଫେୟାର୍ସର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର ଭାସ୍କର ଚାଟାର୍ଜୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମ୍ମାନ ଜିନ୍ଦଲ ଫାଉଣ୍ଡେସନର ବିସ୍ତାରିତ ସାମାଜିକ ପ୍ରଭାବକୁ ସ୍ୱୀକୃତି ପ୍ରଦାନ କରୁଛି ଯାହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଲକ୍ଷାଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି । ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିକୁ ଆଧାର କରି ଫାଉଣ୍ଡେସନ ଏହାର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ, 'ଜଳଛାୟା ପରିଚାଳନା' ଏବଂ 'ୱାସ' କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସମୁଦାୟଗୁଡ଼ିକରେ ଉଲ୍ଲେଖନୀୟ ବିକାଶ ଆଣିପାରିଛି। ଜଳ ଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମ୍ୟ ଜଳଛାୟା କମିଟି ଜରିଆରେ



କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ଭାବେ ପ୍ରକଳ୍ପ ଅଞ୍ଚଳର ଭୂତଳଜଳ ସ୍ତର, ମାଟିର ଆର୍ଦ୍ରତା, କୃଷି ଉତ୍ପାଦିକା ଶକ୍ତି ଓ ନିରନ୍ତର ଜଳ ଉପଲବ୍ଧତାକୁ ମଧ୍ୟ ବୃଦ୍ଧି କରିଛି। ଏହି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ, ଜୁରୀ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି, "ଆମେ ବିଶ୍ୱାସ କରୁ, ବାସ୍ତବ ବିକାଶ ସେହିଠାରେ ହୁଏ, ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଓ ସଂସ୍କୃତି ସମ୍ମନ୍ୱିତ ଭାବେ ନିରନ୍ତର ଉପାୟରେ ଜୀବନର ମାନକୁ ଉନ୍ନତ କରିଥାଏ। ଆମେ ଲୋକମାନଙ୍କ ମଧ୍ୟରେ ଥିବା ସମ୍ଭାବନାକୁ ବିକଶିତ କରିବା ସହ ଏହାର ଆଭ୍ୟନ୍ତରୀଣ ଉନ୍ନତିକୁ ଗୁରୁତ୍ୱ ଦେଇଥାଉ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ (ସିଏସଆର ଏଣ୍ଡ ଏଜୁକେସନ) ପ୍ରଶାନ୍ତ ହୋତା ଏହି ସମ୍ମିଳନୀର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ସିଏସଆର ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ କୌଶଳ ଓ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମିଳିତ ଜାତିସଂଘର ସମସ୍ତ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରଖି ଜିନ୍ଦଲ ଫାଉଣ୍ଡେସନ ଦେଶବ୍ୟାପୀ ଏହାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଜାରିରଖିଛି।

# ଟ୍ରେନ ଧକ୍କାରେ ଦନ୍ତାହାତୀର ଶୋଚନୀୟ ମୃତ୍ୟୁ

ବେତନଟୀ (ସବ୍ୁ୍ୟ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜର ବିଭିନ୍ନ ଜଙ୍ଗଲରେ ପ୍ରାୟ ୩୩ଟି ହାତୀ ଉପଦ୍ରବ କରୁଥିବାବେଳେ ଏକ ଗୋଠଛଡା ଝାଡ଼ଖଣ୍ଡି ଦନ୍ତା ହାତୀଝୁରି, ବଗଲପୁର, ପଥରଚାଟିଆ ଇଲାକାରେ ଶନିବାର ରାତିରେ ବିଚରଣ କରିବା ସହିତ ଗାଁ ପାର୍ଶ୍ୱ ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଥିବାବେଳେ ଗ୍ରାମବାସୀ ଏକତ୍ରିତ ହୋଇ ହାତୀକୁ ଘୋଉଡ଼ାଇବାକୁ ଚେଷ୍ଟା କରିଥିବାବେଳେ ଦନ୍ତାଟି ବିଶ୍ରାମପୁର ହୋଇ ସର୍ବଣା ଗାଁ ଆଡକୁ ଯାଇଥିଲା । ପରେ ବିଳମ୍ବିତ ରାତିରେ ପୁନର୍ବାର ହାତୀଟି ବିଶ୍ରାମପୁର ଗାଁ ମୁହାଁ ଅଗ୍ରସର ହୋଇ



ଆଗ୍ରିଆ ରେଳଫାଟକରେ ଗେଟ ପଡିଥିବାବେଳେ ଗେଟ ଡେଇଁ ରେଳ ଧାରଣା ଅତିକ୍ରମ କରୁଥିଲା । ଠିକ ସେତିକିବେଳେ ପଶ୍ଚିମବଙ୍ଗରୁ ବାହାରି ବାରିପଦା ଅଭିମୁଖେ ଶାଲିମାର ଏକ୍ସପ୍ରେସ ଟ୍ରେନ ଯାଉଥିବାରୁ ଆଗ୍ରିଆ ରେଳ ଫାଟକ ବନ୍ଦ ରହିଥିଲା । ବିଶାଳ ଦନ୍ତାହାତୀ ବନ୍ଦ ରେଳଫାଟକର ପ୍ରଥମ ଗେଟ ଡେଇଁବାପରେ ଦ୍ୱିତୀୟ ଗେଟ ଡେଇଁବାକୁ ଉଦ୍ୟମ କରୁଥିବା ବେଳେ ଶାଲିମାର ଟ୍ରେନ ହର୍ଣ୍ଣ ବଜାଇଥିଲା । ଏହାପରେ ଦନ୍ତାହାତୀ ରେଳ ଫାଟକର ଦ୍ୱିତୀୟ ଗେଟ ଡେଇଁବା ପରିବର୍ତ୍ତେ ରେଳ ଧାରଣାରେ ବେତନଟୀ ମୁହାଁ ହୋଇଥିବା ବେଳେ ପଛରୁ ଟ୍ରେନ ଶକ୍ତ ଧକ୍କା ଦେଇଥିଲା । ଟ୍ରେନ ଧକ୍କାରେ ବିଶାଳ ଦନ୍ତାହାତୀ ଦୂରକୁ ଛିଟିକି ପଡିବା ସହିତ ଶୋଚନୀୟ ମୃତ୍ୟୁ ଘଟିଥିଲା । ଖବରପାଇ ମଧ୍ୟ ବିଳମ୍ବିତ ସମୟ ପର୍ଯ୍ୟନ୍ତ ବନବିଭାଗର କୌଣସି ଟିମ ଘଟଣା ସ୍ଥଳରେ ପହଞ୍ଚି ନଥିଲେ କ୍ଷ ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ପ୍ରାୟ ୧ଘଣ୍ଟା ପରେ ବେତନଟୀ ବନବିଭାଗ ଓ ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ କ୍ଷ ଶନିବାର ରାତି ହୋଇଥିବାରୁ ରବିବାର ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଡ଼ିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସିଏଫ ଶେଖ ମେହେରବାନ ଅଲ୍ଲୀ, ଡେପୁଟି ରେଞ୍ଜର ଧୃବେନ୍ଦ୍ର ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଭୁବନେଶ୍ୱରରୁ ଜେଟିଏଫର ଅଧିକାରୀ ସୌମ୍ୟରଞ୍ଜନ ସାହୁ ମଧ୍ୟ ଉପସ୍ଥିତ ଥିଲେ । ସରଜମିନ ତଦନ୍ତପରେ ବିଶାଳ ଦନ୍ତାହାତିର ମୃତଦେହକୁ ହାଇଡ୍ରା ସହାୟତାରେ ଉଦ୍ଧାର କରି ବାରିପଦା ଉପକଣ୍ଠ ମଞ୍ଚବନ୍ଧା ଜଙ୍ଗଲକୁ ନେଇ ବେତନଟୀ ବିଡିଓ ରଞ୍ଜନ କୁମାର ସେଠୀଙ୍କ ତତ୍ୱାବଧାନରେ ଭିଏସ ପାର୍ଥସାରଥୀ ଓ ରାକେଶ କୁମାର ସାହୁ ଶବ ବ୍ୟବଚ୍ଛେଦ କରିଥିଲେ ।

## ଶ୍ରୀସତ୍ୟ ସାଇ ସେବା ସଂଗଠନ ପକ୍ଷରୁ ଗଣ ଦୌଡ

ଭୁବନେଶ୍ୱର(ସବ୍ୁ୍ୟ): ଭୁବନେଶ୍ୱର ସୁସ୍ଥ ଭାରତ ଗଠନର ବାର୍ତ୍ତା ନେଇ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଦ୍ୱାରା "ରନ ଆଣ୍ଡ ରାଇଡ' ବା ଗଣ ଦୌଡ ଓ ସାଇକଲ ମାରାଥନ ଅନୁଷ୍ଠିତ ହୋଇଛି ।ୟୁନିଟ-୩ ସ୍ଥିତ ସାଇ ଜନନୀ ପ୍ରେକ୍ଷାଳୟରୁ ବାହାରି ଶତାଧିକ ଯୁବକ ଯୁବତୀ ବାଣୀବିହାର ଛକ ଦେଇ ପୁଣି ଏଇ କେନ୍ଦ୍ର ନିକଟରେ ପହଞ୍ଚି ଏଇ ଗଣ ଦୌଡକୁ ସଫଳ କରିଛନ୍ତି । ସତ୍ୟସାଇ ବାବାଙ୍କର ଜନ୍ମ ଶତବାର୍ଷିକ ଅବସରରେ ସର୍ବ ଭାରତୀୟ ସତ୍ୟସାଇ ସେବା ସଂଗଠନ ଓ ଭାରତ ସରକାରଙ୍କ ମିଳିତ ପ୍ରୟାସରେ ସାରା ଦେଶରେ ସୁସ୍ଥ ଭାରତ ଗଠନର ଲକ୍ଷ୍ୟ ନେଇ ଆୟୋଜିତ ହେଉଛି ରନ ଆଣ୍ଡ ରାଇଡ କାର୍ଯ୍ୟକ୍ରମ । ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲା ଠାରେ




ଏହାର ଆୟୋଜନ ରାଜ୍ୟ ସଂଗଠନ ତରଫରୁ କରାଯାଉଛି । ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ଯୁବ ବିଭାଗର ସଂଯୋଜକ ତୁଷାର କାନ୍ତ ନାଥ ଓ କୁମାରି ନୂତନ ନିଆଲ ଓ ଯୁଗ୍ମ ସଂଯୋଜକ ଅଞ୍ଜନି ପଟ୍ଟନାୟକ ଓ କୁମାରୀ ଅମ୍ରିତା ନାଥ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଂଗଠନର ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସେବାଦଳ କର୍ମୀମାନଙ୍କ ଦ୍ୱାରା ଆବଶ୍ୟକୀୟ ଥଣ୍ଡାପାଣି ଓ ମୃଦୁପାନୀୟ ବଣ୍ଟନ କରାଯାଇଥିଲା ।

## ବିୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ନିବେଦନ

# ଯୁକ୍ତିଯୁକ୍ତ ଅବକାରୀ ନୀତି ଗ୍ରହଣ ହେଉ

ଭୁବନେଶ୍ୱର, (ସବ୍ୁ୍ୟ): ଦେଶର ପ୍ରମୁଖ ବିୟର ନିର୍ମାତାମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଶୀର୍ଷ ସଂଗଠନ ବିୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବିଏଆଇ) ରାଜ୍ୟର ବିୟର ଶିଳ୍ପର ଅଭିବୃଦ୍ଧିକୁ ବଢାଇବା ପାଇଁ ଓଡ଼ିଶା ସରକାରଙ୍କୁ ସନ୍ତୁଳିତ ଅବକାରୀ ନୀତି ଗ୍ରହଣ କରିବାକୁ ଅନୁରୋଧ କରିଛି । ଆସନ୍ତା ଅବକାରୀ ନୀତି ୨୦୨୫–୨୬ରେ ସାମିଲ କରିବା ପାଇଁ ଅବକାରୀ ବିଭାଗକୁ ସଙ୍ଗଠନ ଏକ ବିସ୍ତୃତ ସୁପାରିଶ ଦାଖଲ କରିଛି। ଓଡ଼ିଶାରେ ପୂର୍ବାଞ୍ଚଳର ସର୍ବାଧିକ ପାଞ୍ଚଟି ବ୍ରୁଅରୀ ରହିଛି । ଏହାର ଉଷ୍ମ ଏବଂ ଆର୍ଦ୍ର ଜଳବାୟୁ ଏବଂ ଯୁବ ଜନସଂଖ୍ୟା ହେତୁ ଦୀର୍ଘଦିନ ଧରି ଏକ ଗୁରୁତ୍ୱପୂର୍ଣ୍ଣ ବିୟର ବଜାର ହୋଇରହିଛି। କିନ୍ତୁ ଗତ ବର୍ଷ ୧୫% କର ବୃଦ୍ଧି ପରେ ରାଜ୍ୟରେ ବିୟର ବିକ୍ରି ହ୍ରାସ ପାଇଛି। ଏହା ୨୦୨୪-୨୫ର ପ୍ରଥମ ତ୍ରୟମାସରେ ଗତ ବର୍ଷର ସମାନ ଅବଧି ତୁଳନାରେ

ପରିମାଣ ୨୫%ରୁ ଅଧିକ ହ୍ରାସ ପାଇଛି। ଏହି ଗ୍ରୀଷ୍ମ ଋତୁରେ ବିୟର ବିକ୍ରି ୨୭% ହ୍ରାସ ପାଇଥିବାବେଳେ, ଆସାମ (+୧୬୩%), ଆନ୍ଧ୍ରପ୍ରଦେଶ (+୧୨୦%), ଏବଂ ଉତ୍ତରପ୍ରଦେଶ (+୨୯%) ଭଳି ଅନ୍ୟ ରାଜ୍ୟଗୁଡ଼ିକ, ଯେଉଁମାନେ ଅଗ୍ରଗାମୀ କର ଏବଂ ବଣ୍ଟନ ସୁଧାର କାର୍ଯ୍ୟକାରୀ କରିଛନ୍ତି, ସେଠାରେ ଦୃଢ଼ ବୃଦ୍ଧି ଘଟିଛି । ବିଏଆଇ ବିୟର କରକୁ ଆଲକୋହଲ ପରିମାଣ ଅନୁଯାୟୀ ଯୁକ୍ତିଯୁକ୍ତ କରିବା, କମ୍ପୋଜିଟ୍ଆ ଉଟଲେଟ୍ ମାଧ୍ୟମରେ ଖୁଚୁରା ପ୍ରବେଶାଧିକାର ବୃଦ୍ଧି କରିବା, ମୁଦ୍ରାସ୍ଫୀତି-ସମ୍ପର୍କିତ ମୂଲ୍ୟ ସଂଶୋଧନ ଅନୁମତି ଦେବା, ଉତ୍ପାଦନ ଲେଭି ହ୍ରାସ କରିବା, ବିୟରର ଶେଲ୍ଫ ଲାଇଫ୍ ୯ ରୁ ୧୨ ମାସକୁ ବୃଦ୍ଧି କରିବା ଏବଂ ପିକ୍ ସିଜନ୍ସ ମୟରେ ଯୋଗାଣ ବାଧା ରୋକିବା ପାଇଁ ଓଏସବିସିଏଲ୍ ଗୋଦାମ କ୍ଷମତା ବୃଦ୍ଧି କରିବା ଭଳି ବିଭିନ୍ନ ସୁଧାର ପ୍ରସ୍ତାବ ଦେଇଛି ।

ବିନୋଦ ଗିରି, ଡାଇରେକ୍ଟର ଜେନେରାଲ୍, ବ୍ରୁଅର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ କହିଛନ୍ତି ଯେ, "ଓଡ଼ିଶାରେ ସନ୍ତୁଳିତ ଏବଂ ଦାୟିତ୍ୱପୂର୍ଣ୍ଣ ଆଲକୋହଲ ନୀତି ପାଇଁ ଭାରତରେ ଏକ ଆଦର୍ଶ ହେବାର ଅପାର ସମ୍ଭାବନା ରହିଛି । ଏକ ଯୁକ୍ତିଯୁକ୍ତ କର ଗଠନ ଏବଂ ବ୍ୟବସାୟ ସହଜତାର ଉନ୍ନତି ଉଲ୍ଲେଖନୀୟ ଅର୍ଥନୈତିକ ବୃଦ୍ଧିକୁ ମୁକ୍ତ କରିପାରିବ, ଅଧିକ ନିବେଶ ଆକର୍ଷଣ କରିପାରିବ ଏବଂ ନିଯୁକ୍ତି ସୃଷ୍ଟି କରିପାରିବ, ଯେତେବେଳେ ରାଜ୍ୟର ମଧ୍ୟମତା ଏବଂ ଉପଭୋକ୍ତା କଲ୍ୟାଣର ଉଦ୍ଦେଶ୍ୟକୁ ସମର୍ଥନ କରିବ । ସମସ୍ତ ଅଂଶୀଦାରମାନଙ୍କ ପାଇଁ ଏକ ଲାଭଜନକ ଫଳାଫଳ ହାସଲ କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ନିବିଡ଼ ଭାବେ କାର୍ଯ୍ୟ କରିବାକୁ ଆମେ ଆଗ୍ରହୀ ।" ସେ ଆହୁରି ଜୋର ଦେଇ କହିଛନ୍ତି ଯେ ବର୍ତ୍ତମାନର ଅସମାନତା—ଯେଉଁଠାରେ ଆଲକୋହଲର ପ୍ରତି ୟୁନିଟ୍ ତୁଳନାରେ ବିୟର ଆଇଏମ୍ଏଫ୍ଏଲ୍ ଅପେକ୍ଷା ପ୍ରାୟ ୪୦% ଅଧିକ କର ଲଗାଯାଏ—ଏକ ପରିସ୍ଥିତି ସୃଷ୍ଟି କରିଛି ଯାହା ଅନିଚ୍ଛାକୃତ ଭାବେ ବିୟର ଭଳି ମୃଦୁ ପାନୀୟ ଅପେକ୍ଷା କଠିନ ମଦ୍ୟ ସେବନକୁ ଉତ୍ସାହିତ କରୁଛି । ବିଏଆଇ ଓଡ଼ିଶାର ଆଲକୋହଲିକ୍ ବେଭରେଜ୍ ଇଣ୍ଡଷ୍ଟ୍ରିରେ ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବୃଦ୍ଧିକୁ ଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଭାଗୀଦାରୀ କରିବାକୁ ତା'ର ପ୍ରତିଶ୍ରୁତିକୁ ପୁନରାବୃତ୍ତି କରିଛି, ଯାହା ରାଜ୍ୟର ରାଜସ୍ୱ, ସାମାଜିକ ଦାୟିତ୍ୱ ଏବଂ ମଧ୍ୟମତାକୁ ପ୍ରୋତ୍ସାହିତ କରିବାର ଦୃଷ୍ଟିକୋଣ ସହ ସମାନ ରହିଛି ।

## ତାଙ୍କ ଉପଦେଶ ଆମକୁ ଉତ୍ସାହିତ କରୁଥିଲା କରୁଥିବ : ସୁଶାନ୍ତ ପଣ୍ଡା

କଟକ, (ସବ୍ୁ୍ୟ): ରୁଚି ମସଲାର ମୁଖ୍ୟ ତଥା ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ଶରତ ସାହୁଙ୍କ ବିୟୋଗରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଗଭିର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ସାରଙ୍କ ମୃତ୍ୟୁ ଖବର ଶୁଣି ମୁଁ ସ୍ତବ୍ଧ ହୋଇ ଯାଇଥିଲି । ସେ ଥିଲେ ଓଡିଶା ଶିଳ୍ପ ଜଗତର ଜଣେ ଉଜ୍ଜଳ ତାରକା । ଓଡିଶା ଶିଳ୍ପ ଜଗତରେ ଆଜି ଯେଉଁ ଶୁନ୍ୟସ୍ଥାନ ସୃଷ୍ଟି ହେଲା ତାହା ପୁରଣ ଆଉ ସମ୍ଭବ ନୁହେଁ । ସାରଙ୍କ ସହ ମିଶିବାର ସୁଯୋଗ ମତେ ଅନେକଥର ମିଳିଛି । ମସଲା ଉତ୍ପାଦନ କ୍ଷେତ୍ରରେ ରୁଚି ଓ ଭାରତ ମସଲା ଭିତରେ ବଜାରରେ ପ୍ରତିଦ୍ୱନ୍ଦିତା ଲାଗି ରହିଥିଲେ ହେଁ ଶରତ ସାର ଓ ମୋ ଭିତରେ କିନ୍ତୁ ନଥିଲା ଭେଦଭାବର ସଂଜ୍ଞା । ସେ ମତେ ବ୍ୟବସାୟ କ୍ଷେତ୍ରରେ ତିଷ୍ଠି ରହିବାକୁ କିଭଳି ଧୈର୍ଯ୍ୟର ସାହାରା ନେବାକୁ ପଡେ ପ୍ରତ୍ୟେକ ଆଲୋଚନା ବେଳେ ଉପଦେଶ ଦେଇଆସୁଥିଲେ । ଆଜି ତାଙ୍କ କମ୍ପାନୀ ଅଛି ଆମ କମ୍ପାନୀ ବି ଅଛି କିନ୍ତୁ ନାହାନ୍ତି ଶରତ ସାର । ହେଲେ ମୁରବୀ ହୋଇ ସେ ସିନା ଆଉ ମତେ, ଉପଦେଶ ଦେଇ ପାରିବେନି ତାଙ୍କର ଅଦୃଶ୍ୟ ଉପଦେଶ ଆମକୁ ଉତ୍ସାହିତ କରୁଥିଲା ଆଗକୁ ମଧ୍ୟ କରୁଥିବ । ସାରଙ୍କ ଏହି ଅସମୟ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଛଡା ମୋ ପାଖରେ ଆଉ କିଛିବି ଚାରା ନାହିଁ । ପବିତ୍ର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କୁ ଅଦୃଶ୍ୟ ଶକ୍ତି ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ସଚେତନତା ପଦଯାତ୍ରା




ଭୁବନେଶ୍ୱର, (ସବ୍ୁ୍ୟ): ସତର୍କତା ସଚେତନତା ସପ୍ତାହ ୨୦୨୫-ସତର୍କତା ଆମର ସହଭାଗୀ ଦାୟିତ୍ୱ ଅବସରରେ ଭୁବନେଶ୍ୱରସ୍ଥିତ ବ୍ୟାଙ୍କ ଅଫ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏହି ପଦଯାତ୍ରାର ଉଦ୍ଦେଶ୍ୟ ଥିଲା ଦାୟିତ୍ୱ ଓ ସଚେତନତା ସୃଷ୍ଟି କରିବା। ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ଉପସ୍ଥିତିରେ ଏହି ପଦଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ(ସି ଆଣ୍ଡ ଏ) ଭିଏମ୍ଏନ୍ଏସ୍ ସାଇବାବୁ, ଉପମହାପ୍ରବନ୍ଧକ(ବିଡି) ଶିବପଦ ନାୟକ, ଜେଡ୍ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଓ ଉପମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର, ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ।

# ୟୁକ୍ରେନର ଡ୍ରୋନ ଆକ୍ରମଣରେ ରୁଷ ବନ୍ଦର କ୍ଷତିଗ୍ରସ୍ତ

## ଜଳୁଛି ତେଲ ଟର୍ମିନାଲ

ମସ୍କୋ : ରୁଷ ଉପରେୟୁକ୍ରେନ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଛି । ରବିବାରୟୁକ୍ରେନ୍ ଏହି ଆକ୍ରମଣ କରିଛି, ଯେଉଁଥିରେ ବ୍ଲାକ୍ ସି'ରେ ଥିବା ତୁଆପ୍ସେ ପୋର୍ଟ ଧ୍ୱଂସ ହୋଇଛି । ରୁଷର ଏକ ତେଲ ଟର୍ମିନାଲ ମଧ୍ୟ ପ୍ରଭାବିତ ହୋଇଛି । ହେଲେ ରୁଷର ଏୟାର ଡିଫେନ୍ସୟୁନିଟ୍ କିନ୍ତୁ ଦାବି କରିଛି ଯେ,ୟୁକ୍ରେନର ଏହି ଆକ୍ରମଣକୁ ରୁଷ ବାୟୁମଣ୍ଡଳରେ ହିଁ ନଷ୍ଟ କରିଦେଇଛି



। ରିପୋର୍ଟ ମୁତାବକ, ରବିବାର ରାତିରେୟୁକ୍ରେନ୍ ବଡ଼ ଧରଣର ଡ୍ରୋନ୍ ଆଟାକ୍ କରିଥିଲା। ହେଲେ ରୁଷ କିନ୍ତୁ ୧୬୪ଟିୟୁକ୍ରେନର ଡ୍ରୋନକୁ ନଷ୍ଟ କରିଦେଇଥିଲା। ଅନ୍ୟପଟେ ୟୁକ୍ରେନର କହିବା କଥା ହେଲା, ଏହି ଆକ୍ରମଣରେ ତୁଆପ୍ସେ ପୋର୍ଟ ନଷ୍ଟ ହୋଇଛି ।

କ୍ରାସନୋଡାର ପ୍ରଶାସନ କହିଛି ଯେ, ଡ୍ରୋନ୍ ଭଗ୍ନାବଶେଷ ପଡ଼ିବା ଯୋଗୁଁ ବନ୍ଦରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି ଏବଂ ନିଆଁ ଲାଗିଛି । ତୁଆପ୍ସେ ତୈଳ ଟର୍ମିନାଲ ଏବଂ ରୋସନେଫଟ-ନିୟନ୍ତ୍ରିତ ତୁଆପ୍ସେ ତୈଳ ରିଫାଇନାରୀର ଘର ଚଳିତ ବର୍ଷ ଏକାଧିକ ବାର ଟାର୍ଗେଟ୍ କରାଯାଇସାରିଛି ।ହେଲେ ବର୍ତ୍ତମାନ ସମୟରେ ବନ୍ଦରର କେତେ ଭିତ୍ତିଭୂମି ନଷ୍ଟ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନି । ଜାଣିରଖିବା ଉଚିତ ଯେ, ଋଷର ପାୱାର ଗ୍ରୀଡ ଉପରେ ଆକ୍ରମଣର ପ୍ରତିଶୋଧ ନେବା ପାଇଁ କିଭ ରୁଷର ତୈଳ ବିଶୋଧନାଗାର, ଡିପୋ ଏବଂ ପାଇପଲାଇନ ଉପରେ ଆକ୍ରମଣ ବୃଦ୍ଧି କରିଛି ।

# ସୁପରମାର୍କେଟରେ ବିସ୍ଫୋରଣ: ଶିଶୁଙ୍କ ସମେତ ୨୩ ମୃତ

ନୂଆଦିଲ୍ଲୀ: ଶନିବାର ଦିନ ମେକ୍ସିକୋର ସୋନୋରାର ହର୍ମୋସିଲୋ ସହରରେ ଥିବା ୱାଲଡୋସ୍ ସୁପରମାର୍କେଟ୍ରେ ଏକ ବଡ଼ ବିସ୍ଫୋରଣ ଘଟି ଅତି କମରେ ୨୩ ଜଣଙ୍କର ମୃତ୍ୟୁ ହୋଇଛି । ଏପଟେ ୧୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅନେକ ଶିଶୁ ସାମିଲ ଅଛନ୍ତି। ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି ।ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ସହରର କେନ୍ଦ୍ରସ୍ଥଳରେ ଥିବା ଏକ ଡିପାର୍ଟମେଣ୍ଟଲ ଷ୍ଟୋରରେ ବିସ୍ଫୋରଣରେ ଚାରି ଜଣ ଶିଶୁଙ୍କ ସମେତ ଅତି କମରେ ୨୩ ଜଣଙ୍କର ମୃତ୍ୟୁ ହୋଇଛି। ଖବର ଅନୁଯାୟୀ, ସହରର କେନ୍ଦ୍ରସ୍ଥଳରେ ଥିବା ଏକ ଡିପାର୍ଟମେଣ୍ଟଲ ଷ୍ଟୋରରେ ମଧ୍ୟାହ୍ନ ସମୟରେ ବିସ୍ଫୋରଣ ଘଟିଥିଲା। ଏକ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ନିଆଁ ଶୀଘ୍ର କୋଠା ଏବଂ ନିକଟସ୍ଥ ଯାନବାହନକୁ ବ୍ୟାପି ଯାଇଥିଲା।




ସୋନୋରା ଅଧିକାରୀମାନେ ଆତଙ୍କବାଦୀ ଆକ୍ରମଣର ସମ୍ଭାବନାକୁ ଖାରଜ କରିଛନ୍ତି। କିଛି ଗଣମାଧ୍ୟମ ରିପୋର୍ଟରେ ଅଗ୍ନିକାଣ୍ଡକୁ ବିଦ୍ୟୁତ୍ ତ୍ରୁଟି ସହିତ ଯୋଡାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଦୋକାନ ଭିତରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏହି ଅଘଟଣର କାରଣ ହୋଇପାରେ । ପ୍ରାଥମିକ ଆକଳନରୁ ଏହା ଏକ ଦୁର୍ଘଟଣା ବୋଲି ସୂଚିତ ହେଉଛି। ତଦନ୍ତ ଜାରି ରହିଛି।

# ପୁଣି ପ୍ରଦୂଷିତ ହେଲା ଦିଲ୍ଲୀର ବାୟୁ

ନୂଆଦିଲ୍ଲୀ: ନଭେମ୍ବର ମାସ ଆରମ୍ଭ ହେବା ସହିତ, ପଞ୍ଜାବରେ ନଡ଼ା ପୋଡ଼ିବା ଘଟଣା ତୀବ୍ର ଭାବରେ ବୃଦ୍ଧି ପାଇଛି । ଅନେକ ସରକାରୀ କଟକଣା ସତ୍ତ୍ୱେ, ଚାଷୀମାନେ ଜାଳିବା ବନ୍ଦ କରିପାରୁ ନାହାଁନ୍ତି । ଶନିବାର ଦିନ, ପଞ୍ଜାବରେ ଗୋଟିଏ ଦିନରେ ୪୪୨ଟି ନଡ଼ା ପୋଡ଼ିବାର ଘଟଣା ରିପୋର୍ଟ ହୋଇଛି, ଯାହା ଏହି ଋତୁରେ ଗୋଟିଏ ଦିନରେ ସର୍ବାଧିକ ମାମଲା ।ଏହା ସହିତ, ପଞ୍ଜାବରେ ନଡ଼ା ପୋଡ଼ିବାର ମୋଟ ମାମଲା ସଂଖ୍ୟା ୨୦୮୪ ରେ ପହଞ୍ଚିଛି । ତଥାପି, ଗତ ବର୍ଷ ୨୦୨୪ ତୁଳନାରେ ଚଳିତ ବର୍ଷ ମାମଲା ପ୍ରାୟ ୪୧ ପ୍ରତିଶତ ହ୍ରାସ ପାଇଛି, ଯେତେବେଳେ ଗତ ବର୍ଷ ନଭେମ୍ବର ୧ ସୁଦ୍ଧା ରାଜ୍ୟରେ ୩୫୩୭ ନଡ଼ା ପୋଡ଼ିବା ଘଟଣା ରିପୋର୍ଟ କରାଯାଇଥିଲା ।ଚାଷୀମାନେ ନଡ଼ା ଜାଳିବା ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଏପର୍ଯ୍ୟନ୍ତ ୪୬୭ଟି ମାମଲାରେ ଏଫଆଇଆର ରୁଜୁ ହୋଇଛି । ୫୫୫ଟି ମାମଲାରେ ଚାଷୀଙ୍କ ଜମିର ରାଜସ୍ୱ ରେକର୍ଡରେ ରେଡ୍ ଏଣ୍ଟ୍ରି କରାଯାଇଛି ଏବଂ ୩୪.୦୫ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି ।

ପଞ୍ଜାବର ତରନତାରନ ଜିଲ୍ଲା ନଡ଼ା ଜାଳିବା ମାମଲା ତାଲିକାର ଶୀର୍ଷରେ ଅଛି, ଏହି ଋତୁରେ ଏପର୍ଯ୍ୟନ୍ତ ୪୨୩ଟି ମାମଲା ରିପୋର୍ଟ ହୋଇଛି । ସଂଗ୍ରୁରରେ ୩୮୯, ଅମୃତସରରେ ୨୧୨ ବଂ ଫିରୋଜପୁରରେ ୨୦୭ ମାମଲା ରିପୋର୍ଟ ହୋଇଛି ।କେବଳ ଗତ ୧୪ ଦିନ ମଧ୍ୟରେ, ପଞ୍ଜାବରେ ନଡ଼ା ପୋଡ଼ିବାର ୧,୭୮୪ଟି ମାମଲା ରିପୋର୍ଟ ହୋଇଛି । ଏହି କାରଣରୁ, ରାଜ୍ୟର ସହରଗୁଡ଼ିକର AQI ବିପଜ୍ଜନକ ସ୍ତରରେ ପହଞ୍ଚିଛି । ଖନ୍ନାରେ ୨୪୩, ଭଟିଣ୍ଡାରେ ୧୬୭, ଜଳନ୍ଧରରେ ୧୮୯, ଲୁଧିଆନାରେ ୧୭୭, ମଣ୍ଡି ଗୋବିନ୍ଦଗଡ଼ରେ ୨୧୨ ଏବଂ ପଟିଆଲାରେ ୨୧୬ AQI ରେକର୍ଡ କରାଯାଇଛି ।ରାଜଧାନୀର AQI ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ଏବଂ ଗମ୍ଭୀର ରହିଛି । ଅନେକ ନେତା ଦାବି କରିଛନ୍ତି ଯେ ପଞ୍ଜାବ ଏବଂ ହରିୟାଣାରେ ନଡ଼ା ପୋଡ଼ିବା ଦିଲ୍ଲୀର ବିଷାକ୍ତ ବାୟୁ ପାଇଁ ଦାୟୀ । ଦିଲ୍ଲୀର ଅନେକ ଅଞ୍ଚଳରେ AQI ୪୦୦ ଅତିକ୍ରମ କରିଛି, ଯାହା ଶ୍ୱାସକ୍ରିୟା ସମସ୍ୟା ଏବଂ ଆଖିରେ ଜ୍ୱଳନ ସୃଷ୍ଟି କରୁଛି ।

# ଶାସନରୁ ବେଦଖଲ ପଛରେ ଆମେରିକା, ପାକିସ୍ତାନର ହାତ

ନୂଆଦିଲ୍ଲୀ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଶାସନରୁ ବେଦଖଲ ହେବା ପରେ ପ୍ରଥମ ଥର ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ତାଙ୍କୁ ଶାସନ ଗାଦିରୁ ବିତାଡିତ କରାଯିବା ବିଦେଶୀ ଆତଙ୍କବାଦୀ ଷଡ଼ଯନ୍ତ୍ର ଥିଲା ବୋଲି କହିଛନ୍ତି। ଏଥି ପାଇଁ ସେ ସିଧାଶଳଖ ଆମେରିକା ଓ ପାକିସ୍ତାନକୁ ଦାୟି କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ ଏହି ଦୁଇ ଦେଶ ମିଳିତ ମୋତେ ଶାସନରୁ ବେଦଖଲ କରିବା ପାଇଁ ଛାତ୍ର ଆନ୍ଦୋଳନ ଆଢୁଆଳରେ ହିଂସା ଉସକାଇଥିଲେ।

ହସିନା 'ଦି ପ୍ରିଣ୍ଟ' କୁ ସାକ୍ଷାତକାରରେ କହିଛନ୍ତି ଯେ ବାଂଲାଦେଶରେ ଜୁଲାଇ-ଅଗଷ୍ଟରେ ହୋଇଥିବା ଛାତ୍ର ଆନ୍ଦୋଳନ କୌଣସି ଗଣତାନ୍ତ୍ରିକ ବିପ୍ଳବ ନଥିଲା ବରଂ ଆମେରିକା ଦ୍ୱାରା ରଚା ଯାଇଥିବା ଆତଙ୍କବାଦୀ ଆକ୍ରମଣ ଥିଲା, ଯାହାକୁ ପାକିସ୍ତାନ ସହଯୋଗରେ ସଫଳ କରାଯାଇଛି। ସେ କହିଛନ୍ତି ଯେ 'ଏହାକୁ ଆନ୍ଦୋଳନ କୁହ ନାହିଁ, ଏହା ବାଂଲାଦେଶ ଉପରେ ଆକ୍ରମଣ ଥିଲା। ମୋତେ କ୍ଷମତାରୁ ବେଦଖଲ କରିବାକୁ ଆମେରିକାର ଷଡ଼ଯନ୍ତ୍ର ଥିଲା, ଏହାକୁ ପାକିସ୍ତାନୀ ତାକତ ସଫଳ କରିଥଲେ ଓ ଛାତ୍ର ବିଦ୍ରୋହ ରୂପେ ଉପସ୍ଥାପନା କରାଯାଇଥିଲା'।

ପୂର୍ବତନ ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି ଯେ ଯେଉଁ ହତ୍ୟା ପାଇଁ ତାଙ୍କ ସରକାରଙ୍କୁ ଦାୟି କରାଯାଇଥିଲା ସେହି ସବୁ ହତ୍ୟା ପୋଲିସ ନୁହେଁ ଆତଙ୍କବାଦୀମାନେ କରିଥିଲେ। ଯାହା ଦ୍ୱାରା ତାଙ୍କ ବିରୋଧରେ ଜନତାଙ୍କୁ ଉସକା ଯାଇ ପାରିଲା। ଶେଖ ହସିନା ମହମ୍ମଦ ୟୁନୁସଙ୍କ ଉପରେ ମଧ୍ୟ ଗୁରୁତର ଅଭିଯୋଗ କରିଛନ୍ତି। କହିଛନ୍ତି ସେ ଆମେରିକା ଇଶାରାରେ ଷଡ଼ଯନ୍ତ୍ର କରିଥିଲେ ଓ ଫଣ୍ଡିଂ କରିଥିଲେ। ସେଖ ହସିନା କହିଛନ୍ତି ଯେ ଆମେରିକା ସେଣ୍ଟ ମାର୍ଟିନ ଦ୍ୱୀପ ଉପରେ ନିଜ ନିୟନ୍ତ୍ରଣ ଚାହୁଁଥିଲା। ହେଲେ ହସିନା ଅସ୍ୱୀକାର କରିବା ପରେ ତାଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର ରଚା ଯାଇଥିଲା।

ହସିନା କହିଛନ୍ତି ଯେ ମହମ୍ମଦ ୟୁନୁସ ତାଙ୍କ ମହତ୍ୱାକାଙ୍କ୍ଷା ପାଇଁ ବାଂଲାଦେଶକୁ ବରବାଦ କରୁଛନ୍ତି। ଏଥିରେ ହସିନା ପାକିସ୍ତାନକୁ ମଧ୍ୟ ଆକ୍ଷେପ କରିଛନ୍ତି କହିଛନ୍ତି ପାକିସ୍ତାନ ଚରମପନ୍ଥୀ ନେଟୱାର୍କକୁ ସମର୍ଥନ ଦେଇ ଆସୁଥିଲା ଓ ୧୯୭୧ ମସିହାରୁ ଚଳି ଆସୁଥିବା ହସ୍ତକ୍ଷେପ ପରମ୍ପରାର ଏହ ଅଂଶ ବିଶେଷ। ମହମଦ ୟୁନୁସଙ୍କ ଅନ୍ତରୀଣ ସରକାର ବାଂଲାଦେଶରେ ଆବାମୀ ଲିଗ୍ ର ଗତିବିଧି ନିଲମ୍ବନ କରିଥିବା ବେଳେ ପାର୍ଟିର ପଞ୍ଜିକରଣ ମଧ୍ୟ ରଦ୍ଦ କରିଦେଇଛନ୍ତି। ଏବେ ହସିନା ଓ ତାଙ୍କ ପାର୍ଟି ଅନେକ ଆଇନଗତ ମାମଲାର ସମ୍ମୁଖୀନ ହୋଇଛି।

ବାଂଲାଦେଶ ନିର୍ବାଚନ ଆୟୋଗ ଡିସେମ୍ବର ମାସରେ ସାଧାରଣ ନିର୍ବାଚନ ଘୋଷଣା କରିପାରେ। ସେନା ଓ ବିରୋଧୀ ଦଳଙ୍କ ଚାପରେ ଆଗାମୀ ବର୍ଷ ଫେବୃଆରୀ ସୁଦ୍ଧା ଦେଶରେ ନିର୍ବାଚନ କରାଇବାକୁ ୟୁନୁସ ପ୍ରତିଶ୍ରୁତି ଦେଇଛନ୍ତି। ଭୀଷଣ ବିରୋଧରେ ହସିନାଙ୍କୁ ଦେଶ ଛାଡିବାକୁ ପଡିଥିଲା। ସେତେବେଳକୁ ଦେଶରେ ୧,୪୦୦ ଲୋକଙ୍କ ମୃତ୍ୟୁ ହୋଇସାରିଥିଲା। ସରକାରୀ ଚାକିରୀରେ କୋଟାକୁ ନେଇ ଛାତ୍ର ବିରୋଧ ପ୍ରଦର୍ଶନ କରିଥିଲେ। ହେଲେ ଦେଖୁ ଦେଖୁ ଛାତ୍ର ଆନ୍ଦୋଳନ ହସିନାଙ୍କ ଇସ୍ତଫା ଦାବିରେ ପରିବର୍ତ୍ତି ହୋଇଯାଇଥିଲା। ସେନା ମୁଖ୍ୟ ୱାକର-ଉଜ-ଜମାନଙ୍କ ପରାମର୍ଶରେ ହସିନା ଦେଶ ଛାଡି ଭାରତ ଚାଲି ଆସିଥିବା ବେଳେ ସେବେଠାରୁ ଭାରତରେ ଅବସ୍ଥାନ କରୁଛନ୍ତି।

# ଉପସ୍ଥିତ ବୁଦ୍ଧି ହେତୁ ବର୍ତ୍ତିଗଲା ଜୀବନ

ନୂଆଦିଲ୍ଲୀ: ପର୍ଯ୍ୟଟନ ଋତୁ ଆସିଲେ ପିଲିଭିତ ବ୍ୟାଘ୍ର ସଂରକ୍ଷଣରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗିଥାଏ। ଚଳିତବର୍ଷ ପ୍ରଥମ ଦିନରେ ବ୍ୟାଘ୍ର ସଂରକ୍ଷଣରେ ପର୍ଯ୍ୟଟକଙ୍କୁ ବାଘ ଆକ୍ରମଣ କରିଥିବା ଘଟଣା ସାମ୍ନାକୁ ଆସିଛି। ବାଘ ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକଙ୍କ ମଧ୍ୟରେ କୋକୁଆ ଭୟ ଖେଳି ଯାଇଛି। ସୌଭାଗ୍ୟବଶତଃ ଏହି ଆକ୍ରମଣରେ ପର୍ଯ୍ୟଟକଙ୍କୁ ବିଶେଷ କିଛି କ୍ଷତି ପହଞ୍ଚି ନଥିବା ସୂଚନା ମିଳିଛି

ସୂଚନାଯୋଗ୍ୟ, ପିଲିଭିତ ବ୍ୟାଘ୍ର ସଂରକ୍ଷଣରେ ପର୍ଯ୍ୟଟକଙ୍କ ପାଇଁ ସଫାରିର ବେଶ ସୁବିଧା ରହିଛି। ଏହି ସଫାରି ଯୋଗେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶର ଭରପୂର ଆନନ୍ଦ ଉଠାଇଥାଆନ୍ତି ।ପୁରଣପୁରର ବାସିନ୍ଦା ନୀତିନ ଖଣ୍ଡେଲୱାଲ ପରିବାର ସହିତ ପର୍ଯ୍ୟଟନ ଋତୁର ପ୍ରଥମ ଦିନରେ ପିଲିଭିତ ବ୍ୟାଘ୍ର ସଂରକ୍ଷଣ ବୁଲିବାକୁ ଆସିଥିଲେ। ନୀତିନଙ୍କ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ସମେତ ନଅ ଜଣ ପର୍ଯ୍ୟଟକ ସଫାରି ଗାଡ଼ିରେ ବସି ଭ୍ରମଣରେ ବାହାରିଥିଲେ। ପିଟିଆର ମଧ୍ୟରେ ଅବସ୍ଥିତ ଚୁକା ବିଚ୍ ଛାଡିବା ପରେ ସଫାରି ଗାଡ଼ିଟି ଆଗକୁ ବଢ଼ିବା ପରେ ପର୍ଯ୍ୟଟକମାନେ ବୁଦାରେ ଲୁଚି ରହିଥିବା ଏକ ବାଘକୁ ଦେଖିବାକୁ ପାଇଥିଲେ। ଏହି ସମୟରେ ସଫାରି ଚାଳକ ଗାଡ଼ିକୁ ଅଟକାଇ ଦେଇଥିଲେ। କାରଣ ପର୍ଯ୍ୟଟକମାନେ ସ୍ପଷ୍ଟ ଭାବେ ବାଘକୁ ଦେଖି ପାରିବେ। କିନ୍ତୁ ଏଠାରେ ଏକ ଅଘଟଣ ଘଟିଯାଇଥିଲା। ବାଘଟି ହଠାତ ବୁଦା ଭିତରୁ ବାହାରି ପର୍ଯ୍ୟଟକ ବସିଥିବା ସଫାରି ଉପରକୁ ଆକ୍ରମଣ କରିଥିଲା। ସଫାରି ଚାଳକ ତୁରନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ିକୁ ଦ୍ରୁତ ଗତିରେ ଆଗକୁ ଗଡ଼ାଇ ନେଇଥିଲେ ।ପର୍ଯ୍ୟଟକ ନୀତିନ ଖଣ୍ଡେଲୱାଲ ଏହି ଘଟଣାକୁ ନେଇ କହିଛନ୍ତି, 'ବାଘର କ୍ରୋଧ ଏବଂ ଆକ୍ରମଣ ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲୁ। ଆମେ ଯେଉଁ ସଫାରି ଗାଡ଼ିରେ ବସିଥିଲୁ ତାହା ଯଦି ଛୋଟ ଗାଡ଼ି ହୋଇଥାନ୍ତା, ତେବେ ପର୍ଯ୍ୟଟକମାନେ ବିପଦରେ ପଡ଼ିବାର ସମ୍ଭାବନା ରହିଥିଲା।'

# ଚାଷୀଙ୍କ ସହ ମାଛ ଧରିଲେ ରାହୁଲ ଗାନ୍ଧି

ବେଗୁସରାୟ: ରାହୁଲ ଗାନ୍ଧି ବିହାର ବିଧାନସଭା ନିର୍ବାଚନ ପ୍ରଚାରରେ ରବିବାର ବେଗୁସରାୟରେ ରାଲିକୁ ସମ୍ବୋଧିତ କରିଛନ୍ତି। କାର୍ଯ୍ୟକ୍ରମ ପୂର୍ବରୁ ରାହୁଲଙ୍କୁ ଜଣେ ମାଛ ଚାଷୀଙ୍କୁ ପୋଖରୀରେ ପାରମ୍ପରିକ ମାଛ ଧରାରେ ସହାୟତା କରୁଥିବା ଦେଖା ଯାଇଛି। ଏହି କାର୍ଯ୍ୟରେ ତାଙ୍କ ସହ କହ୍ନେୟା କୁମାର ଓ ମୁକେଶ ସାହାଣୀଙ୍କୁ ମଧ୍ୟ ଦେଖା ଯାଇଛି। ଏହି ଭିଡିଓ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ବେଳେ ଏହା ଏବେ ଭାଇରାଲ ହୋଇଯାଇଛି।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏବେ ମହାମେଣ୍ଟ ପାଇଁ ବିହାରରେ ବିଧାନସଭା ନିର୍ବାଚନ ପ୍ରଚାର କରୁଛନ୍ତି। ଏହି ଅବସରରେ ରବିବାର ସେ ବେଗୁସରାୟରେ ଏକ ରାଲିକୁ ସମ୍ବୋଧିତ କରିବାକୁ ଯାଇଥିବା ବେଳେ ଏପରି କାମ କରିଛନ୍ତି ଯାହା ଏବେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନୀ ସଭାକୁ ଯିବା ରାସ୍ତାରେ ରାହୁଲ ମତ୍ସ୍ୟ ଚାଷ କରୁଥିବା ଚାଷୀଙ୍କ ସମୂହଙ୍କୁ ଭେଟିଥିଲେ ଓ ପୋଖରୀକୁ ଡେଇଁ ମାଛ ଧରୁଥିବା ଲୋକଙ୍କ ସହ ମିଶି ପାରମ୍ପରିକ ଭାବେ ମାଛ ଧରିଥିଲେ।



ରାହୁଲଙ୍କ ଏହି କାର୍ଯ୍ୟରେ ମହାମେଣ୍ଟର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶ ସାହାଣୀ ଓ କଂଗ୍ରେସ ଯୁବ ନେତା କହ୍ନେୟା କୁମାର ମଧ୍ୟ ସାମିଲ ହୋଇଥିଲେ, ଯାହା ମାଛ ଧରୁଥିବା ଲୋକଙ୍କୁ ବେଶ୍ ଉତ୍ସାହିତ କରିଥିଲା। କିଛି ଦିନ ପୂର୍ବରୁ ବିହାରରେ ରାଜନୈତିକ ଦଳ ସେମାନଙ୍କ ଘୋଷଣାପତ୍ର ଜାରି କରିଥିଲେ। ଏଥିରେ ମହାମେଣ୍ଟର ଘୋଷଣାପତ୍ର ମଧ୍ୟ ଜାରି ହୋଇଛି। ମହାମେଣ୍ଟ ମତ୍ସ୍ୟଜୀବୀଙ୍କ ନିମନ୍ତେ ଅନେକ ପ୍ରତିଶ୍ରୁତି ରଖିଛି। ଏହା ଛଡା ମହାମେଣ୍ଟର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶ ସାହାଣୀ ମତ୍ସ୍ୟ ଜୀବୀ ସମୁଦାୟଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିରେ ରାହୁଲଙ୍କ ମାଛ ଧରା ଏବେ ରାଜ୍ୟରେ ମଲ୍ଲା ଓ ନିଷାଦ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି।

ମହାମେଣ୍ଟ ମତ୍ସ୍ୟ ଜୀବୀଙ୍କୁ ଲିନ ପିରିୟଡ (ମାଛ ଧରା ନିଷିଦ୍ଧ ସମୟ)ରେ ପ୍ରତି ପରିବାର ୫ ହଜାର ଟଙ୍କା ସହାୟତାର ପ୍ରତିଶ୍ରୁତି ଦେଇଛି। ଏହା ଛଡା ରାଜ୍ୟରେ ମହାମେଣ୍ଟ ସରକାର ହେଲେ ମତ୍ସ୍ୟ ପାଳନ ବୀମା ଯୋଜନା ଓ ବଜାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମଧ୍ୟ ପ୍ରତିଶ୍ରୁତି ରହିଛି। ମାଛଧରା ପରେ ରାହୁଲ ଜନସମାବେଶକୁ ସମ୍ବୋଧିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି। କହିଛନ୍ତି ୧୯୭୧ ମସିହାରେ ଆମେରିକା ଇନ୍ଦିରା ଗାନ୍ଧିଙ୍କୁ ଧମକେଇଥିଲା। ହେଲେ ସେ ଡରି ଯାଇ ନଥିଲେ ଯାହା କରିବା କଥା କରି ଦେଖାଇଥିଲେ।


ହେଲେ ଆମେରିକା ରାଷ୍ଟ୍ରପତି ଯେବେ ନରେନ୍ଦ୍ର ମୋଦିଙ୍କୁ କହିଲେ ଅପରେସନ ସିନ୍ଦୂର ବନ୍ଦ କର ସେ ଦୁଇ ଦିନରେ ଅପରେସନ ରୋକି ଦେଇଛନ୍ତି। ଏଥିରୁ ଟ୍ରମ୍ପଙ୍କୁ ମୋଦି ଡରୁଥିବା ଜଣାପଡିଛି। କେବଳ ଟ୍ରମ୍ପ ନୁହେଁ ସେ ଆଦାନୀ ଓ ଅମ୍ବାନୀଙ୍କୁ ମଧ୍ୟ ଡରନ୍ତି ବୋଲି ରାହୁଲ ସମାବେଶରେ କହିଛନ୍ତି।

# ମୋ ଜମି, ମୋ ମନ୍ଦିର, ମୁଁ କାହିଁକି ପୋଲିସକୁ ସୂଚନା ଦେଇଥା'ନ୍ତି

ନୂଆଦିଲ୍ଲୀ: 'ମୁଁ ମୋ ଜମିରେ ମନ୍ଦିର ତିଆରି କରିଛି। ମୁଁ କାହିଁକି ପୁଲିସ ବା ପ୍ରଶାସନକୁ ସୂଚନା ଦେଇଥା'ନ୍ତି? ତୁମେ ମୋ ନାଁରେ ଏକାଧିକ ମାମଲା ରୁଜୁ କରିପାର। ମୋର ସେଥିରେ କିଛି କହିବାର ନାହିଁ' ଗତକାଲି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର କାଶୀବୁଗ୍ଗା ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଦଳାଚକଟା ଘଟଣାରେ ଜଣେ ଓଡ଼ିଆ ଯୁବତୀ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ଏହି ମନ୍ଦିରର ପ୍ରତିଷ୍ଠାତା ହରିମୁକୁନ୍ଦ ପଣ୍ଡା ଏଭଳି ପ୍ରତିକ୍ରିୟା ଦେଇଛନ୍ତି।

ସେ କହିଛନ୍ତି, ଗତକାଲି ଏକାଦଶୀ କାର୍ଯ୍ୟକ୍ରମ ପାଇଁ ମୁଁ ପ୍ରଶାସନକୁ ସୂଚନା ଦେଇ ନଥିଲି। ଆମ ମନ୍ଦିରରେ ସବୁବେଳେ ଅଳ୍ପ ଭିଡ଼ ହୁଏ। ଦର୍ଶନ ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଦିଆଯାଏ ଓ ତା'ପରେ ସେମାନେ ଫେରିଯା'ନ୍ତି। ମୁଁ ସେମାନଙ୍କୁ କିଛି ମାଗେ ନାହିଁ। ମୁଁ ପ୍ରସାଦ ମୋ ନିଜ ଅର୍ଥରେ ପ୍ରସ୍ତୁତ କରେ। କିନ୍ତୁ ଗତକାଲି ସକାଳ ୯ଟା ପରେ ହଠାତ୍ ଭିଡ଼ ବଢ଼ିଥିଲା। ଆମେ ଯେଉଁ ପ୍ରସାଦ ପ୍ରସ୍ତୁତ କରିଥିଲୁ, ତାହା ଶେଷ ହୋଇଯାଇଥିଲା। ଆମକୁ ଅଧିକ ପ୍ରସାଦ ତିଆରି କରିବାକୁ ସମୟ ମିଳିଲା ନାହିଁ। ଏକାଦଶୀରେ ଏତେ ଭିଡ଼ ହେବେ ବୋଲି ମୁଁ ଆଶା କରି ନଥିଲି।

ଦଳାଚକଟା ଘଟଣା ପରେ ଏହି ମନ୍ଦିରରେ ଅନେକଗୁଡ଼ିଏ ତଥ୍ୟ ସାମ୍ନାକୁ ଆସିଛି। ତିରୁମାଲାରେ ଥିବା ବିରାଟକାୟ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ



ମନ୍ଦିର ଢାଞ୍ଚାରେ ଏହାକୁ ନିର୍ମାଣ କରାଯାଇଛି। ଏହା ଚିନ୍ନା ତିରୁପତି ବା ମିନି ତିରୁପତି ଭାବେ ପରିଚିତ। କିନ୍ତୁ ମିନି ତିରୁପତି ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଗୋଟିଏ ହିଁ ରାସ୍ତା ଅଛି। ସେ ସଙ୍କୁଚିତ ଓ ଷ୍ଟିଲ୍ ବ୍ୟାରିକେଡ୍ ଘେରା ରାସ୍ତାରେ ଭକ୍ତମାନେ ମନ୍ଦିରକୁ ଯାଆନ୍ତି ଓ ଦର୍ଶନ କରି ଫେରନ୍ତି। ସେହିଭଳି ଗତକାଲି ମନ୍ଦିରରେ ସକାଳଠାରୁ ଭିଡ଼ ବଢ଼ିଥିବା ସତ୍ତ୍ୱେ ପ୍ରଶାସନକୁ କୌଣସି ସୂଚନା ଦିଆଯାଇନଥିଲା। ମନ୍ଦିରଟି ନିର୍ମାଣାଧୀନ ରହିଥିବା ବେଳେ ୪ ମାସ ତଳେ ଏହାକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଇଛି।

ଗତକାଲି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଥିଲେ ଯେ ଭିଡ଼ ସଂପର୍କରେ ଆଗୁଆ ସୂଚନା ପାଇଥିଲେ ପୁଲିସ ଏହାକୁ ପରିଚାଳନା କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରିଥା'ନ୍ତା। ଫଳରେ ଏଭଳି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥା'ନ୍ତା। ଏହି ଘଟଣା ପାଇଁ ଦାୟୀ ଲୋକଙ୍କୁ ନିଶ୍ଚିତ କଠୋର ଦଣ୍ଡ ମିଳିବ ବୋଲି କହିଥିଲେ।

# ଏବକଟ୍ ୟୁଏଇ ନାରା...

ନୂଆଦିଲ୍ଲୀ: ସଂଯୁକ୍ତ ଆରବ ଏମିରେଟ୍ସ (UAE) ବିରୋଧରେ ଏବେ କ୍ରୋଧ ଧିରେ ଧିରେ ବୃଦ୍ଧି ପାଉଛି । ବୟକଟ ଦୁବାଇ ହ୍ୟାସଟାଗ ଟ୍ରେଣ୍ଡ କରୁଛି । ହଜାର ହଜାର ଲୋକ ଦୁବାଇ ଏବଂ ଆବୁଧାବି ଯାତ୍ରା ଏଡାଇବାକୁ, ଏମିରେଟି ଉତ୍ପାଦ ବର୍ଜନ କରିବାକୁ ଏବଂ UAE ସହିତ ଜଡିତ କମ୍ପାନୀଗୁଡ଼ିକଠାରୁ ଦୂରେଇ ରହିବାକୁ ନିବେଦନ କରୁଛନ୍ତି। ହେଲେ କାହିଁକି?

କାରଣ ହେଉଛି ଗତ ଦୁଇ ବର୍ଷ ଧରି ସୁଡାନରେ ଚାଲିଥିବା ବିନାଶକାରୀ ଯୁଦ୍ଧ, ଯେଉଁଥିରେ UAE ବିଦ୍ରୋହୀ ଅର୍ଦ୍ଧସାମରିକ ବାହିନୀ ରାପିଡ୍ ସପୋର୍ଟ ଫୋର୍ସ (RSF)କୁ ସମର୍ଥନ କରିବାର ଅଭିଯୋଗ ଆଣିଛି। ସୁଡାନ୍ ସେନା (SAF) ଏବଂ RSF ମଧ୍ୟରେ ୨୦୨୩ ଏପ୍ରିଲରୁ ସୁଡାନ୍ ରେ ସଂଘର୍ଷ ଜାରି ରହିଛି। ସମ୍ପ୍ରତି, RSF ଉତ୍ତର ଦାରଫୁରର ରାଜଧାନୀ ଅଲ୍-ଫାଶେରକୁ କବଜା କରିଥିଲା। ଏହା ସରକାରୀ ବାହିନୀର ଶେଷ ଗଡ଼ ଥିଲା।

# ୧୪ ଦିନ ବିଚାରବିଭାଗୀୟ ହାଜତକୁ ଗଲେ ଅନନ୍ତ ସିଂହ

ପାଟନା: ପୂର୍ବତନ ବିଧାୟକ ତଥା ମୋକାମା ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂହଙ୍କୁ ରବିବାର ଏମପି, ଏମଏଲଏ କୋର୍ଟରେ ହାଜର କରାଯାଇଛି। ଅପର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅକ୍ଟୋବର ୩୦ ତାରିଖ ଦିନ ଜନସୁରଜ ପାର୍ଟି ସମର୍ଥକ ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ହୋଇଥିଲା। ଏହି ଅଭିଯୋଗରେ ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ମୋକାମାରେ ଦୁଲାରଚନ୍ଦଙ୍କ ହତ୍ୟା ମାମଲାରେ ପାଟନା ପୋଲିସ ଶନିବାର ବିଳମ୍ବିତ ରାତ୍ରିରେ ଅନନ୍ତ ସିଂହଙ୍କୁ ତାଙ୍କ ବାଢସ୍ଥିତ ଘରୁ ଗିରଫ କରିଥିଲା। ତାଙ୍କୁ ଗିରଫ କରାଯାଇଥିବା ନେଇ ଏସଏସପି କାର୍ତ୍ତିକେୟ କେ.ଶର୍ମା ପୁଷ୍ଟି କରିଥିଲେ। ମୋକାମାରୁ ଅନନ୍ତ ସିଂହଙ୍କୁ ଗିରଫ କରାଯିବା ପରେ ତାଙ୍କୁ ରାଜଧାନୀ ପାଟନା ଅଣାଯାଇଥିଲା। ତାଙ୍କୁ ରବିବାର ପୋଲିସ ଏମପି ଏମଏଲଏ କୋର୍ଟରେ ହାଜର କରିଥିବା ବେଳେ କୋର୍ଟ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛି।

ମୋକମାରେ ନଭେମ୍ବର ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ଶନିବାର ବିଳମ୍ବିତ ରାତ୍ରିରେ ଗିରଫ ହେବା ପୂର୍ବରୁ ଅନନ୍ତ ସିଂହ ଦିନ ତମାମ ନିର୍ବାଚନ ପ୍ରଚାର କରିଥିଲେ। ରାତିରେ ସେ ସମର୍ଥକଙ୍କ ସହ ବସିଥିବା ବେଳେ ଘରକୁ ପୋଲିସ ପହଞ୍ଚିଥିଲା। ଅନନ୍ତଙ୍କସହିତ ତାଙ୍କର ଦୁଇଜଣ ସେବାଦାରଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଗିରଫ ବେଳେ କୌଣସି ଅପ୍ରିତିକର ପରିସ୍ଥିତି ଆଶଙ୍କାରେ ପାଟନା ପୋଲିସ ୧୫୦ ଜଣିଆ ଏକ ମଜଭୁତ ପୋଲିସ ଫୋର୍ସ ନେଇ ପହଞ୍ଚିଥିଲା। ତେବେ ଅନନ୍ତ ସିଂହ ବିନା କୌଣସି ବିରୋଧରେ ପୋଲିସ ସହ ଘରୁ ଚାଲି ଆସିଥିଲେ।

ଅନନ୍ତ ସିଂହ ବିନା ରୋକଟୋକରେ ପୋଲିସ ସହ ଯିବାକୁ ଉଚିତ ମଣିଥିଲେ। ତେବେ ଏସଏସପି କାର୍ତ୍ତିକେୟନ କହିଛନ୍ତି ଯେ ପୋଲିସ ରିମାଣ୍ଡରେ ଆଣି ଅନନ୍ତ ସିଂହଙ୍କୁ ପଚରା ଉଚରା କରିବ। ଅନନ୍ତଙ୍କ ସହିତ ଲଦମାର ରଞ୍ଜୀତ



ରାମ ଓ ମଣିକାନ୍ତ ଠାକୁରଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ଏବେ ଅନନ୍ତଙ୍କ ଦୁଇ ପୁତୁରା କର୍ମବୀର ଓ ରାଜବୀରଙ୍କ ସମେତ ଛୋଟେନ ଏବଂ ଅନ୍ୟ ଅଭିଯୁକ୍ତଙ୍କ ଗିରଫ ପାଇଁ ଚଢଉ ଜାରି ରଖିଛି। ପୋଲିସର କହିବା କଥା ହେଉଛି ଦୁଲାରଚନ୍ଦଙ୍କ ହତ୍ୟା ବେଳେ ଘଟଣାସ୍ଥଳରେ ଅନନ୍ତ ସିଂହ ଥିଲେ। ତେବେ ଦୂଲାରଙ୍କ ଉପରେ ଗାଡି କିଏ ଚଢାଇଲା ଓ ଗୁଳି କିଏ କଲା ତାହା ସ୍ପଷ୍ଟ ହୋଇ ନାହିଁ।

# ବିକଶିତ ରାଷ୍ଟ୍ରର ମୂଳଦୁଆ ହେଉଇଛନ୍ତି ଯୁବ ପୀଢ଼ି : ଆର୍ମି ଚିଫ୍

ନୂଆଦିଲ୍ଲୀ : ଯୁବ ଶକ୍ତି ହେଉଛି ଭାରତର ଅନନ୍ୟ ପରିଚୟ । ବିଶ୍ୱରେ ଭାରତକୁ ସବୁଠାରୁ ଯୁବ ଦେଶ ଭାବରେ ଗଣାଯାଏ । ଏପରି କହି ଆର୍ମି ଚିଫ୍ ଉପେନ୍ଦ୍ର ଦ୍ୱିବେଦୀ । ଭାରତର ଯୁବପୀଢ଼ି ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି କହିଛନ୍ତି ।ନୂତନ ପିଢ଼ି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ, ସାମାଜିକ ଭାବରେ ସଚେତନ ଏବଂ ଦୁନିଆ ସହିତ ଜଡ଼ିତ । ଏହି ପୀଢ଼ି ଭାରତକୁ ଭବିଷ୍ୟତରେ ନୂତନ ଉଚ୍ଚତାକୁ ନେଇଯିବ ଏବଂ ବିକଶିତ ରାଷ୍ଟ୍ରର ସ୍ୱପ୍ନ ପୂରଣ କରିବ । ମଧ୍ୟପ୍ରଦେଶର ରିୱାରେ ଟିଆରଏସ କଲେଜରେ ଏକ କାର୍ଯ୍ୟକ୍ରମରେ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଆଜି ଯୁବପୀଢ଼ି ସବୁଆଡେ ଅଛନ୍ତି । ଭାରତରେ ଏମାନଙ୍କ ଜନସଂଖ୍ୟା ଦୁନିଆରେ ସବୁଠାରୁ ଅଧିକ । ଏପରିକି ଭାରତୀୟ ସେନା



ମଧ୍ୟ ସଂଖ୍ୟା ଦୃଷ୍ଟିରୁ ଏମାନଙ୍କଠାରୁ ପଛରେ ଅଛି । ଏହି ପୀଢ଼ି ଡିଜିଟାଲ ଭାବରେ ବହୁତ ଆଗରେ , ବୈଷୟିକ ଦୃଷ୍ଟିରୁ ଉନ୍ନତ ଏବଂ ସାମାଜିକ ଭାବରେ ସଚେତନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୁନିଆରେ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ଯୁବପୀଢ ସବୁବେଳେ ଅପଡେଟ୍ ରୁହନ୍ତି । ସେ କହିଛନ୍ତି ଯେ ଯଦି ଏହି ଶକ୍ତିକୁ ଅନୁଶାସନ, ସମର୍ପଣ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ଦିଗରେ ଆଗେଇ ନିଆଯାଏ, ତେବେ ଦେଶର ଅନେକ ପୀଢ଼ି ଆଗକୁ ବଢ଼ିପାରିବ । ଏହାସହ ଭାରତକୁ ବିକଶିତ ରାଷ୍ଟ୍ର ହେବାରୁ କେହି ରୋକିପାରିବେ ନାହିଁ ।

ସେ ଆହୁରି ମଧ୍ୟ କହିଛନ୍ତି , ଫେକ୍ ନ୍ୟୁଜ୍ ଯୁଗରେ ସଠିକ୍ ସୂଚନା ଆସିବା ଏକ ବଡ଼ ଯୁଦ୍ଧରେ ପରିଣତ ହୋଇଛି । ସେ ଅପରେସନ ସିନ୍ଦୂରର ଉଦାହରଣ ଦେଇ କହିଥିଲେ ଯେ କିପରି କରାଚି ଉପରେ ଆକ୍ରମଣର ଗୁଜବ ହଇଚଇ ସୃଷ୍ଟି କରିଥିଲା । ଏହିପରି ଖବର ଆମକୁ ମଧ୍ୟ ଭ୍ରମିତ କରିଛି । ଆଜିକାଲି ସୁରକ୍ଷାର ଏହି ଜଟିଳତା ରହିଛି । ଏହାକୁ ଦୃଷ୍ଟିରେ ରଖି ଭାରତକୁ ଏବେ ଭୂମି, ଆକାଶ, ସମୁଦ୍ର ଏବଂ ମହାକାଶ ଚାରିଟି ଯାକ ସ୍ଥାନରେ ସୁରକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ।

ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଆଜିର ସୁରକ୍ଷା ଚ୍ୟାଲେଞ୍ଜ କେବଳ ସୀମା ବା ଆତଙ୍କବାଦ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ସାଇବର ଓ୍ୱାର, ମହାକାଶ ଯୁଦ୍ଧ, ରାସାୟନିକ ଓ ଜୈବିକ ବିପଦ ଏବଂ ସୂଚନା ଯୁଦ୍ଧ ଭଳି ନୂଆ ଦିଗ ଯୋଡ଼ି ହୋଇଛି । ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ ଆମକୁ ଏକ ଏପରି ପୀଢ଼ି ଦରକାର, ଯିଏ ତୀକ୍ଷ୍ଣ, ସଚେତନ, ବୈଷୟିକ ଦୃଷ୍ଟିରୁ ସକ୍ଷମ ହେବ ଏବଂ ଯୁବପୀଢିଙ୍କ ସେହିପରି ଅଟେ । ସେ କହିଛନ୍ତି ଯେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର କରିବାର ସ୍ୱପ୍ନ ସେତେବେଳେ ହିଁ ପୂରଣ ହେବ, ଯେତେବେଳେ ଯୁବପୀଢିଙ୍କକୁ ଅନୁଶାସନ, ସମର୍ପଣ ଏବଂ ରାଷ୍ଟ୍ରଭକ୍ତି ସହିତ ଆଗକୁ ବଢ଼ାଯିବ ।

# ରଣଜୀ ଟ୍ରଫି 〉 ଫଲୋଅନ୍ ଏଡାଇବାକୁ ଓଡିଶାର ସଂଘର୍ଷ



ଭୁବନେଶ୍ୱର, ୨।୧୧(ସବ୍ୟୁ) : ରଣଜୀ ଟ୍ରଫିର ଏଲିଟ୍ ଗ୍ରୁପ୍ ଏ ମ୍ୟାଚରେ ଆନ୍ଧ୍ର ସହ ଲଢୁଛି ଓଡିଶା । ଐତିହାସିକ ବାରବାଟୀରେ ଖେଳାଯାଉଥିବା ମ୍ୟାଚର ଦ୍ୱିତୀୟ ଦିନ ସୁଦ୍ଧା ଓଡିଶାର ସ୍ଥିତି ଦୟନୀୟ ରହିଛି । ପ୍ରଥମ ଇନିଂସରେ ଆନ୍ଧ୍ର ସେକ୍ ରସିଦଙ୍କ ଅପରାଜିତ ୧୪୦ ରନ୍ ସହାୟତାରେ ୧୨୩.୧ ଓଭରରେ ୪୭୫/୭ ରନ୍‌ରେ ପାଳି ଘୋଷଣା କରିଥିଲା । ଦ୍ୱିତୀୟ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡିଶା ୨୯ ଓଭରରେ ୪ ୱିକେଟ୍ ହରାଇ ୮୦ ରନ୍ କରିଛି । ପୂର୍ବ ଦୁଇଟି ମ୍ୟାଚ୍ ଭଳି ଏଥର ମଧ୍ୟ ପୁଣି ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇଛି ଓଡିଶା । ଗୌରଭ ଚୌଧୁରୀ ୪୮, ସନ୍ଦୀପ ପଟ୍ଟନାୟକ ଅପରାଜିତ ୨୪ ରନ୍ କରିଥିବା ବେଳେ ଓପନର ସ୍ୱସ୍ତିକ ସାମଲ ଖାତା ଖୋଲି ପାରିନାହାଁନ୍ତି । ବାଦଲ ବିଶ୍ୱାଳ ୧, ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ଓ ଗୋବିନ୍ଦ ପୋଦାର ଅପରାଜିତ ୧ ରନ୍ କରିଛନ୍ତି । ଫଲୋଅନ୍ ଏଡାଇବା ପାଇଁ ଓଡିଶାର ସଂଘର୍ଷ ଜାରି ରହିଛି ।

ଆନ୍ଧ୍ରର ପ୍ରଥମ ପାଳିରେ ପ୍ରଭାବଶାଳୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଓପନର ଅଭିଶେକ ରେଡ୍ଡୀ ୬୬, ୱିକେଟ୍ ରକ୍ଷକ ଶ୍ରୀକର ଭରତ ୯୩ ରନ୍, ଶେକ୍ ରସିଦ ଅପରାଜିତ ୧୪୦, କରନ୍ ସିନ୍ଧେ ୩୨, କେଭି ସଶିକାନ୍ତ ୪୬, ସୌରଭ କୁମାର ୬୯ ରନ୍‌ର ଇନିଂସ ଖେଳିଥିଲେ । ତେଣୁ ଆନ୍ଧ୍ର ୧୨୩.୧ ଓଭରରେ ୭ ୱିକେଟ୍ ହରାଇ ୪୭୫ ରନ କରିଥିବା ବେଳେ ପାଳି ଘୋଷଣା କରିଥିଲା । ଦ୍ୱିତୀୟ ଦିନ ପାଖାପାଖି ଦୁଇଟି ଅଧିବେଶସ ବ୍ୟାଟିଂ କରିଥିଲେ ଆନ୍ଧ୍ର ଖେଳାଳି । ଓଡିଶାର ସମ୍ବିତ ବରାଳ ଓ ଗୋବିନ୍ଦ ପୋଦାରଙ୍କୁ ଦୁଇଟି ଲେଖାଏଁ ତଥା ରାଜେଶ ମହାନ୍ତି, ତାରିଣୀ ସ ଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା । ମ୍ୟାଚର ଆଉ ଦୁଇ ଦିନ ଖେଳ ବାକି ଥିବାରୁ ଆନ୍ଧ୍ର ଇନିଂସ ଅଗ୍ରଣୀ ସହ ପୂର୍ଣ୍ଣ ସଂଖ୍ୟକ ପଏଣ୍ଟ ହାତେଇବା ଲକ୍ଷ୍ୟରେ ଖେଳିବ ।

# ତୃତୀୟ ଟି -୨୦ : ଜିତିଲା ଭାରତ

ହୋବର୍ଟ, ୨।୧୧(ଏଜେନ୍ସି) : ଅଷ୍ଟ୍ରେଲିଆ ବିପକ୍ଷ ଟି -୨୦ ଶୃଙ୍ଖଳାର ତୃତୀୟ ମ୍ୟାଚରେ ଭାରତ ୫ ୱିକେଟ୍ ଜମାଣିଆ ବିଜୟ ଲାଭ କରିଛି । ସବୁ ଖେଳାଳିଙ୍କ ଉଚିତ ଯୋଗଦାନ ଯୋଗୁଁ ଭାରତ ମ୍ୟାଚ ଜିତିବା ସହ ଶୃଙ୍ଖଳାକୁ ୧-୧ ସ୍ଥିତିକୁ ଆଣିଛି । ହୋବର୍ଟରେ ଖେଳାଯାଇଥିବା ମ୍ୟାଚରେ ଅଷ୍ଟ୍ରେଲିଆ ଟିମ୍ ଡେଭିଡଙ୍କ ୭୪ ଓ ମାର୍କସ ଷ୍ଟୋଇନିସଙ୍କ ୬୪ ରନ୍ ବଳରେ ୬ ୱିକେଟ୍ ହରାଇ ୧୮୬ ରନ୍ କରିଥିଲା । ଜବାବରେ ୱାଶିଂଟନ୍ ସୁନ୍ଦରଙ୍କ ବିସ୍ଫୋରକ ୪୯ ରନ୍ ସହ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ରନ୍ ବଳରେ ଭାରତ ୧୮.୩ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ ଜିତି ନେଇଛି । ଆଗାମୀ ୬ ତାରିଖରେ ଚତୁର୍ଥ ମ୍ୟାଚ୍ ଖେଳାଯିବ ।

୧୮୭ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୩୩ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା । ଅଭିଶେକ ଶର୍ମା ୨୫ ରନ୍ କରି ଆଉଟ୍ ହୋଇଥିଲେ । ଶୁଭମନ୍ ଗିଲ୍ ୧୫, ସୂର୍ଯ୍ୟକୁମାର ଯାଦବ ୨୪, ତିଲକ ବର୍ମା ୨୯, ଅକ୍ଷର ପଟେଲ ୧୭ ତଥା ମଧ୍ୟ କ୍ରମରେ ୱାଶିଂଟନ ସୁନ୍ଦରଙ୍କ ୨୩ ବଲରୁ ୪୯ ରନ୍ ଓ ଜିତେଶ ଶର୍ମା ୧୩ ବଲରୁ ୨୨ ରନ କରି ଦଳକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିଲେ । ୱାଶିଂଟନ୍ ଏହି ୪୯ ରନ୍‌ର ଇନିଂସରେ ୩ ଟି ଚୌକା ଓ ୪ ଟି ଛକା ମାରିଥିଲେ । ତେଣୁ ଭାରତ ୯ ଟି ବଲ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା । ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଭାରତ ହାରିଥିଲା । ପୁଣି ତୃତୀୟ ମ୍ୟାଚରେ ଭାରତ ବିଜୟ ଲାଭ କରି ଶୃଙ୍ଖଳାକୁ ୧-୧ରେ କରିଛି । ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଟିମ୍ ଡେଭିଡ୍ ସର୍ବାଧିକ ୭୪ ରନ୍, ମାର୍କସ ଷ୍ଟୋଇନିସ ୬୪ , ମାଥ୍ୟୁ ସର୍ଟ ୨୬ ଓ ଜାଭିଏର୍ ବାର୍ଟଲେଟ୍ ୩ ରନ୍ କରିଥିଲେ । ଭାରତର ଅର୍ଶଦୀପ ସିଂଙ୍କୁ ୩ ଟି, ବରୁଣ ଚକ୍ରବର୍ତ୍ତୀଙ୍କୁ ୨ ଟି ଓ ଶିବମ୍ ଦୁବେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।




# ଅନୁଗୁଳରେ ଉତ୍ତର କେନ୍ଦ୍ରୀୟ ରେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଅନୁଗୁଳ, (ସବ୍ୟୁ) : ଆଜି ଅନୁଗୁଳର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ସତ୍ୟବ୍ରତ ଭୋଇ, ଆଇପିଏସ, ପୋଲିସ ମହାନିରୀକ୍ଷକ, ଉତ୍ତର କେନ୍ଦ୍ରୀୟ ରେଞ୍ଜ, ତାଳଚେର ଦ୍ୱାରା ପ୍ରଥମ ଉତ୍ତର କେନ୍ଦ୍ରୀୟ ରେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିଲା । ଏହି ସମାରୋହରେ ଅନୁଗୁଳର ପୋଲିସ ଅଧିକ୍ଷକ ରାହୁଲ ଜୈନ,ଢେଙ୍କାନାଳର ପୋଲିସ ଅଧିକ୍ଷକ ଅଭିନବ ସୋନକର, ଦେବଗଡ଼ର ପୋଲିସ ଅଧିକ୍ଷକ ଅନିଲ କୁମାର ମିଶ୍ର; ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଆଣ୍ଡ ପି) ସଚ୍ଚିଦାନନ୍ଦ ଜେନା ଏସପି ପିଟିସି ଅନୁଗୁଳ, ଡେପୁଟି କମାଣ୍ଡାଣ୍ଟ, ସିଆଇଏସଏଫ,ଏବଂ ଉତ୍ତର କେନ୍ଦ୍ରୀୟ ରେଞ୍ଜର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ମହାନ କାର୍ଯ୍ୟକ୍ରମରେ ୧୩ ଜଣିଆ ଡବଲ୍ସ ଏବଂ ୧୦ ଜଣ ମହିଳା ଡବଲ୍ସ ସମେତ ମୋଟ ୮୩ଟି ଦଳ ଅଂଶଗ୍ରହଣ କରିଥିଲେ । ଦେବଗଡ଼, ଢେଙ୍କାନାଳ, ଅନୁଗୁଳ ଜିଲ୍ଲା, ସିଆଇଏସଏଫ ଏବଂ ଓଆଇଏସଏଫର ଦଳ ଦୁଇ ଦିନିଆ ଉତ୍ସାହୀ ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଚାଲିଥିବା ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ସମର୍ଥନ କରେ ।

ଟୁର୍ଣ୍ଣାମେଣ୍ଟର ଆରମ୍ଭରେ ଏସପି ଅନୁଗୁଳ ଏବଂ ଏସପି ଢେଙ୍କାନାଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ନାମେଣ୍ଟଟି ଅନୁଗୁଳ ଜିଲ୍ଲା ପୋଲିସ ଦ୍ୱାରା NALCO ଏବଂ JSPL ର CSR ସହାୟତାରେ ସତ୍ୟବ୍ରତ ଭୋଇ, ଆଇପିଏସ ଏବଂ ରାହୁଲ ଜୈନ, ଅନୁଗୁଳ ଏସପିଙ୍କ ମାର୍ଗଦର୍ଶନରେ ଆୟୋଜିତ ହେଉଛି ।

## ଓଡିଶା ସଫ୍ଟ ଟେନିସ୍ ଦଳର ଜମ୍ମୁ କାଶ୍ମିର ଗସ୍ତ

ଭୁବନେଶ୍ୱର, ୨।୧୧(ସବ୍ୟୁ) : ଜମ୍ମୁ କାଶ୍ମିରର ଶ୍ରୀନଗରରେ ୨୨ ତମ ଜାତୀୟ ସଫ୍ଟ ଟେନିସ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି । ଓଡିଶା ଦଳରେ ଅଧିନାୟକ ଅଜିତ ଶବର, ମହମ୍ମଦ ଅମନ, ରଜତ କୁମାର ରଇତା, ବଳଦେବ କିଶାନୀ, ସଂଗ୍ରାମ ଦଳେଇ, ପ୍ରମୁଖ ରହିଛନ୍ତି । ପ୍ରଶିକ୍ଷକ ଭାବେ ଏମ୍‌ଡି ଆଜମ୍ ଦଳ ସହ ଯାତ୍ରା କରିଛନ୍ତି । ଓଡିଶା ଦଳକୁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରଞ୍ଜନ କୁମାର ନନ୍ଦ, ଦିଲ୍ଲୀପ କୁମାର ମହାନ୍ତି, ନର୍ଭୟ କୁମାର ସାମନ୍ତରାୟ , ଟିଟନ ସାହୁ, ଶକ୍ତି ରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା, ବାସୁଦେବ ଓଝା, ଗୌତମ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ

## ଭିଏନ ଜୋନ - ଏଚ ଚାମ୍ପିଅନ

ବ୍ୟାସନଗର, ୨।୧୧(ସବ୍ୟୁ) : ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜୋନ - ଏଚର ଫାଇନାଲ ମ୍ୟାଚ ବି. ଆର. ଏମ. ଭୁବନ ଓ ବ୍ୟାସନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୮ ଉଇକେଟରେ ବ୍ୟାସନଗର ଚମ୍ପିୟାନ ହୋଇଥିଲେ । ଟସରେ ବିଜୟୀ ହୋଇ ଭି.ଏ ନ . ପ୍ରଥମେ ଫିଲଡିଂ କରିବାର ନିଷ୍ପତି ନେଇଥିଲେ । ଆମନ୍ତ୍ରଣ ପାଇ ବି. ଆର. ଏମ. ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୬୫ରନ କରିଥିଲେ । ଭି.ଏନ. ର ଅନିକେତ ଧୀର ୪ଟି ଉଇକେଟ ନେଇଥିଲେ । ଏହାର ଜବାବରେ ମାତ୍ର ୧୧୧ ଓଭରରେ ୨ୱିକେଟ୍ ହରାଇ ୬୬ ରନ କରି ବିଜୟୀ ହୋଇଥିଲେ । ଦଳ ତରଫରୁ ଶୁଭମ ସିଂ ୧୯ ଓ ଅନିକେତ ଧୀର ୧୬ରନ କରିଥିଲେ । ଅଲ୍‌ରାଉଣ୍ଡର ସଫଳତା ପାଇଁ ଭି. ଏନ. ର ଅନିକେତ ଧୀରଙ୍କୁ ତେଜ ହୋଣ୍ଡା ପ୍ରଦତ୍ତ ମ୍ୟାନ ଅଫ ଦ ମ୍ୟାଚ ଓ ଚମ୍ପିୟାନ ଓ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା ।

## ପଞ୍ଚମ ଇଷ୍ଟ ଇଣ୍ଡିଆ କରାଟେ

## ୭୪ ସ୍ୱର୍ଣ୍ଣ ସହ ଓଡିଶା ପ୍ରଥମ




ଭୁବନେଶ୍ୱର, ୨।୧୧ (ସବ୍ୟୁ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ପଞ୍ଚମ ଇଷ୍ଟ ଇଣ୍ଡିଆ କରାଟେ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡିଶା ୭୪ ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି । ଓଡିଶା ସହ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆଣ୍ଡାମାନ ଓ ନିକୋବରରୁ ପ୍ରାୟ ୭୦୦ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ଓଡିଶା ଦଳ ମୋଟ ୭୪ ଟି ସ୍ୱର୍ଣ୍ଣ, ୫୭ ଟି ରୌପ୍ୟ ଓ ୭୬ ଟି ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି । ପଶ୍ଚିମବଙ୍ଗ ୪୩ ଟି ସ୍ୱର୍ଣ୍ଣ, ୫୫ ଟି ରୌପ୍ୟ ଓ ୮୬ ଟି ବ୍ରୋଞ୍ଜ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି । ବିହାର ୧୩ ଟି ସ୍ୱର୍ଣ୍ଣ, ୯ ଟି ରୌପ୍ୟ ଓ ୧୪ ଟି ବ୍ରୋଞ୍ଜ ପଦକ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଛି । ଉଦ୍‌ଯାପନୀ ଉତ୍ସବରେ ଓଡିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପୂର୍ବାଞ୍ଚଳ କରାଟେ ସଂଘ ସଭାପତି ପ୍ରେମଜିତ ସେନ୍, ହରିପ୍ରସାଦ ପଟ୍ଟନାୟକ, ଗୌରୀ ମହାନ୍ତି, କାଳିପ୍ରସାଦ ନନ୍ଦ, ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ ।

# ଗଲ୍ଫ ପ୍ରେମରେ ହକି ଲିଜେଣ୍ଡସ୍

# ଅବସର ପରେ ଖେଳାଳିଙ୍କ ସାହାରା ସାଜୁଛି ଗଲ୍ଫ

୮୦ ଦଶକର ହକି ଲିଜେଣ୍ଡସ୍ ଏବେ ଗଲ୍ଫ ପ୍ରେମରେ । ଗୋଲକିପରରୁ ଟିମ୍ ଇଣ୍ଡିଆର କୋଚ୍ ତଥା ଗଲ୍ଫରେ ନିଜକୁ ପରଖି ଆତ୍ମ ତୃପ୍ତି ଲାଭ କରିଛନ୍ତି । ୧୯୮୨ ଏସିଆନ୍ ଗେମ୍ସର ଫାଇନାଲ ପରାଜୟ ତାଙ୍କ ମନରେ ଏବେ ବି ଉଙ୍କି ମାରୁଛି । ପାକିସ୍ତାନ ନିକଟରୁ ଶୋଚନୀୟ ଭାବେ ଟିମ୍ ଇଣ୍ଡିଆ ହାରିଥିଲା । ଦୁଃଖଦ ମୁହୂର୍ତ୍ତକୁ ଏବେ ବି ପାଶୋରୀ ନାହାଁନ୍ତି ସେ । ହକି ଗୋଲକିପରରୁ ଟିମ୍ ଇଣ୍ଡିଆ କୋଚ ଯାଏ ତାଙ୍କ ଜୀବନର ସଂଘର୍ଷ ଓ ଦଳକୁ ସଫଳ କରାଇବାର ଆତ୍ମବିଶ୍ୱାସ ତାଙ୍କୁ ବିଶ୍ୱ ହକିରେ କାଳଜୟୀ କରି ରଖିଛି । ୧୯୯୮ ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଦଳକୁ କୋଚ୍ ଭାବେ ସ୍ୱର୍ଣ୍ଣ ସଫଳତା ଦେବା ତଥା ୨୦୦୨ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାରତୀୟ ମହିଳା ଦଳକୁ ସ୍ୱର୍ଣ୍ଣ ଭେଟି ଦେବାରେ ପ୍ରମୁଖ ଭୂମିକା ନେଇଥିବା ମହାମାନବ ଏବେ ଗଲ୍ଫ ପ୍ରେମରେ ପଡିଛନ୍ତି । ୨୦୦୭ରେ ଚଳଚିତ୍ର ଚକ୍ ଦେ ଇଣ୍ଡିଆ ତାଙ୍କ ଆତ୍ମଜୀବନୀ ଉପରେ ପର୍ଯ୍ୟବେଶିତ । ସେହି ମହାନ୍ ହକି ଖେଳାଳି ମିର୍ ରଞ୍ଜନ ନେଗି ଏବେ ଆସିଛନ୍ତି ଓଡିଶା । ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ (ପେଶାଦାର)ରେ ସେ ଅଂଶଗ୍ରହଣ କରିଛନ୍ତି । ପ୍ରଥମ କରି ଭୁବନେଶ୍ୱର ଆସିଥିବା ନେଗି ଗଲ୍ଫ କୋର୍ସରେ କମାଲ କରୁଛନ୍ତି ।

(ଶକ୍ତି ପ୍ରକାଶ ନନ୍ଦ)



### ହକିରୁ ଗଲ୍ଫ ଯାତ୍ରା

ହକିରେ ଅନେକ ଉପଲବ୍ଧି ପାଇଛି । କ୍ୟାରିୟର ଶେଷ ହେବା ପରେ ଟେନିସ୍ ଖେଳୁଥିଲି । କିନ୍ତୁ ଗଲ୍ଫ ଖେଳିବା ଦିନଠୁ ମୋତେ ସବୁଠୁ ଅଧିକ ଆତ୍ମ ସନ୍ତୋଷ ମିଳିଛି । ବ୍ୟାଡମିଣ୍ଟନରେ ମୋର ତିନି /ଚାରିଜଣ ବନ୍ଧୁଙ୍କ ଶାରୀରିକ ଚାପ ଯୋଗୁଁ ମୃତ୍ୟୁ ହୋଇଥିଲା । ପରିଣତ ବୟସରେ ପଦାର୍ପଣ କଲେ ଶରୀର ଆଉ ଚାପ ନେବାକୁ ଅନୁମତି ଦିଏନି । ଜଣାପଡେ ନି ଆମକୁ ବୟସ ବଢିଯାଇଛି, ତେଣୁ ଇଞ୍ଜୁରୀ ସହ ହାର୍ଟର ଚାପ ବଢିଥାଏ । ବନ୍ଧୁମାନେ ପରାମର୍ଶ ଦେଲେ କି ଏପରି ଖେଳ ଚୟନ କର ଯେଉଁଥିଲେ ଶରୀର ସୁସ୍ଥ ସହ ଆତ୍ମସନ୍ତୋଷ ଆଉ ଦୀର୍ଘାୟୁ ହୋଇପାରିବ । ଗଲ୍ଫ ଏପରି ଏକ ଖେଳ ଯାହା ଅନ୍ୟ ଖେଳ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଯଦି ଆଗକୁ ମୁଁ ଭାରତୀୟ ଦଳର କୋଚ୍ ହୁଏ, ତାହା ହେଲେ ଚେଷ୍ଟା କରିବି ମୋର ସମସ୍ତ ପ୍ରଶିକ୍ଷାର୍ଥୀ ଭବିଷ୍ୟତରେ ଗଲ୍ଫ ଖେଳନ୍ତୁ । ଗଲ୍ଫ ମାନସିକ ସ୍ତରରେ ଦୃଢ କରିଥାଏ । ମୁଁ ଭାବୁଛି ଗଲ୍ଫ ଠାରୁ ଆଉ କିଛି ଭଲ ଖେଳ ନାହିଁ ।

### ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଯାତ୍ରା

ମୁଁ ପ୍ରଥମ ଥର ଭୁବନେଶ୍ୱର ଆସିଛି । ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସିଛି । ପୂର୍ବରୁ ଦିଲ୍ଲୀପଙ୍କ କୋଚ୍ ଥିଲି । ଏବେ ଦିଲ୍ଲୀପଙ୍କ ସହ ଗଲ୍ଫ କୋର୍ସରେ ଖେଳୁଛି । ଦିଲ୍ଲୀପ ଏବେ କ୍ରୀଡାକୁ ପ୍ରମୋଟ କରୁଛନ୍ତି, ଖୁବ ଭଲ କଥା । ମୁଁ ଭାବୁଛି ଆଗାମୀ ଦିନରେ ଭୁବନେଶ୍ୱରରୁ ଗଲ୍ଫରେ ବହୁ ଭଲ ଖେଳାଳି ବାହାରିବେ । ଭାରତ ପାଇଁ ଅନ୍ୟାନ୍ୟ କ୍ରୀଡାରେ ଖେଳିସାରିଥିବା ବହୁ କ୍ରୀଡାବିତ୍ ଏବେ ଗଲ୍ଫ ପ୍ରେମରେ, ଯେମିତି ସଚିନ ତେନ୍ଦୁଲକର,ମହେନ୍ଦ୍ର ସିଂ ଧୋନୀ , ଅଗରକର ଗଲ୍ଫ ଖେଳୁଛନ୍ତି । କ୍ରିକେଟରଙ୍କ ଭଳି ହକି ଖେଳାଳି ମଧ୍ୟ ଗଲ୍ଫ ପ୍ରେମରେ ପଡିବା ସ୍ୱାଭାବିକ କଥା ।

### ଗଲ୍ଫ ନିଶାରେ ଯିଏ ପଡିଛି ସେ ଆଉ ପଛକୁ ଫେରି ପାରିନି

ହକିରୁ ଗଲ୍ଫ ଯାତ୍ରା ତଥା ଅନେକ ଟୁର୍ଣ୍ଣାମେଣ୍ଟ ଖେଳିବାର ଅନୁଭୂତି ରହିଛି । ସେ ଗଲ୍ଫ ତ ଖେଳିଛନ୍ତି, ହେଲେ ପ୍ରଥମ ଥର ବଡ ଟୁର୍ଣ୍ଣାମେଣ୍ଟରେ ସୁଯୋଗ ପାଇଛନ୍ତି ତାହା ପୁଣି ଭୁବନେଶ୍ୱରରେ । ପିଜିଟିଆଇର ପ୍ରଥମ ଟୁର୍ଣ୍ଣାମେଣ୍ଟ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ପିଜିଟିଆଇକୁ ଧନ୍ୟବାଦ ଦେଉଛି । ମୋ ସହ ଜାଫର ଇକ୍‌ବାଲ୍ ଅଛନ୍ତି । କ୍ରୀଡା ସମସ୍ତଙ୍କୁ ସବୁକିଛି ଶିଖାଏ । ଗଲ୍ଫ ନିଶା ଏତେ ଭୟଙ୍କର ଯେ, ଯିଏ ଗଲ୍ଫ ପ୍ରେମରେ ଥରେ ପଡିଛି ସାରା ଜୀବନ ଗଲ୍ଫଠୁ ଅଲଗା ହୋଇପାରିନାହିଁ । କର୍ମମୟ ଜୀବନରୁ ଅବ୍ୟାହତି ପରେ କିଛି ଲୋକ ଚେଷ୍ଟା କରନ୍ତି କିଛି ନୂଆ କରିବାକୁ । ଟାଇମପାସ୍ ହୁଏନି । ମାନସିକ ଚାପରେ ରୁନ୍ଧି ହୋଇଯାଆନ୍ତି । ଏପରି ସମୟରେ ଗଲ୍ଫ ହିଁ ଆପଣଙ୍କ ସାହାରା ବନିଥାଏ ।

### ଖୁବ୍ ମହଙ୍ଗା ଗଲ୍ଫ ଖେଳ

ସବୁଠୁ ଭଲ ପ୍ରସଙ୍ଗ ଇଏ । ସର୍ବଦା ମୋ ମନରେ ବି ଅନେକ ବାର ଆସିଛି । ମୁଁ ଚାହୁଁଛି କି ବର୍ତ୍ତମାନର ଯୁବ ପୀଢିଙ୍କୁ ଗଲ୍ଫ ଖେଳିବାର ସୁଯୋଗ ମିଳୁ । ଗଲ୍ଫ ବ୍ୟୟ ବହୁଳ ଖେଳ । ଦୁଇରୁ ଅଢେଇ ଲକ୍ଷ ଟଙ୍କାର ସେଟ୍ କିଣିବାକୁ ପଡେ । ସାଧାରଣ ବର୍ଗର ପିଲାଟିଏ ଗଲ୍ଫ ସେଟ୍ କିଣିବା ସମ୍ଭବ ନୁହେଁ । ପଡିଆରେ ଖେଳିବା ପାଉଣା ମଧ୍ୟ ଖୁବ୍ ମହଙ୍ଗା । ଡିଏଲ୍‌ଏଫ୍‌ରେ ଦିନକୁ ୧୨ ହଜାର, ବିପିଜିସିରେ ୬ ହଜାର । ଭାରତର ଯେକୌଣସି ଗଲ୍ଫ କୋର୍ସକୁ ଗଲେ ବି ୫ ହଜାରରୁ କମ୍ ନାହିଁ । ଦିନକୁ ଏତେ ଟଙ୍କା ଖର୍ଚ୍ଚ କରିବା ସମ୍ଭବ ନୁହେଁ ।

### ଗଲ୍ଫକୁ ପ୍ରୋତ୍ସାହିତ କରନ୍ତୁ ସରକାର

ଗଲ୍ଫ ପ୍ରଚାର ପ୍ରସାର ପାଇଁ ସରକାରଙ୍କୁ ପ୍ରୟାସ କରିବାକୁ ପଡିବ । ସର୍ବସାଧାରଣଙ୍କ ପାଇଁ ଗଲ୍ଫ କୋର୍ସ ହେବା ଦରକାର । ଗଲ୍ଫ ଏକାଡେମୀ ଆରମ୍ଭ ହେଲେ ଗଲ୍ଫର ପ୍ରଚାର ,ପ୍ରସାର ହୋଇପାରିବ । ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ଗଲ୍ଫର ଅଗ୍ରଗତି ଓ ଲୋକପ୍ରିୟତା ବଢିଛି । ତେଣୁ ମୋ ମତରେ ସରକାରଙ୍କୁ ଅନ୍ୟାନ୍ୟ କ୍ରୀଡା ଭଳି ଗଲ୍ଫ ବିକାଶ ଦିଗରେ ଧ୍ୟାନ ଦେବାର ସମୟ ଆସିଛି ।

### ସାତରଙ୍ଗର ଜୀବନ

ଏବେ ଉତ୍ତରାଖଣ୍ଡରେ ଫିଲ୍ମରେ ଅଭିନୟ କରୁଛନ୍ତି ମିର ରଞ୍ଜନ ନେଗି । ସିଙ୍ଗର ନରେନ୍ଦ୍ର ସିଂ ନେଗିଙ୍କ ଗୀତରେ ନାଚୁଛନ୍ତି ସେ । ମୋତେ ଏବେ ୬୭ ବର୍ଷ, କିନ୍ତୁ ମୁଁ ନିଜକୁ ୪୮ ବର୍ଷର ଅନୁଭବ କରୁଛି । ଏବେ ବି ଗଲ୍ଫରେ ମୁଁ ୩୦୦ ୟାର୍ଡସର ସଟ୍ ମାରୁଛି । ଖେଳ ସହ ଫିଲ୍ମ ଦୁନିଆ ମୋ ଜୀବନକୁ ସାତରଙ୍ଗରେ ସଜେଇ ଦେଇଛି ।

### ଭାରତୀୟ ହକିକୁ ୧୦୦ ବର୍ଷ

ନଭେମ୍ବର ୭ରେ ଭାରତୀୟ ହକିକୁ ୧୦୦ ବର୍ଷ ପୁରିବ । ଏ ନେଇ ସାରା ଦେଶରେ ବହୁ ହକି ପ୍ରତିଯୋଗିତା ଆୟୋଜନ ହେଉଛି । ଦିଲ୍ଲୀରେ ମଧ୍ୟ ସ୍ୱତନ୍ତ୍ର ମ୍ୟାଚର ଆୟୋଜନ ହୋଇଛି । ଏଥିରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଯୋଗ ଦେବେ । ମୁଁ ମଧ୍ୟ ମ୍ୟାଚର ଧାରା ବିବରଣୀ ଦେବି । ପୂର୍ବରୁ ଭାରତୀୟ ହକି ସଫଳତାର ଯେଉଁ ଶୀର୍ଷ ଛୁଇଁଥିଲା ସେହି ଧାରାକୁ ଆମକୁ ଆଗେଇ ନେବାକୁ ହେବ । ପ୍ରଶାସନିକ ସ୍ତରଠୁ ଆରମ୍ଭ କରି ପ୍ରଶିକ୍ଷକ, ସଂଘ ତଥା ସମସ୍ତ ଖେଳାଳି ହକି ପାଇଁ ସମର୍ପିତ ଭାବନା ନେଇ ଆଗକୁ ବଢିଲେ ଆମ ହକି ଆହୁରୀ ସମୃଦ୍ଧ ହେବ ।

### ଦିଲ୍ଲୀପଙ୍କୁ ପ୍ରଶଂସା

ଦିଲ୍ଲୀପ ତିର୍କୀ ହକି ଇଣ୍ଡିଆ ସଭାପତି ହେବା ପରଠୁ ହକିରେ ଗ୍ଲାମର ବଢିଛି, ପଇସା ଆସିଛି । ଲୋକଙ୍କ ଭଲ ପାଇବା ଶିଖର ଛୁଇଁଛି । ଦିଲ୍ଲୀପ ମୋର ଛାତ୍ର ଥିଲେ, ତେଣୁ ଗର୍ବ ଅନୁଭବ କରୁଛି । ଏବେ ଦିଲ୍ଲୀପଙ୍କ ନାଁରେ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି ।

### ହକି ବିକାଶରେ ଓଡିଶାର ହାତ

ଭାରତୀୟ ହକିକୁ ଶୀଖରରେ ପହଞ୍ଚାଇବାରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ୨୦୧୮ରୁ ଅଦ୍ୟାବଧି ଓଡିଶା ଭାରତୀୟ ହକି ଦଳର ପ୍ରାୟୋଜକ ରହିଛି । ୨୦୩୬ ପର୍ଯ୍ୟନ୍ତ ଏହି ଧାରା ଜାରି ରହିବ । ଖାସ୍ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ । ୭ ବର୍ଷ ପୂର୍ବେ ଓଡିଶା ସରକାର ହକିକୁ ଆପଣାଇ ନେଇଥିଲେ । ଭଲ ପାଇବା ଦେଇଥିଲେ । ଆର୍ଥିକ ସହାୟତା ଅଜାଡି ଦେଇଥିଲେ । ଆହୁରୀ ୧୦ ବର୍ଷ ଓଡିଶା ଭାରତୀୟ ହକି ଦଳର ପ୍ରାୟୋଜକ ରହିବ । ଏଭଳି କ୍ରୀଡାକୁ ଭଲ ପାଇବା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇରହିବ ।

## ଆରମ୍ଭ ହେଲା ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ

ଭୁବନେଶ୍ୱର,୨।୧୧(ସବ୍ୟୁ): ଓଡ଼ିଶାରେ ପେସାଦାର ଗଲ୍ଫ ପ୍ରତିଯୋଗିତା ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । କିମ୍ବଦନ୍ତୀ ଦିଲ୍ଲୀପ ତିର୍କୀଙ୍କ ନାମରେ ଏହି ପ୍ରତିଯୋଗିତା ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଗଲ୍ଫ କୋର୍ସରେ ଜାରି ରହିବ । ରବିବାର ପ୍ରଥମ ଦିନ ଉଭୟ ପେସାଦାର ଓ ଆମେଚର ମିଳିତ ଭାବେ ଖେଳାଯାଇଛି । ପରବର୍ତ୍ତୀ ୪ ଦିନ କେବଳ ପେସାଦାର ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରିବେ । ଦେଶର ପ୍ରମୁଖ ୭୨ ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି ।




ପ୍ରଥମ ଦିନ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ୧୬ ଜଣ ପେସାଦାର ଗଲ୍ଫରଙ୍କ ସହ ୪୮ ଜଣ ସ୍ଥାନୀୟ ଗଲ୍ଫରଙ୍କ ମଧ୍ୟରେ ୧୮ ହୋଲ ବିଶିଷ୍ଟ ମୁକାବିଲା ହୋଇଥିଲା । ପେସାଦାର ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଆଗାମୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ହେବ । ୭୨ ଜଣ ପ୍ରୋ -ଗଲ୍ଫର ସାରା ଭାରତ ବର୍ଷରୁ ଭୁବନେଶ୍ୱରରେ ଏକତ୍ରିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ମୋଟ ପୁରସ୍କାର ରାଶି ୨୦ ଲକ୍ଷ ଟଙ୍କା ରହିଛି । ହକି ଇଣ୍ଡିଆ ସଭାପତି ତଥା ଗଲ୍ଫର ଦିଲ୍ଲୀପ ତିର୍କୀଙ୍କ ସହ ପିଜିଟିଆଇର ବହୁ ଅଧିକାରୀଙ୍କ ଉପସ୍ଥିତିରେ ବିଜେତା ଟ୍ରଫି ଅନାବରଣ ହୋଇଛି ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି